# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୬/୨୦୨୫ (୧୨ ପୃଷ୍ଠା) | Bhubaneswar, Thursday, November 6/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୩୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 340 | ମୂଲ୍ୟ ₹୭/-




### ଭାରତୀୟ ଦଳକୁ ପନ୍ତ ଫେରିଲେ

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବୁଧବାର ଘୋଷିତ ୧୫ ଜଣିଆ ଭାରତୀୟ ଦଳକୁ ଉଇକେଟକିପର ରିଷଭ ପନ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି।

୧୨

୦୨

### ଫସିଗଲେ ସଲମାନ

ଏକ ପାନ ମସଲା କମ୍ପାନୀର ବିଜ୍ଞାପନରେ ବଲିଉଡ୍ ସୁପରଷ୍ଟାର ସଲମନ ଖାନ ଗ୍ରାହକଙ୍କୁ ଭ୍ରମିତ କରୁଥିବା ନେଇ କୋଟା କଞ୍ଜ୍ୟୁମର କୋର୍ଟ ତାଙ୍କୁ ନୋଟିସ ପଠାଇଛି।





କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଧବାର ବୋଇତ ବନ୍ଦାଣ ପରେ କଟକ ଗଡ଼ଗଡ଼ିଆ ଘାଟ ମହାନଦୀ ତଟ ଆବର୍ଜନାରେ ଭରିଯାଇଛି। (ଫଟୋ- ରାଜକିଶୋର ମହାନ୍ତି)

# ହରିୟାଣାରେ ୨୫ ଲକ୍ଷ ଜାଲ୍ ଭୋଟର: ରାହୁଲ

ନୂଆଦିଲ୍ଲୀ,୫।୧୧(ପି.ଟି./ଏଜେନ୍ସି)

ବିଭିନ୍ନ ରାଜ୍ୟରେ ନିଜ ଦଳର ଦୁର୍ବଳ ପ୍ରଦର୍ଶନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଦାୟୀ କରିଆସୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ହରିୟାଣା ଭୋଟ ପ୍ରସଙ୍ଗ ଉଠାଇଛନ୍ତି। ବିହାର ବିଧାନସଭା ନିର୍ବାଚନର ଠିକ୍ ଦିନକ ପୂର୍ବରୁ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ରାହୁଲ ଏକ ଖବରଦାତା ସମ୍ମିଳନୀ ଡାକି ୨୦୨୪ ହରିୟାଣା ବିଧାନସଭା ନିର୍ବାଚନରେ ଦଳୀୟ ପରାଜୟର କାରଣ ବଖାଣିଛନ୍ତି। ରାହୁଲ କହିଛନ୍ତି, କଂଗ୍ରେସ ଜିତିବା ନେଇ ଏକ୍‌ଜିଟ୍ ପୋଲ୍‌ଗୁଡ଼ିକ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ଭାଜପା ଏବଂ ନିର୍ବାଚନ କମିଶନ (ଇସି) ମିଳିମିଶି ଫଳାଫଳକୁ ଏପଟ ସେପଟ କରିଦେଲେ। ୨୫ ଲକ୍ଷ ଜାଲ୍ ଭୋଟର ସୃଷ୍ଟି କରି ସେମାନେ ଜନମତକୁ ନିଜ ସପକ୍ଷକୁ ଟାଣିବାରେ ସକ୍ଷମ ହୋଇଥିବା ରାହୁଲ ଅଭିଯୋଗ ଆଣିଛନ୍ତି। ଏପରି କି ହରିୟାଣା ବିଧାନସଭା ନିର୍ବାଚନ ବେଳେ ବ୍ରାଜିଲର ଜଣେ ମହିଳା ମଡେଲ ୧୦ଟି ବୁଥ୍‌ରେ ୨୨ ଥର ଭୋଟ ଦେଇଥିଲେ। ବିଭିନ୍ନ ବୁଥ୍‌ରେ ତାଙ୍କର ସ୍ୱିଟି, ସୀମା, ସରସ୍ୱତୀ ଭଳି ଭିନ୍ନ ଭିନ୍ନ ନାମ ରହିଥିଲା। ତେଣୁ ଏହି ଜାଲିଆତି ଏକ 'ସେଣ୍ଟ୍ରାଲାଇଜ୍‌ଡ ଅପରେଶନ୍' ବୋଲି ସେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ଇସି ରାହୁଲଙ୍କ ଦାବିକୁ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ହରିୟାଣା ଭୋଟର ତାଲିକାରେ ଯଦି ଜାଲିଆତି ହୋଇଥିଲା, ତେବେ କଂଗ୍ରେସ ପୂର୍ବରୁ କାହିଁକି ଏହାକୁ ଚ୍ୟାଲେଞ୍ଜ କରି ନ ଥିଲା ବୋଲି ଇସି ଅଧିକାରୀମାନେ ପ୍ରଶ୍ନ କରିଛନ୍ତି। ଯଦି ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେଉଥିଲେ, କଂଗ୍ରେସର ବୁଥ୍ ଏଜେଣ୍ଟମାନେ କାହିଁକି ତାକୁ ବିରୋଧ କରି ନ ଥିଲେ। ସେହିପରି ଭାଜପା ମଧ୍ୟ ରାହୁଲଙ୍କ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଛି। ରାହୁଲ ନିଜ ବିଫଳତା ଲୁଚାଇବାକୁ ଯାଇ ଦେଶକୁ ବଦନାମ କରୁଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମାଲୋଚନା କରିଛନ୍ତି।

### ପୂର୍ବରୁ କାହିଁକି ଅଭିଯୋଗ କଲନାହିଁ: ଇସି

(ଅଧିକ ରିପୋର୍ଟ: ପୃଷ୍ଠା-୨)

**ଆଜିର ସମ୍ପାଦକୀୟ** ଯୁଦ୍ଧ ପ୍ରଚ୍ଛଦରେ ମନ୍ଦିର

# ମେ'ଫେୟାର: ଭୁବନେଶ୍ୱରରେ ଟେକିଦେବେ ୧୦.୮୪୫ ଏକର ଜଙ୍ଗଲ ଜମି

ଭୁବନେଶ୍ୱର,୫।୧୧
(ରବିନାରାୟଣ ଜେନା)

ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ରାଜଧାନୀ ଛାତି ଉପରେ ଥିବା ଅମୂଲ୍ୟ ସମ୍ପଦକୁ ବଡ଼ବଡ଼ିଆଙ୍କୁ ଟେକିଦେବା ପାଇଁ ଜଙ୍ଗଲ ବିଭାଗର ବଡ଼ବାବୁମାନେ ଭାରି ବ୍ୟସ୍ତତା ଦେଖାଉଥିବା ପରିଲକ୍ଷିତ ହୋଇଛି। କେଉଁଠି ବିଲ୍‌ଡର୍ସଙ୍କ ପାଇଁ ଜଙ୍ଗଲ ଜମିକୁ ରାତାରାତି ଅଣଜଙ୍ଗଲ କିସମରେ ପରିବର୍ତ୍ତନକରିବା ପାଇଁ ସବୁ ବଳ ଖଟାଉଛନ୍ତି ତ ଆଉ କେଉଁଠି ହୋଟେଲ ବ୍ୟବସାୟୀଙ୍କ ପାଇଁ ସତେଯେମିତି ହୃଦୟ ଖୋଲିଦେଉଛନ୍ତି। ଏମିତିକି ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦେବାକୁ ମଧ୍ୟ କେତେକ କ୍ଷେତ୍ରରେ ପଛାଉନାହାନ୍ତି, ଯାହାର ସଦ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ମେ'ଫେୟାରକୁ ଜଙ୍ଗଲ ଜମି ଯୋଗାଣ କ୍ଷେତ୍ରରେ। ମେ'ଫେୟାରକୁ ଭୁବନେଶ୍ୱରରେ ୪ଟି ପ୍ଲଟ୍‌ରେ ସମୁଦାୟ ୧୦.୮୪୫ ଏକର ଜଙ୍ଗଲ ଜମି ଟେକିଦେବାକୁ ଜଙ୍ଗଲ ବିଭାଗର ବଡ଼ ଅଧିକାରୀଙ୍କ ବ୍ୟଗ୍ରତା ଦେଖାଦେଇଛି। ତଳିଆ କର୍ମଚାରୀମାନେ ଏକ୍ଷେତ୍ରରେ ପଛଘୁଞ୍ଚା ଦେଉଥିବାବେଳେ ବଡ଼ବଡ଼ିଆ ବାବୁମାନେ ଚାପ ପ୍ରୟୋଗକରି ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମି କିସମରେ ପରିବର୍ତ୍ତନକରିବା ପାଇଁ କିପରି ଆଗଭର ହେଉଛନ୍ତି ତାହା ଏସିଏଫ୍ ସୁଜୋୟ ଦତ୍ତଙ୍କ ବିବରଣୀରୁ ଜଣାଯାଇଛି।

ଫୋର୍‌ନାଇଟଲି ରିଜିଓନାଲ କୋ-ଅର୍ଡିନେଶନ ମିଟିଂ (ଏଫ୍‌ଆର୍‌ସିଏମ୍)ର ୮୬ତମ ବୈଠକର ସୂଚନା ଅନୁଯାୟୀ, ଡାଇରେକ୍ଟର ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ (ଡିଆଇଜିଏଫ୍-ସେଣ୍ଟ୍ରାଲ)ଙ୍କ ଅଧ୍ୟକ୍ଷତାରେ ୪୭ଟି ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ କିସମରେ ପରିବର୍ତ୍ତନକରିବା ପାଇଁ ନିକଟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ପରିବେଶ-୧ର ଅନୁମତି ଆଣିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେଥିରେ ମେ' ଫେୟାରର ୪ଟି ପ୍ରସ୍ତାବ ରହିଥିଲା, ଯେଉଁଥିରେ କି ପ୍ରଥମ ପ୍ରସ୍ତାବରେ ୧.୨୧୬ ହେକ୍ଟର ଜଙ୍ଗଲ ଜମି ମେ' ଫେୟାର ହୋଟେଲ୍ସ ଆଣ୍ଡ ରିସୋର୍ଟ ଲିଃ. ନାମରେ କରିବା ପାଇଁ ରହିଥିବାବେଳେ ଦ୍ୱିତୀୟଟିରେ ୦.୦୯୪ ହେକ୍ଟର, ତୃତୀୟଟିରେ ୦.୨୪୭ ହେକ୍ଟର ଏବଂ ଅନ୍ୟଟିରେ ୨.୮୩୨ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିବା ତଥା ଏହାର ପରିବେଶ-୧ ଅନୁମତି ଆଣିବାକୁ ପ୍ରସ୍ତାବ ରହିଥିଲା। ଏନେଇ ଡିଆଇଜିଏଫ୍ (କେନ୍ଦ୍ରୀୟ) ନୋଡାଲ ☞ପୃଷ୍ଠା-୪

### ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମ କରିବାକୁ ଜରୁରୀ ବୈଠକ

### ସୁଜୋୟ ଦତ୍ତ କିଏ ?

ଅନୁସନ୍ଧାନରୁ ଜଣାଯାଇଛି ଯେ, ସୁଜୋୟ ଦତ୍ତ ନାମକ ଜଣେ ଏସିଏଫ୍ ପଦବୀର ଅଧିକାରୀ କୋଲକାତାସ୍ଥିତ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ(ଏମ୍‌ଓଇଏଫ୍)ରେ କାର୍ଯ୍ୟରତ ଅଛନ୍ତି। ସେ ମେ' ଫେୟାର ସମ୍ପର୍କିତ ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ କିସମକୁ ପରିବର୍ତ୍ତନ କରିବା ତଥା ପରିବେଶ ଅନୁମତି ପ୍ରଦାନ କରାଇବା ପାଇଁ ତତ୍ପରତା ଦେଖାଇବା ସହିତ ବେଦାନ୍ତକୁ ଦିଆଯାଇଥିବା ରାୟଗଡ଼ା ସିଜିମାଳି ଖଣିର ରାସ୍ତାର ଜଙ୍ଗଲ କିସମ ପରିବର୍ତ୍ତନ ଦାୟିତ୍ୱ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ରାସ୍ତାଟି ଜଙ୍ଗଲ ଜମିରେ ଅବସ୍ଥାପିତ ପ୍ରସ୍ତାବିତ ରାସ୍ତା ହୋଇଥିବାରୁ ବେଦାନ୍ତର ଖଣି ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି କମ୍ପାନୀ ଅତ୍ୟନ୍ତ ବ୍ୟଗ୍ରତା ଦେଖାଉଥିବା ପରିଲକ୍ଷିତ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ(ଏମଓଇଏଫ୍)ର ଭୁବନେଶ୍ୱରରେ ମଧ୍ୟ ଏକ କାର୍ଯ୍ୟାଳୟ ରହିଛି। କିନ୍ତୁ ସେଠାରେ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବିଦା କରି ଦିଆଯାଇଥିବାରୁ ସୁଜୋୟଙ୍କୁ ଏହି ସବୁ ଦାୟିତ୍ୱ ଦିଆଯାଉଛି।

# ବାହୁଦାରେ ନୂଆ ବନ୍ଦର, ମହାନଦୀ ମୁହାଣରେ ଜାହାଜ ନିର୍ମାଣ କେନ୍ଦ୍ର

### ପାରାଦୀପ ବନ୍ଦର ହେବ ମେଗା ପୋର୍ଟ

ଗଞ୍ଜାମ ଜିଲାର ବାହୁଦାରେ ନୂଆ ବନ୍ଦର ଏବଂ ପାରାଦୀପ ନିକଟ ମହାନଦୀ ମୁହାଣରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ୪୬ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପ ବନ୍ଦରରେ ବୁଧବାର ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ-୨୦୨୫ରେ ଯୋଗଦେଇ କହିଛନ୍ତି। ୨୦୧୫ରେ ପାରାଦୀପ ବନ୍ଦରର ପଣ୍ୟ ପରିବହନ କ୍ଷମତା ୭୧ ନିୟୁତ ଟନ୍ ଥିଲା, ଯାହା ବୃଦ୍ଧି ପାଇ ୨୦୨୫ରେ ୧୫୦ ନିୟୁତ ଟନ୍‌ରେ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। ମାରି-ଟାଇମ୍ ଇଣ୍ଡିଆ ଭିଜନ ୨୦୩୦ ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ ବିକଶିତ ଭାରତ ୨୦୪୭ ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ଖର୍ଚ୍ଚ ହେବ ୪୬ ହଜାର କୋଟି: ମୁଖ୍ୟମନ୍ତ୍ରୀ



ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ସୁସଜ୍ଜିତ ବୋଇତକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ବିଦାୟ ଦେଉଛନ୍ତି। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାରାଣ୍ଡି, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ।

ପାରାଦୀପ, ୫।୧୧(ଶରତ ରାଉତ)

ପାରାଦୀପ ବନ୍ଦର ପକ୍ଷରୁ ୱେଟ୍ ବେସିନ୍‌ଠାରେ ବୁଧବାର ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପତ୍ନୀକ ଯୋଗଦେଇ ପାରମ୍ପରିକ ଭାବେ ପୂଜା କରିଥିଲେ। ପରେ ସୁସଜ୍ଜିତ ବୋଇତକୁ ପତାକା ଦେଖାଇ ବିଦାୟ ଦେଇଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ବୋଇତ ବନ୍ଦାଣ ଓ ବାଲିଯାତ୍ରା ଓଡ଼ିଶାର ଗୌରବମୟ ଐତିହ୍ୟର ପ୍ରତୀକ। ନୌବାଣିଜ୍ୟ ପରମ୍ପରା ଆଜି ବି ଓଡ଼ିଆ ଜନତାଙ୍କୁ ପ୍ରେରଣା ଦେଉଛି, ସେମାନେ ଧୈର୍ଯ୍ୟ ଓ ସାହସ ସହିତ ନୂଆ ଶିଖର ଛୁଇଁପାରିଛନ୍ତି। ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦର ଅଗ୍ରଣୀ ଭୂମିକା ଗ୍ରହଣ ରହିଛି। ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଚିତ ହୋଇଛି। ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ୍ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ। ଏହାସହ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ☞ପୃଷ୍ଠା-୪

# ଜୋହରାନ୍ ମମଦାନୀ ନ୍ୟୁୟର୍କ ମେୟର

ନ୍ୟୁୟର୍କ,୫।୧୧(ପି.ଟି./ଏଜେନ୍ସି)

ଜୋହରାନ୍ ମମଦାନୀ ବୁଧବାର ଆମେରିକାର ନ୍ୟୁୟର୍କ ସିଟି ମେୟର ଭାବେ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି। ୩୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଜଣେ ଡେମୋକ୍ରାଟିକ୍ ସୋସିଆଲିଷ୍ଟ। ବିଶ୍ୱର ଆର୍ଥିକ ରାଜଧାନୀରେ ପ୍ରଶାସନିକ ମୁଖ୍ୟ ପଦ ଅଳଙ୍କୃତ କରିବାରେ ସେ ହେଉଛନ୍ତି ପ୍ରଥମ ଦକ୍ଷିଣ ଏସୀୟ, ମୁସ୍‌ଲିମ ଓ ୧ ଶତାବ୍ଦୀ ମଧ୍ୟରେ ସର୍ବକନିଷ୍ଠ।

ମମଦାନୀ ହେଉଛନ୍ତି ଭାରତୀୟ ଫିଲ୍ମ ପ୍ରଯୋଜିକା ମୀରା ନାୟାର ଏବଂ ଭାରତୀୟ ବଂଶୋଦ୍ଭବ ସ୍କୋଲାର ମହମୁଦ ମମଦାନୀଙ୍କ ପୁଅ। ମମଦାନୀ ନ୍ୟୁୟର୍କର ପୂର୍ବତନ ଗଭର୍ନର ତଥା ଦୁର୍ନୀତିରେ ଛନ୍ଦି ହୋଇଯାଇଥିବା ଆଣ୍ଡ୍ରିଉ କୁଓମୋଙ୍କୁ ହରାଇ ବିଜୟ ଲାଭ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥିତ କୁଓମୋ ଜଣେ ଡେମୋକ୍ରାଟ୍ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେହିପରି ରିପବ୍ଲିକାନ୍ ପ୍ରାର୍ଥୀ କୁର୍ତିସ୍ ସ୍ଲିୱା ମଧ୍ୟ ନିର୍ବାଚନ ଲଢ଼ିଥିଲେ। ଏଥିଯୋଗୁ ନ୍ୟୁୟର୍କ ସିଟି ମେୟର ନିର୍ବାଚନ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ମୋଟ ୨,୦୫୫,୯୨୧ ଭୋଟର ମତଦାନ କରିଥିବାବେଳେ ମମଦାନୀଙ୍କ ସପକ୍ଷରେ ୧,୦୩୬,୦୫୧ ଖଣ୍ଡ ଭୋଟ ପଡ଼ିଥିଲା। କୁଓମୋ ୮୫୪,୯୯୫ ଏବଂ ସ୍ଲିୱା ୧୪୬, ୧୩୭ ଭୋଟ ପାଇଥିଲେ।

୮.୪ ନିୟୁତରୁ ଉର୍ଦ୍ଧ୍ୱ ବାସିନ୍ଦାଙ୍କ ସହରରେ ମମଦାନୀଙ୍କ ଐତିହାସିକ ବିଜୟକୁ ପ୍ରଗତିଶୀଳ ରାଜନୀତିର ପ୍ରତ୍ୟାବର୍ତ୍ତନ ରୂପେ ଦେଖାଯାଉଛି। ମମଦାନୀ ଶ୍ରମିକ ଶ୍ରେଣୀର ଲୋକଙ୍କୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ମାଗଣାରେ ଶିଶୁଯତ୍ନ, ☞ପୃଷ୍ଠା-୪



ଜୋହରାନ୍ ମମଦାନୀ

# ଧାନ ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି

ଭୁବନେଶ୍ୱର,୫।୧୧ (ରବିନାରାୟଣ ଜେନା)

ରାଜ୍ୟର କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ପହିଲାରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖରିଫ୍ ଋତୁ ଲାଗି କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବାବଦକୁ ଅତିରିକ୍ତ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଏମ୍‌ଏସ୍‌ପି ଅନୁଯାୟୀ, ଏଣିକି ଚାଷୀଙ୍କୁ କୁଇଣ୍ଟାଲ ପିଛା ୨୩୦୦ ବଦଳରେ ୨୩୬୯ ଟଙ୍କା ସାଧାରଣ ଧାନ ବାବଦକୁ ମିଳିବ। ଏହାବାଦ୍ ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି ମିଶିବା ପରେ ଧାନ କୁଇଣ୍ଟାଲ ପିଛା ୩୧୦୦ ବଦଳରେ ୩୧୬୯ ଟଙ୍କା ହେବ। ଏନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନଭେମ୍ବର ପହିଲାରେ ବିଜ୍ଞପ୍ତିନାମା ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଦର୍ଶାଇଛନ୍ତି, ସାଧାରଣ ଧାନ କୁଇଣ୍ଟାଲ ପିଛା ଖରିଫ୍ ଲାଗି ୨,୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ୨୩୮୯ ଟଙ୍କା ରହିଛି। ତେବେ ଏଥିରେ ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ମିଶିବା ପରେ ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ଚାଷୀ ୩୧୮୯ ଟଙ୍କା ପାଇବେ।

# ବ୍ରାଜିଲୀୟ ମଡେଲ ୨୨ ଥର ଭୋଟ ଦେଇଛନ୍ତି

## ରାହୁଲଙ୍କ ହାଇଡ୍ରୋଜେନ୍ ବମ୍

- ଭୋଟ ଚୋରି ବ୍ୟବସ୍ଥା ମୋଦି, ଇସି ବିକଶିତ କରିଛନ୍ତି
- ହରିୟାଣାରେ ୨୫ ଲକ୍ଷ ଜାଲ୍ ମତଦାତା
- କଂଗ୍ରେସ ପୂର୍ବରୁ କାହିଁକି ଅଭିଯୋଗ କଲାନାହିଁ: ଇସି
- ନିଜ ବିଫଳତା ଲୁଚାଇବା ପାଇଁ ଦେଶକୁ ବଦନାମ: ଭାଜପା

ନୂଆଦିଲ୍ଲୀ,୫ା୧୧(ପି.ଟି./ଏଜେନ୍ସି)



ହରିୟାଣାରେ ବିଭିନ୍ନ ନାଁରେ ୨୨ ଥର ଭୋଟ ଦେଇଥିବା ବ୍ରାଜିଲୀୟ ମଡେଲଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି ରାହୁଲ ଗାନ୍ଧୀ। (ଫଟୋ- ଚମନ ଗୌତମ)

ହରିୟାଣା ବିଧାନସଭା ନିର୍ବାଚନ ବେଳେ ବ୍ରାଜିଲର ଜଣେ ମହିଳା ମଡେଲ ୧୦ଟି ବୁଥ୍‌ରେ ୨୨ ଥର ଭୋଟ ଦେଇଥିଲେ। ବିଭିନ୍ନ ବୁଥ୍‌ରେ ତାଙ୍କର ସ୍ୱିଟି, ସୀମା, ସରସ୍ୱତୀ ଭଳି ଭିନ୍ନ ଭିନ୍ନ ନାମ ରହିଥିଲା। ତେଣୁ ଏହି ଜାଲିଆତି ଏକ 'ସେଣ୍ଟ୍ରାଲାଇଜ୍‌ଡ ଅପରେଶନ୍' ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି।

୨୦୨୪ ଅକ୍ଟୋବର ୫ରେ ହରିୟାଣା ବିଧାନସଭାର ୯୦ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ଗ୍ରହଣ ଠିକ୍ ଶେଷ ହେବା ପରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ବୁଥ୍ ଫେରନ୍ତା ମତଦାତାଙ୍କ ଜନମତ ସଂଗ୍ରହ କରାଯାଇ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍‌ରେ କଂଗ୍ରେସ ବିଜୟୀ ହେବ ବୋଲି ଭବିଷ୍ୟବାଣୀ କରାଯାଇଥିଲା। କିନ୍ତୁ ଫଳ ଓଲଟା ଆସିଲା। ଭାଜପା ୪୮ ଆସନ ଦଖଲ କରି ସରକାର ଗଢ଼ିବାରେ ସକ୍ଷମ ହେଲା। ଭାଜପା ଓ ନିର୍ବାଚନ କମିଶନ (ଇସି)ଙ୍କ ସଲାସୁତୁରାରେ ୨୫ ଲକ୍ଷ ଜାଲ୍ ଭୋଟର ସୃଷ୍ଟି କରାଯିବାରୁ ଏପରି ହୋଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସି ମିଳିତ ଭାବେ ଏହି ଭୋଟ ଚୋରି ମଡେଲ ବିକଶିତ କରିଥିବା ସେ ସମାଲୋଚନା କରିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ ତାଙ୍କର ବହୁପ୍ରତୀକ୍ଷିତ ହାଇଡ୍ରୋଜେନ୍ ବମ୍ ନିକ୍ଷେପ କରିଛନ୍ତି। ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ରାହୁଲ କହିଛନ୍ତି, ଗତବର୍ଷ ହରିୟାଣା ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଛି। ରାଜ୍ୟରେ ୨ କୋଟି ମତଦାତା ଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ଲକ୍ଷ ହେଉଛନ୍ତି ଜାଲ୍ ଭୋଟର। ଅର୍ଥାତ୍ ପ୍ରତି ୮ ଭୋଟରଙ୍କ ମଧ୍ୟରୁ ଜଣେ ନକଲି। ଏହିପରି ଭାବେ ହରିୟାଣାରେ ୧୨.୫% ଜାଲ୍ ଭୋଟର ରହିଛନ୍ତି। ଏହାର ଉଦାହରଣ ଦେବାକୁ ଯାଇ ରାହୁଲ ସ୍କ୍ରିନ୍‌ରେ ଜଣେ ଯୁବତୀଙ୍କ ଫଟୋ ଦେଖାଇ କହିଛନ୍ତି, ଏହା ଜଣେ ବ୍ରାଜିଲୀୟ ମଡେଲ। ତାଙ୍କ ଫଟୋ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଏହି ମହିଳା ବିଭିନ୍ନ ନାମରେ ୧୦ଟି ବୁଥ୍‌ରେ ୨୨ ଥର ଭୋଟ ଦେଇଛନ୍ତି। ରାହୁଲ ଭୋଟର ଜାଲିଆତିର ଆଉ ଏକ ଦୃଷ୍ଟାନ୍ତ ଉପସ୍ଥାପନ କରି ସେହି ତଥାକଥିତ ମଡେଲଙ୍କ ଫଟୋକୁ ପୁଣି ଦେଖାଇ ତାଙ୍କ ନାମରେ ଗୋଟିଏ ନିର୍ବାଚନମଣ୍ଡଳୀରେ ୧୦୦ ଭୋଟର ପରିଚୟପତ୍ର ଜାରି ହୋଇଥିବା ଦାବି କରିଛନ୍ତି। ସେ କହିଛନ୍ତି, ଅନ୍ୟମାନେ ଯେପରି ମତଦାନ କରିପାରିବେ ନାହିଁ, ତାହା ସୁନିଶ୍ଚିତ କରିବା ପାଇଁ ଏପରି କରାଯାଇଛି। ଏହାଦ୍ୱାରା ଭାଜପା ଲୋକେ ବିଭିନ୍ନ ରାଜ୍ୟରୁ ଆସି ହରିୟାଣାରେ ଭୋଟ ଦେବାରେ ସକ୍ଷମ ହୋଇଛନ୍ତି। ସେହିପରି ଭୋଟର ତାଲିକାରେ ୨୨୩ ଥର ଫଟୋ ଥିବା ଅନ୍ୟ ଜଣେ ମହିଳାଙ୍କ ଫଟୋ ମଧ୍ୟ ରାହୁଲ ଦେଖାଇଛନ୍ତି। ଏହି କାରଣରୁ ନିର୍ବାଚନ କମିଶନ ସିସିଟିଭି ଫୁଟେଜ୍‌କୁ ନଷ୍ଟ କରିଦେଇଥିଲେ ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ନିର୍ବାଚନ ପୂର୍ବରୁ ଭାଜପାକୁ ସାହାଯ୍ୟ କରିବା ପାଇଁ ଭୋଟର ତାଲିକାରୁ ୩.୫ ଲକ୍ଷ ନାମକୁ ହଟାଇ ଦିଆଯାଇଥିଲା। ଏସବୁ କାରସାଦି ହୋଇଥିବା ନେଇ ଭୋଟ ପରେ କଂଗ୍ରେସ ପ୍ରାର୍ଥୀମାନେ ତାଙ୍କୁ ଜଣାଇଥିଲେ। ରାହୁଲ କହିଥିଲେ, ଏକ୍‌ଜିଟ୍ ପୋଲ୍ କହୁଛି କଂଗ୍ରେସ ଜିତିବ। କିନ୍ତୁ ଫଳାଫଳ ଭାଜପା ସପକ୍ଷରେ ଆସିଲା। ଏପରି କି ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ନାୟବ ସିଂ ସାଇନି ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଗଣମାଧ୍ୟମ ଆଗରେ ହସିହସି କହୁଥିଲେ, ଭାଜପାର ବିଜୟ ପାଇଁ ସବୁ ବ୍ୟବସ୍ଥା କରାଯାଇଛି। ସେହି ବ୍ୟବସ୍ଥା କ'ଣ ଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ରାହୁଲ ଆହୁରି କହିଛନ୍ତି, ସେ ୧୦୦ ପ୍ରତିଶତ ପ୍ରମାଣ ସହ କମିଶନ ଏବଂ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଉଛନ୍ତି। କଂଗ୍ରେସର ବିପୁଳ ବିଜୟକୁ ପରାଜୟରେ ପରିଣତ କରିବା ପାଇଁ ଏକ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ ହୋଇଥିଲା। କଂଗ୍ରେସ ୮ଟି ନିର୍ବାଚନମଣ୍ଡଳୀରେ ଅତି କମ୍ ଭୋଟ ବ୍ୟବଧାନରେ ହାରିଛି। ଏପରି କି ଗୋଟିଏ ଆସନରେ ଭୋଟ ବ୍ୟବଧାନ ମାତ୍ର ୩୨ ରହିଛି। ଏହି ସମସ୍ତ ନିର୍ବାଚନମଣ୍ଡଳୀର ମାର୍ଜିନ୍‌କୁ ମିଶାଇଲେ ୨୨,୭୭୯ ହେବ। ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସହଭାଗିତା କରିଛନ୍ତି। ଏମାନେ ସମସ୍ତେ ମିଶି ଭୋଟ ଚୋରି ଜରିଆରେ ଦେଶର ଗଣତାନ୍ତ୍ରିକ ମୂଳଦୁଆକୁ ଧ୍ୱଂସ କରିଦେଇଛନ୍ତି। ଏମାନେ ବିହାର ନିର୍ବାଚନରେ ମଧ୍ୟ ଅନୁରୂପ ପ୍ରୟୋଗ କରିବାକୁ ଯାଉଛନ୍ତି ବୋଲି ମତଦାନର ଦିନକ ପୂର୍ବରୁ ରାହୁଲ ଭବିଷ୍ୟବାଣୀ କରିଛନ୍ତି। ରାହୁଲଙ୍କ ପ୍ରଘଟ ଭାରତର ସବୁଠୁ ବଡ଼ ନିର୍ବାଚନୀ ଜାଲିଆତିକୁ ଧରାପକାଇ ଦେଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

ଅନ୍ୟପକ୍ଷେ ଇସି ରାହୁଲଙ୍କ ଦାବିକୁ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଇସି ଅଧିକାରୀମାନେ କହିଛନ୍ତି, ହରିୟାଣା ଭୋଟର ତାଲିକାରେ ଯଦି ଜାଲିଆତି ହୋଇଥିଲା, ତେବେ କଂଗ୍ରେସ ପୂର୍ବରୁ କାହିଁକି ଏହାକୁ ଚ୍ୟାଲେଞ୍ଜ କରି ନ ଥିଲା। ଯଦି ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେଉଥିଲେ, କଂଗ୍ରେସର ବୁଥ୍ ଏଜେଣ୍ଟମାନେ କାହିଁକି ତାକୁ ବିରୋଧ କରି ନ ଥିଲେ। ସେହିପରି ଭାଜପା ମଧ୍ୟ ରାହୁଲଙ୍କ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଛି। ରାହୁଲ ନିଜ ବିଫଳତା ଲୁଚାଇବାକୁ ଯାଇ ଦେଶକୁ ବଦନାମ କରୁଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମାଲୋଚନା କରିଛନ୍ତି।

## ହିମସ୍ଖଳନରେ ୯ ପର୍ବତାରୋହୀଙ୍କ ମୃତ୍ୟୁ

କାଠମାଣ୍ଡୁ,୫ା୧୧

ନେପାଳରେ ୨ଟି ପୃଥକ୍ ହିମସ୍ଖଳନରେ ୨ ନେପାଳୀ ଗାଇଡ୍‌ଙ୍କ ସମେତ ୯ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଗୌରୀଶଙ୍କର ରୁରାଲ ମ୍ୟୁନିସିପାଲିଟି ଅନ୍ତର୍ଗତ ମାଉଣ୍ଟ ୟାଲୁଙ୍ଗ ରି ନିକଟରେ ହିମସ୍ଖଳନରେ ୭ ପର୍ବତାରୋହୀଙ୍କ ଜୀବନ ଯାଇଥିବା ଡିଏସ୍‌ପି ଜ୍ଞାନକୁମାର ମାହାତୋ କହିଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ନେପାଳୀ, ୨ ଇଟାଲୀୟ ଏବଂ କାନାଡା, ଫ୍ରାନ୍ସ ଓ ଜର୍ମାନୀରୁ ଜଣେ ଲେଖାଏ ଅଛନ୍ତି। ଏହା ବ୍ୟତୀତ ଆହତ ୫ ଜଣଙ୍କ ମଧ୍ୟରୁ ୩ ଜଣ ନେପାଳୀ ଓ ୨ ଜଣ ଫ୍ରାନ୍ସ ନାଗରିକ। ଆହତମାନଙ୍କୁ ହେଲିକପ୍ଟର ଯୋଗେ କାଠମାଣ୍ଡୁ ହସ୍ପିଟାଲକୁ ନିଆଯାଇଛି। ଗତ ୨୮ ତାରଖରେ ପ୍ରବଳ ତୁଷାରପାତ ଯୋଗୁ ମାନସ୍ଲୁ ଅଞ୍ଚଳରେ ଥିବା ମାଉଣ୍ଟ ପାନବାରିରେ ହିମସ୍ଖଳନ ଘଟି ୨ ଇଟାଲୀୟଙ୍କ ମୃତ୍ୟୁ ହୋଇଛି।

## ଇରାନ୍‌କୁ ଆଣବିକ ଯୋଜନା ବିକୁଥିଲେ ନକଲି ବୈଜ୍ଞାନିକ


ଅଖ୍‌ତର ହୁସେନି କୁତ୍‌ବୁଦ୍ଦିନ୍ ଅହମଦ

ମୁମ୍ବାଇ,୫ା୧୧

ଇରାନ୍‌ର କମ୍ପାନୀଗୁଡ଼ିକୁ ଆଣବିକ ଯୋଜନା ବିକ୍ରିପାଇଁ ଉଦ୍ୟମ ଚଳାଇଥିବା ଜଣେ ନକଲି ବୈଜ୍ଞାନିକଙ୍କୁ ମୁମ୍ବାଇ ପୋଲିସ ବୁଧବାର ଗିରଫ କରିଛି। ୬୦ ବର୍ଷୀୟ ଅଖ୍‌ତର ହୁସେନି କୁତ୍‌ବୁଦ୍ଦିନ୍ ଅହମଦ ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ବୈଜ୍ଞାନିକ ପରିଚୟ ଦେଇ ଆଣବିକ-ସମ୍ପର୍କିତ ଡିଜାଇନ୍ ବିକିବା ପାଇଁ ମସୁଧା ଚଳାଇଥିଲେ। ଅଖ୍‌ତର ଗତ ମାର୍ଚ୍ଚ ଓ ଏପ୍ରିଲରେ ଏଥିପାଇଁ ଭାରତ ଓ ଦୁବାଇରେ ଥିବା ଇରାନୀୟ ଦୂତାବାସକୁ ଅନେକ ଥର ଯାଇଥିଲେ। ଏହି ବିଷୟ ଜଣାପଡ଼ିବା ପରେ ପୋଲିସ ଅଖ୍‌ତର ଓ ତାଙ୍କ ଭାଇ ଆଦିଲ ହୁସେନି(୫୯)ଙ୍କୁ ଗିରଫ କରିଛି।

## ଏନ୍‌କାଉଣ୍ଟରରେ ୪ କୁକି ଉଗ୍ରପନ୍ଥୀ ନିହତ

ଗୁଆହାଟୀ, ୫ା୧୧

ମଣିପୁରର ଚୁରାଚାନ୍ଦପୁର ଜିଲାରେ ମଙ୍ଗଳବାର ସକାଳେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୟୁନାଇଟେଡ୍ କୁକି ନ୍ୟାଶନାଲ ଆର୍ମି (ୟୁକେଏନ୍‌ଏ) ଉଗ୍ରପନ୍ଥୀ ସଂଗଠନର ୪ ସଦସ୍ୟ ନିହତ ହୋଇଛନ୍ତି। ହେଙ୍ଗ୍‌ଲେପ ଉପଖଣ୍ଡର ଖାନ୍‌ପି ଗ୍ରାମରେ ଏହି ଗୁଳିବିନିମୟ ଘଟିଥିଲା। ଉଗ୍ରପନ୍ଥୀମାନେ ସେନା ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହିଂସାରେ ଲିପ୍ତ ୟୁକେଏନ୍‌ଏ କ୍ୟାଡରମାନଙ୍କୁ ଧରିବା ପାଇଁ ସେନା ଏବଂ ଆସାମ ରାଇଫଲ୍ସର ଯବାନମାନେ ତଲାସି ଅଭିଯାନ ଚଳାଇଥିବାବେଳେ ଏନ୍‌କାଉଣ୍ଟର ଘଟିଥିଲା।

## ଫିଲିପାଇନ୍ସରେ ବାତ୍ୟା: ୪୦ ମୃତ

ମାନିଲା,୫ା୧୧

କେନ୍ଦ୍ରୀୟ ଫିଲିପାଇନ୍ସରେ ସୋମବାର ବିଳମ୍ବିତ ରାତିରେ ବାତ୍ୟା କାଲମାଇଗି ତାଣ୍ଡବ ରଚିଛି। ଏଥିରେ ୪୦ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ବାତ୍ୟାଜନିତ ବନ୍ୟାରେ ସେବୁ ଦ୍ୱୀପର ସମ୍ପୂର୍ଣ୍ଣ ସହର ଜଳାର୍ଣ୍ଣବ ହୋଇଯାଇଛି। ଆହତଙ୍କ ମଧ୍ୟରେ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏକ ସାମରିକ ହେଲିକପ୍ଟର ମିଣ୍ଡାନାଓ ଦ୍ୱୀପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୬ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସ୍ଥଳଭାଗ ଛୁଇଁବା ବେଳକୁ ପବନର ଘଣ୍ଟାପ୍ରତି ବେଗ ୧୩୦ କି.ମି. ଥିଲା।



## ବିଷାକ୍ତ ବାୟୁ ପାଇଁ ଆଖି ସମସ୍ୟା ୬୦% ବଢ଼ିଛି

### ଦିଲ୍ଲୀ ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ,୫ା୧୧(ପି.ଟି.)

ଦିଲ୍ଲୀ ଉପରେ ଧୂଆଁ, କୁହୁଡ଼ି ଏବଂ ବିଷାକ୍ତ ବାୟୁର ବହଳ ଆସ୍ତରଣ ଝୁଲି ରହିଥିବାରୁ ଆଖି ସମସ୍ୟା ୬୦ ପ୍ରତିଶତ ବଢ଼ିଥିବା ସହରର ଡାକ୍ତରମାନେ କହିଛନ୍ତି। ଉଭୟ ପିଲା ଓ ବୟସ୍କଙ୍କ ଆଖିରେ ଆଲର୍ଜି, ଶୁଷ୍କତା, ଜଳାପୋଡ଼ା ଓ ଅଧିକ ପାଣି ଗଡ଼ିବା ଭଳି ସମସ୍ୟା ଦେଖାଯାଉଛି। ଦୀପାବଳି ପରେ ଦିଲ୍ଲୀ ବାୟୁ ଗୁଣବତ୍ତା ଗମ୍ଭୀର ସ୍ତରରେ ରହିଛି। ବାୟୁରେ ଧୂଆଁ ସାଙ୍ଗକୁ ଧୂଳିକଣା, ବାଣ ଫୁଟିବା ଯୋଗୁ ରାସାୟନିକ ଉପାଦାନ ରହିଛି। ବିପଜ୍ଜନକ ଭାବେ ପ୍ରଦୂଷିତ ଏହି ବାୟୁ କେବଳ ଫୁସ୍‌ଫୁସ୍ ପାଇଁ ନୁହେଁ ଆଖି ପାଇଁ ମଧ୍ୟ କ୍ଷତିକାରକ ବୋଲି ଚକ୍ଷୁ ବିଶେଷଜ୍ଞମାନେ କହିଛନ୍ତି। ପ୍ରତିବର୍ଷ ଦୀପାବଳି ପରେ ଦିଲ୍ଲୀରେ ଆଖି ସମସ୍ୟା ବଢ଼ିଥାଏ ବୋଲି ସାର୍ ଗଙ୍ଗାରାମ ହସ୍ପିଟାଲ ଏବଂ ଦିଲ୍ଲୀ ଆଇ ସେଣ୍ଟରର ଚକ୍ଷୁ ବିଶେଷଜ୍ଞ ଡା. ଇକେଡ଼ା ଲାଲ୍ କହିଛନ୍ତି। ଶୁଷ୍କ ଚକ୍ଷୁ ଥିବା ଲୋକେ ବେଶି କଷ୍ଟ ଅନୁଭବ କରୁଛନ୍ତି। ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଅଧିକ ସମୟ ଆସିଲେ ସ୍ଥାୟୀ ଚକ୍ଷୁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଡାକ୍ତର କହିଛନ୍ତି।

## ଉଡ଼ାଣ ପରେ ଖସିପଡ଼ିଲା ବିମାନ: ୯ ମୃତ



ଲୁଇସ୍‌ଭିଲେ,୫ା୧୧(ରଏଟର୍ସ/ଏପି)

ଆମେରିକାର କେଣ୍ଟୁକିସ୍ଥିତ ଲୁଇସ୍‌ଭିଲେରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଏଥିରେ ଅନ୍ୟୂନ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ୩୪ ବର୍ଷ ପୁରୁଣା ୟୁପିଏସ୍ କାର୍ଗୋ ପ୍ଲେନ୍‌ଟି ମଙ୍ଗଳବାର ଅପରାହ୍ନ ୫ଟା ୧୫ ମିନିଟ୍‌ରେ ଲୁଇସ୍‌ଭିଲେ ମହମ୍ମଦ ଅଲୀ ଅନ୍ତର୍ଜାତୀୟ ବିମାନବନ୍ଦରର ୟୁପିଏସ୍ ୱାର୍ଲ୍ଡପୋର୍ଟରୁ ହୋନୋଲୁଲୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡ଼ାଣର କିଛି ସମୟ ପରେ ଏହା ଖସିପଡ଼ିଥିଲା। ଫଳରେ ବିମାନରେ ନିଆଁ ଲାଗିଯାଇଥିଲା। ସେଥିରେ ବିସ୍ଫୋରଣ ହେବାରୁ ସମ୍ପୃକ୍ତ ଅଞ୍ଚଳର ଆକାଶ ନିଆଁର ଆଲୋକରେ ଆଲୋକିତ ହୋଇଯାଇଥିଲା, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ବିମାନ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଥମେ କୁହାଯାଇଥିଲା। କିନ୍ତୁ ପରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି କେଣ୍ଟୁକି ଗଭର୍ନର ଆଣ୍ଡି ବେଶିଅର୍ କହିଛନ୍ତି।

୧୯୯୧ରେ ନିର୍ମିତ ଏହି ମ୍ୟାକ୍‌ଡୋନାଲ୍ଡ ଡୁଗ୍‌ଲାସ୍ ଏମ୍‌ଡି-୧୧ ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ନ୍ୟାଶନାଲ ସେଫ୍ଟି ବୋର୍ଡକୁ ଦାୟିତ୍ୱ ଦିଆଯାଇଛି। ୨୮ ଜଣିଆ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଇତିମଧ୍ୟରେ ଉକ୍ତ ଏୟାରପୋର୍ଟକୁ ବନ୍ଦ କରିଦିଆଯାଇଛି।

### ଫୁରସତ୍

## ଓମ୍ୟାକୋନ୍: ଫୁଟୁଥିବା ପାଣି ବରଫ ପାଲଟେ

ମସ୍କୋ

ଭାରତରେ ଶୀତ ଋତୁର ଆଗମନ ହେଲଣି। ଥଣ୍ଡା ଯୋଗୁ ଏହିଦିନେ ସକାଳେ ଉଷୁମ ପାଣିରେ ଗାଧୋଇବାକୁ ଲୋକେ ପସନ୍ଦ କରନ୍ତି। କିନ୍ତୁ କଳ୍ପନା କରନ୍ତୁ, ଯଦି ବାହାର ତାପମାତ୍ରା ମାଇନସ ୭୧ ଡିଗ୍ରୀ ସେଲ୍‌ସିୟସ୍ ଥାଏ ତେବେ ସେଠାରେ ଗାଧୋଇବା କିପରି ସମ୍ଭବ ହେବ? ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ପ୍ରକୃତପକ୍ଷେ ଏହା ହେଉଛି ରୁଷିଆ ସାଇବେରିଆର ଓମ୍ୟାକୋନ ଗାଁର ବାସ୍ତବତା। ଏହା 'ପୋଲ ଅଫ୍ କୋଲ୍ଡ' ଭାବରେ ଜଣାଯାଏ। ଏଠାରେ ଗାଧୋଇବା ଏକ ରୋମାଞ୍ଚକର ଦୁଃସାହସିକ କାର୍ଯ୍ୟ ନୁହେଁ, ବରଂ ବଞ୍ଚିବା ପାଇଁ ଏକ ମିଶନ।

ଏଠାରେ ଲୋକମାନେ ପ୍ରତିଦିନ ନୁହେଁ, ବରଂ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଗାଧାନ୍ତି। କାରଣ ଏପରି ଥଣ୍ଡା ପାଗରେ, କେବଳ ପାଣି ନୁହେଁ ସାବୁନ ମଧ୍ୟ ସଂସ୍ପର୍ଶରେ ଆସିଲେ ଜମାଟ ବାନ୍ଧିଯାଏ, ତେଣୁ ଏଠାରେ ଲୋକମାନେ ଗାଧୋଇବା ପାଇଁ 'ବାନ୍ୟା' ନାମକ ପାରମ୍ପରିକ ଗାଧୋଇବା ଘର ବ୍ୟବହାର କରନ୍ତି। ଏଗୁଡ଼ିକ ଛୋଟ କାଠ ଘର, ଯେଉଁଠାରେ ଉଷ୍ମତା ସୃଷ୍ଟି ପାଇଁ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ରଖାଯାଏ। ଜଣେ ସ୍ଥାନୀୟ ମହିଳା କୁହନ୍ତି, ସକାଳେ କାଠ ସଂଗ୍ରହ କରି ବାନ୍ୟାକୁ ଗରମ କରାଯାଏ। ସମଗ୍ର ଦିନ ଏଥିରେ ବିତିଯାଏ। ଆମେ କେବଳ ସେତେବେଳେ ଗାଧୋଇଥାଉ ଯେତେବେଳେ ଭିତରର ତାପମାତ୍ରା ୮୦-୧୦୦ ଡିଗ୍ରୀରେ ପହଞ୍ଚିଯାଏ। ବାହାରକୁ ଯିବା ପୂର୍ବରୁ ତେଲ କିମ୍ବା କ୍ରିମ ଲଗାଇବା ଜରୁରୀ, ନଚେତ୍ ଚର୍ମ ଫାଟିଯିବ।

ସାଇବେରିଆରେ ଥଣ୍ଡା ଏତେ ବିପଦପୂର୍ଣ୍ଣ ଯେ, ଫୁଟୁଥିବା ପାଣି ଥଣ୍ଡାବାୟୁ ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ସ୍ଫଟିକରେ ପରିଣତ ହୋଇଯାଏ। ଏହି ଘଟଣାଟିକୁ ମ୍ପେମ୍ବା ପ୍ରଭାବ କୁହାଯାଏ, ଅର୍ଥାତ୍ ଗରମ ପାଣି ଶୀଘ୍ର ଥଣ୍ଡା ପବନରେ ବାଷ୍ପୀଭୂତ ହୋଇ ତୁରନ୍ତ ଜମାଟ ବାନ୍ଧିଯାଏ।



## ଫସିଗଲେ ସଲମାନ

ମୁମ୍ବାଇ

ବଲିଉଡ୍‌ର ଭାଇଜାନ ସଲମାନ ଖାନ୍ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ପ୍ରାୟତଃ କିଛି ନା କିଛି କାରଣରୁ ସମସ୍ୟାରେ ଫସି ରହନ୍ତି। ଏଥର ସଲମାନ ଏକ ଆଇନଗତ ସମସ୍ୟାରେ ଫସିଛନ୍ତି। କୋଟା କଞ୍ଜ୍ୟୁମର କୋର୍ଟ ତାଙ୍କୁ ଏକ ନୋଟିସ ପଠାଇଛି, ଏଥିରେ ତାଙ୍କୁ ନଭେମ୍ବର ୨୭ ତାରିଖ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି। ଏହି ମାମଲା ଏକ ପାନ ମସଲା ବିଜ୍ଞାପନ ସହିତ ଜଡିତ।

ବରିଷ୍ଠ ଭାଜପା ନେତା ତଥା ରାଜସ୍ଥାନ ହାଇକୋର୍ଟର ଓକିଲ ଇନ୍ଦର ମୋହନ ସିଂହ ହନି ଅଭିଯୋଗ ଦାଖଲ କରିଛନ୍ତି। ଏଥିରେ ସେ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ଏହା ଗ୍ରାହକମାନଙ୍କୁ ଭ୍ରମିତ କରୁଥିବା ସେ କହିଛନ୍ତି। କୋଟା କଞ୍ଜ୍ୟୁମର କୋର୍ଟରେ କରିଥିବା ଅଭିଯୋଗରେ ହନି ଦାବି କରିଛନ୍ତି, ଏକ ପାନ ମସଲା କମ୍ପାନୀ ଏବଂ ଏହାର ବ୍ରାଣ୍ଡ ଆମ୍ବାସାଡର ସଲମାନ ଖାନ୍ ଭୁଲ୍ ଭାବରେ ଉତ୍ପାଦକୁ ଗୁଜୁରାତି ଓ କେଶର ପାନ ମସଲା ଭାବରେ ବିଜ୍ଞାପନ କରୁଛନ୍ତି। ଏହି ଦାବିଗୁଡ଼ିକ ସତ୍ୟ ହୋଇପାରିବ ନାହିଁ। କାରଣ କେଶର ୧କିଲୋର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା। ୫ ଟଙ୍କା ମୂଲ୍ୟର ଉତ୍ପାଦରେ ଏହାକୁ ଦିଆଯାଇପାରିବ ନାହିଁ। ଏପରି ଦାବି ଯୁବକମାନଙ୍କୁ ପାନ ମସଲା ଖାଇବାକୁ ଉତ୍ସାହିତ କରେ, ଯାହା ମୁଖ କର୍କଟ ରୋଗର ଏକ ପ୍ରମୁଖ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି।


ସଲମାନ ଖାନ୍




# ଆଜି ପ୍ରଚାର କରିବେ ଓଡ଼ିଶା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ଉପନିର୍ବାଚନ ପ୍ରଚାର ପାଇଁ ନୂଆପଡା ଗସ୍ତରେ ଯାଉଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରଖି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ନେବାକୁ ଦଳ ଚିନ୍ତା କରିଛି। ମୋହନ ମାଝୀଙ୍କ କାର୍ଯ୍ୟକ୍ରମ କୋମନା ବ୍ଲକରେ ଥିବାବେଳେ ବିଷ୍ଣୁଦେବ ନୂଆପଡା ବ୍ଲକରେ ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀ କୋମନା ସ୍ଥିତ ଉଦ୍ୟାନବନ୍ଧ ଠାରେ ପହଞ୍ଚି ସେଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ସେହି ବ୍ଲକରେ ସେ ରୋଡ୍ ଶୋ କରି ଗୋଟିଏ ସ୍ଥାନରେ ଜନସାଧାରଣଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଛତିଶଗଡ ମୁଖ୍ୟମନ୍ତ୍ରୀ ନୂଆପଡା ବ୍ଲକର ପଞ୍ଚମପୁର ଠାରେ ଆୟୋଜିତ ସାଧାରଣ ସଭାରେ ପ୍ରଚାର କରିବେ ବୋଲି ଜଣାପଡିଛି। ନୂଆପଡା ନିର୍ବାଚନମଣ୍ଡଳୀ ଛତିଶଗଡ଼ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳ ଅଟେ। ଏହି ଅଞ୍ଚଳର ଅଧିକାଂଶ ଲୋକ ଛତିଶଗଡ ଉପରେ ନିର୍ଭରଶୀଳ ଅଟନ୍ତି। ତେଣୁ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଦ୍ୱାରା ନୂଆପଡା ଭୋଟରଙ୍କ ଉପରେ ପ୍ରଭାବ ପଡିବ ବୋଲି କୁହାଯାଉଛି।


ମୋହନ ଚରଣ ମାଝୀ


ବିଷ୍ଣୁଦେବ ସାଏ

# ଭାଷା ପ୍ରତି ନାହିଁ ଆନ୍ତରିକତା

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୫।୧୧ (ପୀତାମ୍ବର ସାହୁ)

ଏବେ ଉପନିର୍ବାଚନ ପାଇଁ ନୂଆପଡ଼ାରେ ସାରା ରାଜ୍ୟରୁ ବିଭିନ୍ନ ଦଳର ମାଳ ମାଳ ନେତା ଡେରା ପକାଇଛନ୍ତି। ଏଠାକାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଆସନ୍ତା ୧୧ ତାରିଖରେ ଉପନିର୍ବାଚନ ହେବ। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀଙ୍କ ସମେତ ସମୁଦାୟ ୧୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏମାନଙ୍କ ପ୍ରଚାର ପାଇଁ ରାଜ୍ୟର ଅଧିକାଂଶ ସାଂସଦ, ବିଧାୟକ, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ, ଏମ୍‌ପି, ହେଭିୱେଟ ନେତା ଓ କର୍ମୀ ପ୍ରଚାର ପାଇଁ ଆସିଛନ୍ତି। ପ୍ରତିଦିନ ସକାଳୁ ଆରମ୍ଭ ହେଉଥିବା ପ୍ରଚାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲୁଛି। ପ୍ରଚାର ସମୟରେ ଏଠାରେ ଉପକୂଳ ନେତାଙ୍କ ସମେତ ରାଜ୍ୟର ଅନ୍ୟ ପ୍ରାନ୍ତର ନେତାଙ୍କ ପାଇଁ ସ୍ଥାନୀୟ ଭାଷା ଏକ ବଡ଼ ସମସ୍ୟା ଭାବେ ଉଭା ହେଉଛି। ଏଠାକାର ପ୍ରାୟ ଅନେକ ସ୍ଥାନରେ ଲୋକେ ଛତିଶଗଡୀ ଲରିଆ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଆମେ ମଧ୍ୟ ଏଠାକୁ ଉପନିର୍ବାଚନ ଖବର ସଂଗ୍ରହ ପାଇଁ ଆସି ଲୋକଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛୁ। ଏହି ସମୟରେ ଛତିଶଗଡ଼ ସୀମାନ୍ତ ଗ୍ରାମରେ ସତେ ଯେମିତି ଓଡ଼ିଆ ଭାଷା ପ୍ରତି ଏମାନଙ୍କ ଆଦର ନ ଥିବା ଦେଖିବାକୁ ପାଇଲୁ।

ବିଭିନ୍ନ ଦଳର ନେତା ନିଜ ନିଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ ମଧ୍ୟ କେହି ଯେମିତି କାହିଁକି ଏହି ଅଞ୍ଚଳର ଲୋକେ ଓଡ଼ିଆ ଭାଷାକୁ ଆଗ୍ରହ କରୁନାହାନ୍ତି ତାହା ଜଣାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁନାହିଁ। ଯେଉଁଭଳି ଭାବେ ଲୋକେ ଛତିଶଗଡୀ ଲରିଆ ଓ ହିନ୍ଦୀ ଭାଷା ବ୍ୟବହାର କରୁଛନ୍ତି, ଯଦି ଜଣେ ଦେଖିବ ପ୍ରକୃତରେ ଏହିସବୁ ଅଞ୍ଚଳ ଓଡ଼ିଶା ନୁହେଁ ବରଂ ଛତିଶଗଡ଼ର କହିବ ବୋଲି ଜଣେ ବିଜେଡି ଯୁବନେତା ପ୍ରକାଶ କରିଛନ୍ତି।

ଛତିଶଗଡକୁ ଲାଗି ରହିଛି ନୂଆପଡ଼ା ଜିଲା। ଜିଲାରେ ନୂଆପଡ଼ା, କୋମନା, ଖଡିଆଳ ଓ ଖରିଆର ରୋଡ୍ ଆଦି ଛୋଟ ଛୋଟ ସହର ଅଛି। ଏଠାରେ ପ୍ରାୟତଃ ସବୁ ଜିନିଷ ମିଳି ନ ଥାଏ। ତେଣୁ ପ୍ରାୟତଃ ଜିନିଷ ପାଇଁ ଛତିଶଗଡ଼ ଉପରେ ଲୋକେ ନିର୍ଭର କରନ୍ତି। ଚିକିତ୍ସା କିମ୍ବା ଉଚ୍ଚଶିକ୍ଷା ପାଇଁ ରାୟପୁର, ମହାସମୁନ୍ଦ ଭଳି ଛତିଶଗଡ଼ର ସହର ଉପରେ ନିର୍ଭର କରିଥାନ୍ତି। ଛତିଶଗଡକୁ ଅଧିକ ସଂଯୋଗ ରହୁଥିବାରୁ ଏଠାକାର ଲୋକେ ହିନ୍ଦୀ ଓ ଛତିଶଗଡୀ ଲରିଆ ଭାଷାର ବହୁଳ ବ୍ୟବହାର କରନ୍ତି ବୋଲି କାଦୋମେରୀ ପଞ୍ଚାୟତ ଗୁଡାପଦର ଗ୍ରାମର ଶୈଳେଶ ପଟେଲ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳକୁ ପ୍ରାୟତଃ ଛତିଶଗଡ଼ ଅଞ୍ଚଳର ବ୍ୟବସାୟୀ ଆସି ବ୍ୟବସାୟ କରିଥାନ୍ତି। ତେଣୁ ଅଧିକାଂଶ ହିନ୍ଦୀ ଓ ଲରିଆ ଭାଷା କୁହନ୍ତି ବୋଲି ପଞ୍ଚମପୁରର ସୋମନାଥ ଦେବାଙ୍ଗନ କହିଛନ୍ତି।

ଏହି ଅଞ୍ଚଳର ଗାଁ ଓ ସହରର କାନ୍ଥ, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ସ୍କୁଲ କଲେଜରେ ହିନ୍ଦୀ, ଇଂଲିଶରେ ସୂଚନା ଓ ନାମଫଳକ ଲେଖାଯାଇଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ ହୋଇଥିବା ବେଳେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଅନ୍ୟଭାଷାରେ ନାମ ଫଳକ କିମ୍ବା ସୂଚନା ଲେଖିଲେ ମଧ୍ୟ ଓଡ଼ିଆ ଲେଖିବା ଜରୁରୀ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ କରିଛନ୍ତି। ମାତ୍ର ଏଠାରେ ତାହାର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଅନେକ ଗ୍ରାମରେ ପୁରୁଷମାନେ ସ୍ଥାନୀୟ ଓଡ଼ିଆ (କୋଶଳୀ/ସମ୍ବଲପୁରୀ) ଭାଷା କହିପାରୁଥିଲେ ମଧ୍ୟ ମହିଳାମାନେ ଓଡ଼ିଆ ଭାଷା ଆଦୌ କହିପାରୁ ନାହାନ୍ତି। ଏଠାକାର ବିଭିନ୍ନ ସ୍କୁଲରେ ଓଡ଼ିଆ ଭାଷାରେ ପାଠପଢା ହେଉଥିଲେ ମଧ୍ୟ ପିଲାମାନେ ସ୍କୁଲ ପରେ ଆଉ ଓଡ଼ିଆ ଭାଷାରେ କଥାବାର୍ତ୍ତା ନ ହୋଇ ଲରିଆ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି ବୋଲି ଚୁହ୍ଲାଭାଟ ପଞ୍ଚାୟତ ଗଙ୍ଗାଦିଗଡ ଗ୍ରାମର ନରସିଂହ ମାଝୀ ପ୍ରକାଶ କରିଛନ୍ତି।

ନୂଆପଡାରେ ଥିବା ସମୁଦାୟ ୬୩ ପଞ୍ଚାୟତ ମଧ୍ୟରୁ ପ୍ରାୟ ୪୦ରୁ ଅଧିକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଛତିଶଗଡ଼ୀ ଲରିଆ ଭାଷାରେ ଲୋକେ କଥାବାର୍ତ୍ତା ହୋଇଥାନ୍ତି। ନୂଆପଡ଼ା ବ୍ଲକର ସାରାବଙ୍ଗ, କେନ୍ଦୁବାହାର, ଆମନଆରା, ମୋଟାନୂଆପଡ଼ା, ଧରମବନ୍ଧା, ଭରୁଆମୁଣ୍ଡା, ଚୁହ୍ଲାଭଟା, ଭେରା, ଡୁମେରପାଣି, ଭାଲେଶ୍ୱର, ବେଲଚୁକୁରୀ, କାଦୋମେରୀ, ବିଶୋରା, ଭାନପୁର, ବୋଇରଭାଡି, ଖଇରାନୀ, ଜାମପାଣି, କୋଟେନଭୁଆଁ, ଟାନୱାଟ ସମେତ ନୂଆପଡ଼ା ସଦର ଓ ଖରିଆର ରୋଡ୍‌ରେ ମଧ୍ୟ ପ୍ରାୟତଃ ଅଧିକାଂଶ ଲୋକ ଲରିଆ ଭାଷା ବ୍ୟବହାର କରିଥାନ୍ତି। ସେହିପରି କୋମନା ବ୍ଲକର କୁରୁମପୁରୀ, ସମରସିଙ୍ଗ, ଲଖନା, ମୁଣ୍ଡାପଡ଼ା, ତରବୋଡ, ଜଡ଼ାମୁଣ୍ଡା, ପେଣ୍ଡ୍ରାବନ୍ଦ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁଳ ଭାବେ ଲରିଆ ଭାଷାରେ ଲୋକେ କଥାବାର୍ତ୍ତା ହୋଇଥାନ୍ତି। ଏବେ ଉପନିର୍ବାଚନ ପ୍ରଚାର ବେଳେ କାନ୍ଥବାଡ଼, ପୋଷ୍ଟର, ବ୍ୟାନରରେ ହିନ୍ଦୀ ଭାଷାରେ ଲେଖାଯାଉଛି। ଗୀତ ମଧ୍ୟ ଲରିଆ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଚାର କରାଯାଉଛି। ଏଠାରୁ ବିଭିନ୍ନ ଦଳର ପ୍ରତିନିଧି ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ କେହି ବି ଓଡ଼ିଆ ଭାଷାର ପ୍ରସାର ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ସ୍ଥାନୀୟ ନେତାମାନେ ଏବେ ପ୍ରଚାର ବେଳେ ଓଡ଼ିଆ ଭାଷା ପରିବର୍ତ୍ତେ ଛତିଶଗଡୀ ଭାଷାରେ ଭାଷଣ ଦେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଦୀର୍ଘଦିନ ଧରି ଶାସନରେ ଥିବା କଂଗ୍ରେସ ଓ ବିଜେଡି କେବେହେଲେ ଏଠାରେ ଓଡ଼ିଆ ଭାଷାର ବ୍ୟବହାର ଓ ଏଥିପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ସେମିତି କିଛି ପ୍ରୟାସ କରି ନ ଥିବାବେଳେ ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ଭାଜପା ଏଠାରେ ନିଜ ଦଳର ପ୍ରାର୍ଥୀଙ୍କ ପ୍ରଚାର ବେଳେ ଦଳର ନେତାମାନେ ଛତିଶଗଡୀ ଲରିଆ ଭାଷାରେ ଭାଷଣ ଦେବା ଓଡ଼ିଆ ଭାଷା ପ୍ରତି ତାଙ୍କର କେତେ ଦରଦ ତାହା ସ୍ପଷ୍ଟ ଜଣାପଡୁଛି।

# ଡିଜେ ଶବ୍ଦ ଯୋଗୁ ଚାଲିଗଲା ଯାତ୍ରା କଳାକାର ଦେବୀ ରଥଙ୍କ ଜୀବନ

## ପାରାଦୀପ ଗଡ଼ରେ କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା ପାଇଁ ୩ ଡିଜେ ବାଜୁଥିଲା

ପାରାଦୀପ, ୫।୧୧(ଶରତ ରାଉତ)

ଡିଜେର ଅତ୍ୟଧିକ ଶବ୍ଦ ଯୋଗୁ ଜଣେ ବରିଷ୍ଠ ଯାତ୍ରା କଳାକାରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ପୁଅ ଅଭିଯୋଗ କରିଛନ୍ତି। ଏମିତି ଘଟଣା ଘଟିଛି ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ଼ ଗ୍ରାମରେ। ମୃତକ ହେଉଛନ୍ତି ଯାତ୍ରା ଜଗତର ଅନ୍ୟତମ ପ୍ରସିଦ୍ଧ କଳାକାର ଦେବୀପ୍ରସାଦ ରଥ ଓରଫ୍ ବୁଟୁ (୬୮)। ଗୋଟିଏ ଗାଁର ୩ଟି କ୍ଲବ ପକ୍ଷରୁ ଡଙ୍ଗାଭସା ପାଇଁ ଡିଜେର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଘୋଷିତ ଡିଜେ ଶବ୍ଦକୁ ନେଇ ପ୍ରତିଯୋଗିତା ଚାଲିଥିଲା। ମଙ୍ଗଳବାର ରାତି ୩ଟାରୁ କ୍ଲବ ପିଲାମାନେ ଡିଜେ ବଜାଇ ସୁସଜ୍ଜିତ ଡଙ୍ଗା ନେଇ ବାହାରିଥିଲେ। ଗଡ଼ ଗ୍ରାମର ଲୋକନାଥ ମନ୍ଦିର ବୁଲାଣିରେ ୩ଟି ଯାକ ଡିଜେ ମୁହାଁମୁହିଁ ହୋଇଥିଲେ। ନାଚଗୀତ ସାଙ୍ଗକୁ ଡିଜେ ଶବ୍ଦ ପରସ୍ପର ବିରୋଧରେ କରିଥିଲେ। ଫଳରେ ସେହି ଅଞ୍ଚଳ ଡିଜେ ଶବ୍ଦରେ ଥରହର ହୋଇଥିଲା ବୋଲି ମୃତକଙ୍କ ପୁଅ ରାଜା ଓ ବଡଭାଇ ବିଭୂତି ଭୂଷଣ ରଥ କହିଛନ୍ତି। ସେମାନଙ୍କୁ ଯେତେ ନେହୁରା ହେଲେ ମଧ୍ୟ କେହି ଶୁଣି ନ ଥିଲେ ବୋଲି ପୁଅ ରାଜା କହିଛନ୍ତି। ଏହି ସମୟରେ ବାପା ଅସୁସ୍ଥ ହେବାରୁ ତାଙ୍କୁ ଉପର ଘରକୁ ନେଇ କବାଟ ଝରକା ବନ୍ଦ କରିଥିଲୁ। କିଛି ସମୟ ପରେ ଦେଖିବା ବେଳକୁ ସେ ଅଚେତ ଅବସ୍ଥାରେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ନେଇ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କଳାକାର ରଥ ପ୍ରାୟ ୪୦ ବର୍ଷ ଧରି ଓଡ଼ିଶାର ଅନେକ ଅପେରାରେ ଅଭିନୟ ଓ ନିର୍ଦ୍ଦେଶନା ଦେଇଛନ୍ତି। ଗତ ବର୍ଷକ ତଳେ ସେ ଅଭିନୟ ଛାଡ଼ି ଗାଁରେ ରହୁଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକମାନେ ବୁଧବାର ଅନ୍ତିମ ଦର୍ଶନ କରିବା ସହ ଗାଁ ଶ୍ମଶାନରେ ଶେଷକୃତ୍ୟ କରିଥିଲେ। ଏଭଳି ଡିଜେ ଶବ୍ଦ ଯୋଗୁ ମୃତ୍ୟୁ ଘଟିବା ଘଟଣାକୁ ଗାଁର ବଲ୍ଲଭ କର, ସୁବ୍ରତ ମହାପାତ୍ର ପ୍ରମୁଖ ନିନ୍ଦା କରିଛନ୍ତି। ତାଙ୍କ ପରଲୋକରେ ଅପେରା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ବହୁ କଳାକାର ତାଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ଘଟଣାକୁ ନେଇ ଲକ୍ ଥାନା ପୋଲିସ ଖୋଳତାଡ଼ କରୁଥିଲେ ହେଁ ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ।


ଦେବୀପ୍ରସାଦ ରଥ

# ବାଲିଯାତ୍ରା ଓଡ଼ିଆ ସାହିତ୍ୟ, ଲୋକ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ


ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣମୂର୍ତ୍ତି, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ, ଉନ୍ନୟନ କମିଶନର, ଜିଲାପାଳ ପ୍ରମୁଖ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

କଟକ,୫।୧୧(କାର୍ତ୍ତିକ ସାହୁ)

ବାଣିଜ୍ୟିକ, ସାଂସ୍କୃତିକ ପରମ୍ପରାର ନିଦର୍ଶନ ଐତିହାସିକ କଟକ ବାଲିଯାତ୍ରା। ସାରା ଓଡ଼ିଶାରେ ହର୍ଷ ଉଲ୍ଲାସରେ ବୋଇତ ବନ୍ଦାଣ ହେଉଛି। ବାଲିଯାତ୍ରା ଓଡ଼ିଆ ସାହିତ୍ୟ, ଲୋକ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଓଡ଼ିଆ ଜାତିର ସାହସ, ନୌବାଣିଜ୍ୟର ସ୍ୱାକ୍ଷର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କଟକ ବାଲିଯାତ୍ରା ଉଦ୍‌ଘାଟନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨ ହଜାର ବର୍ଷ ତଳର ଇତିହାସ ବାଲିଯାତ୍ରା। ଓଡ଼ିଶାର ସାମୁଦ୍ରିକ ଇତିହାସ ସ୍ମୃତି ରୋମନ୍ଥନର ଦିନ। ସରକାର ବନ୍ଦର ଭିତ୍ତିକ ଉନ୍ନତି କରୁଛନ୍ତି। ପାରାଦୀପ ବନ୍ଦର ଅର୍ଥନୀତିର ପୂର୍ବ ପ୍ରବେଶ ଦ୍ୱାର ହେବ ତାହା ସତ ହେବାକୁ ଯାଉଛି। କଟକ ସହର ଅନନ୍ୟ। ଶାନ୍ତି ବଜାୟ ରଖାଯିବାର ଆବଶ୍ୟକତା ରହିଛି। ବାଲିଯାତ୍ରାକୁ ଅତ୍ୟନ୍ତ ଉତ୍ସାହରେ ପାଳନ କରିବା। ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କୁ ଆୟତ୍ତ କରିବା ପାଇଁ ପ୍ରଶାସନକୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ମହାନଦୀ ଓଡ଼ିଶାର ଜୀବନ ରେଖା। ମହାନଦୀ କୂଳରେ ବିକାଶ କାର୍ଯ୍ୟ କରାଯାଇଛି। ୟୁନେସ୍କୋ ଜରିଆରେ ବିଶ୍ୱସ୍ତରରେ ବାଲିଯାତ୍ରା ପ୍ରସାର ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବାରବାଟି ଦୁର୍ଗର ଉନ୍ନତି ପାଇଁ ଡିପିଆର ପ୍ରସ୍ତୁତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବ ବ୍ୟାପାର, ଓଡ଼ିଆ ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଲେ, ଉତ୍ତରପିଢ଼ିଙ୍କୁ ଜଣାଇବାକୁ ଓଡ଼ିଆତ୍ୱର ଛାପା ଦେଶବିଦେଶରେ ଏବେ ବି ରହିଛି। 'କଳିଙ୍ଗାହା ସାହାସିକାହା' ଉକ୍ତିକୁ ଯୁବବର୍ଗ ବୁଝନ୍ତୁ। ପୂର୍ବପୁରୁଷଙ୍କୁ ସମ୍ମାନ ଦେଇ ସ୍ୱଦେଶୀକୁ ଆପଣେଇବା। ଏମ୍‌ପି ଭର୍ତ୍ତୃହରି ମହତାବ କହିଲେ ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମର ଉନ୍ନତି କରାଯିବା ଆବଶ୍ୟକ। ବାଲିଯାତ୍ରା ପଥରରେ ଖୋଦିତ ଐତିହ୍ୟ ନୁହେଁ, ବର୍ଷ ପରେ ବର୍ଷ ପୃଷ୍ଠା ଯୋଡ଼ି ହେଉଛି ଏଥିରେ। ଇଣ୍ଡୋନେସିଆ ସହ ଶିକ୍ଷା ସମ୍ପର୍କ ବୃଦ୍ଧି ପାଉଛି। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଲେ ଏ ଯାତ୍ରା କେବଳ ଓଡ଼ିଶାର ନୁହେଁ, ଏହା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି। ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣମୂର୍ତ୍ତି କହିଲେ ଭାରତ-ଇଣ୍ଡୋନେସିଆ ମଧ୍ୟରେ ନୌବାଣିଜ୍ୟ ସମ୍ପର୍କର ପ୍ରମାଣ ବାଲିଯାତ୍ରା। ଏହା ମଧ୍ୟ ଇଣ୍ଡୋନେସିଆର ଇତିହାସ। ବୈଚିତ୍ର୍ୟ ମଧ୍ୟରେ ଏକତା ହିଁ ଭାରତର ବଳ। ରୌପ୍ୟ ତାରକସି ବୋଇତ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।

କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଲେ ବାଲିଯାତ୍ରା ଆମ ଐତିହ୍ୟ, କଟକ ମାଟି ଉଦ୍ୟୋଗୀ ମାଟି ବୋଲି ଏହା ଜ୍ୱଳନ୍ତ ପ୍ରମାଣ। କଟକରେ ଯେପରି ବର୍ଷସାରା ଲୋକମାନଙ୍କ ବାଣୀଜ୍ୟିକ କାରବାର ବୃଦ୍ଧି ପାଇବ ସେ ନେଇ ବ୍ୟବସ୍ଥା କରାଯାଉ। ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ କହିଲେ ସାଧବ ପୁଅମାନଙ୍କ ଏକତାକୁ ଉଜ୍ଜୀବିତ କରିବାର ସମୟ ଉପନୀତ। ସଦର ବିଧାୟକ ପ୍ରକାଶ ସେଠି କହିଲେ ବାଲି ଦୀପକୁ ଯାତ୍ରାର ସ୍ମାରକି ଭାବେ କଟକ ବାଲିଯାତ୍ରା ପ୍ରତିବର୍ଷ ପାଳିତ ହେଉଛି। ମୁଖ୍ୟମନ୍ତ୍ରୀ ଓରମାସ ଏବଂ କଟକ ଇନ୍ କଟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ସସ୍ତ୍ରୀକ ମହାନଦୀରେ ଶାଳପତ୍ର ଡଙ୍ଗା ଭସାଇଥିଲେ। ପରେ ବାଲିଯାତ୍ରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଉନ୍ନୟନ କମିଶନର ଅନୁ ଗର୍ଗ, ଆରଡିସି ଗୁହା ପୁନମ ତାପସ କୁମାର, ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ପ୍ରମୁଖ ଅତିଥିଙ୍କୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ କରିଥିଲେ।

# ନାବାଳିକା ବାପାଙ୍କ ବେକ କାଟିଦେଲେ

## ପ୍ରେମରେ ବିଫଳ ଯୁବକଙ୍କ ଉନ୍ମତ୍ତକାଣ୍ଡ

ବାସୁଦେବପୁର,୫।୧୧
(ନାରାୟଣ ପ୍ରସାଦ ବାରିକ୍/କାଳୀପଦ ରାୟ)

ଭଦ୍ରକ ଜିଲା ଆରୁହା ପଞ୍ଚାୟତ କୁଞ୍ଜଆଡ଼ିଆ ଗ୍ରାମରେ ପ୍ରେମରେ ବିଫଳ ଜଣେ ଯୁବକ ନାବାଳିକାଙ୍କ ବାପାଙ୍କ ବେକ କାଟି ଦେଇଛନ୍ତି। ନାବାଳିକାଙ୍କ ବାପାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଅଭିଯୁକ୍ତ ଯୁବକ ବିଷ୍ଣୁବିନ୍ଧା ଗ୍ରାମର ଆଲୋକ ବେହେରାଙ୍କୁ ଗିରଫ କରି ତଦନ୍ତ କରୁଛି।

ଅଭିଯୁକ୍ତ ନାବାଳିକାଙ୍କୁ ଏକତରଫା ପ୍ରେମ କରି ଫଟୋ ଏଡିଟ୍ କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ନାବାଳିକାଙ୍କ ବାପା ଏ ବାବଦରେ ପଚାରିବାରୁ ଯୁବକ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନାବାଳିକାଙ୍କ ବାପାଙ୍କ ବୟାନ ଆଧାରରେ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୭୬୬/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି।

# ଅଡୁଆରେ ଜଳକର ଖିଲାପି ଶିଳ୍ପ, ଖଣି ସଂସ୍ଥା

## ଓପିଡିଆର୍ କେସ ରୁଜୁ ପାଇଁ ନିର୍ଦ୍ଦେଶ ଜାରି

ଯାଜପୁର,୫।୧୧(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକ ଉପରେ ୨୦୨୦-୨୧ ରୁ ୨୦୨୩-୨୪ ପର୍ଯ୍ୟନ୍ତ ଜଳକର ବାବଦକୁ ୯୧୪୦.୬୭ କୋଟି ଟଙ୍କା ବାକି ପଡ଼ିଛି। ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୨୯।୭।୨୦୨୪ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଏହା ଉଲ୍ଲେଖ କରିଥିଲେ। ତେବେ ବାକି ପଡ଼ିଥିବା ଏହି ଜଳକର ବାବଦକୁ ଏକକାଳୀନ ସମାଧାନ ବା ୱାନ ଟାଇମ ସେଟେଲମେଣ୍ଟ(ଓଟିଏସ୍) କରିବାକୁ ୨୦।୩।୨୦୨୫ରେ ରାଜ୍ୟ କ୍ୟାବିନେଟର ୧୬ତମ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ରିଜୋଲ୍ୟୁଶନ ଜାରି କରାଯାଇ ୨୦୨୫ ମେ' ୩୧ ସୁଦ୍ଧା ଏକକାଳୀନ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ-ଚିଫ୍ ପ୍ଲାନିଂ ଆଣ୍ଡ ଡିଜାଇନଙ୍କୁ ଦାୟିତ୍ୱ ଦେଇଥିଲେ। ଜଗତ ରଞ୍ଜନ ବେହେରା ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ପାଇଥିବା ତଥ୍ୟ ଅନୁସାରେ ଇତିମଧ୍ୟରେ ଯୋଡ଼ା ଟାଟା ଷ୍ଟିଲ ମାଇନ୍ସ ଜଳକର ବକେୟା ୮୮୯.୧୨୯ କୋଟି ଟଙ୍କା ମଧ୍ୟରୁ ଓଟିଏସ୍ କରି ୩୪.୦୫ କୋଟି ଟଙ୍କା ସରକାରଙ୍କ ନିକଟରେ ଦାଖଲ କରିସାରିଛି। ଅନୁରୂପ ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ(ଜେଏସ୍‌ପିଏଲ୍) ୨୬୪.୩୪୯ କୋଟି ଏବଂ ସମ୍ବଲପୁର ଜନସ୍ୱାସ୍ଥ୍ୟ ଡିଭିଜନ ୫୭.୪୩୫ କୋଟି ଟଙ୍କା ଦାଖଲ କରିଥିବା ସୂଚନା ମିଳିଛି। ତେବେ ରାଜ୍ୟ ସରକାରଙ୍କ ଉକ୍ତ ନିର୍ଦ୍ଦେଶକୁ ଖିଲାପ କରିଥିବା ବାକି ୧୨ ଶିଳ୍ପ ଓ ଖଣି ସଂସ୍ଥା ବିରୋଧରେ ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି (ଓପିଡିଆର) ଆକ୍ଟ-୧୯୬୨ ଅନୁସାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏକକାଳୀନ ସମାଧାନ ମାଧ୍ୟମରେ ପ୍ରତିଷ୍ଠିତ ଶିଳ୍ପ ଓ ଖଣି ସଂସ୍ଥା ମାଲିକମାନେ ଲାଭବାନ୍ ହେଉଥିବାବେଳେ ରାଜ୍ୟ ସରକାର ବିପୁଳ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହାବାଦ ରାଜ୍ୟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନୈରାଶ୍ୟଜନକ ହୋଇଥିବାବେଳେ ଶିଳ୍ପ ଓ ଖଣି ସଂସ୍ଥାକୁ ପାଣି ଯୋଗାଇ ବିପୁଳ କୋଟି ଟଙ୍କାର ଜଳକର ଛାଡ଼ କରିବାରେ ସରକାର ଆଗଭର ବୋଲି ଚର୍ଚ୍ଚା ହେଉଛି।

ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକର ପରିଚାଳନା ପାଇଁ ବିଭିନ୍ନ ନଦୀନାଳରୁ ବହୁ ପରିମାଣରେ ପାଣି ଉତ୍ତୋଳନ କରାଯାଉଛି। ଏପରିକି ସ୍ଲରି ପାଇପ୍‌ଲାଇନ ଜରିଆରେ ଖଣିଜ ପଦାର୍ଥ ପରିବହନ ପାଇଁ ରାଜ୍ୟ ସରକାର ୧୨ଟି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିରୁ ଶତାଧିକ କ୍ୟୁସେକ ପରିମାଣର ନଦୀଜଳ ଶିଳ୍ପ ସଂସ୍ଥାଗୁଡ଼ିକ ଟାଣିବେ ବୋଲି ଅନୁମତି ମିଳିଛି। ଏଭଳି ଭାବେ ଶିଳ୍ପ ଓ ଖଣି ମାଲିକମାନେ ଲାଭବାନ୍ ହେଉଥିବାବେଳେ ବର୍ଷବର୍ଷ ଧରି ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଜଳକର ଦେବାରେ ପଛଘୁଞ୍ଚା ଦେଉଛନ୍ତି। ଏପରିକି ସରକାର ଓଟିଏସ୍ ଲାଗୁ କରିଥିଲେ ବି ୧୨ଟି ଶିଳ୍ପସଂସ୍ଥା ଓ ଖଣି ମାଲିକମାନେ ଜଳକର ନ ଦେଇ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

ଆରଟିଆଇ ରିପୋର୍ଟ ଅନୁସାରେ, ଫୁଲଜହରି ଆର୍ଡେଣ୍ଟ ଷ୍ଟିଲ ଲିଃ ପାଖରେ ୧୬୮୨.୬୪୬ କୋଟି, ଲିଙ୍ଗରାଜ ଏମ୍‌ସିଏଲ୍ ପାଖରେ ୧୭୩.୩୦୭ କୋଟି, ନନ୍ଦିରା କୋଲିୟରି ଏମ୍‌ସିଏଲ ୪୭.୧୯୧ କୋଟି, ଭରତପୁର ଓସିପି ଏମ୍‌ସିଏଲ ୯୯.୪୩୩ କୋଟି, ରାୟଗଡ଼ା ଜେକେ ପେପର ଲିଃ ୩୦୩.୮୮୨ କୋଟି, ପାରାଦୀପ ଆର୍ସେଲ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ୧୦୮.୨୮୧ କୋଟି, ଘଣ୍ଟିଖାଲ ଆରତି ଷ୍ଟିଲ ଲିଃ ୩୦୩.୧୨୮ କୋଟି, ତେଲକୋଇ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିଃ ୨୪୪.୧୦୯ କୋଟି, ଆଧୁନିକ ମେଟାଲିକ୍ସ ଲିଃ ୨୦୫.୯୮୧ କୋଟି, ମେରାମଣ୍ଡଳି ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ଲିଃ ପାଖରେ ୧୮୫.୫୦ କୋଟି ଟଙ୍କା ଜଳକର ବାକି ପଡ଼ିଛି। ଏହାବାଦ୍ ସରକାରୀ ସଂସ୍ଥା ଝାରସୁଗୁଡ଼ା ଜନସ୍ୱାସ୍ଥ୍ୟ ଡିଭିଜନ ୪୪.୬୮୦ କୋଟି ଏବଂ ଝାରସୁଗୁଡ଼ା ଏସ୍‌ଇ ରେଳୱେ ନିକଟରେ ୧୧୮୪.୭୬୮ କୋଟି ଟଙ୍କା ବାକି ପଡ଼ିଛି। ଏହିସବୁ ଖିଲାପୀ ସରକାରୀ ସଂସ୍ଥା ସମେତ ଶିଳ୍ପ ଓ ଖଣି ସଂସ୍ଥାଠାରୁ ବକେୟା ଜଳକର ଆଦାୟ କରିବା ସହ ସେମାନଙ୍କ ବିରୋଧରେ ଓପିଡିଆର କେସ୍ ରୁଜୁ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ସେହିପରି ଆଧୁନିକ ମେଟାଲିକ୍ସ ଲିଃ ନାମରେ ଓପିଡିଆର ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଣ୍ଡର ସେକ୍ରେଟାରୀ ସସ୍ମିତା ମିଶ୍ର ୩।୧୧।୨୦୨୫ରେ ବିଭାଗୀୟ ଇଞ୍ଜିନିୟର-ଇନ-ଚିଫ୍‌ଙ୍କୁ ତୁରନ୍ତ ଉପରୋକ୍ତ ବିଷୟ ଉପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

# 'ମୁଦ୍ରା ଯୋଜନା ମାଧ୍ୟମରେ ଉଦ୍ୟୋଗୀ ହୋଇ ନିଯୁକ୍ତି ସୃଷ୍ଟି କରନ୍ତୁ'


ରାଜଭବନରେ ଅନୁଷ୍ଠିତ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥି।

## ରାଜଭବନରେ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୫।୧୧(ସୁଚିସ୍ମିତା ସାହୁ)

ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ବଳିଷ୍ଠ ମାଧ୍ୟମ ହେଉଛି ଶିକ୍ଷା। ଯେଉଁ ଯୁବତୀଯୁବକ ଚାକିରି ନ କରି ନିଜେ ବିକଳ୍ପ ଧନ୍ଦା କରିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ଲାଗି ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। 'ମୁଦ୍ରା ଯୋଜନା' ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି କରିବା ନିମନ୍ତେ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ମେରା ଯୁବା ଭାରତ ଆନୁକୂଲ୍ୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ଏବଂ ଗୃହ ମନ୍ତ୍ରଣାଳୟ ସହଯୋଗରେ ୧୭ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟପାଳ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର ଯୁବ ପ୍ରତିନିଧିଙ୍କ ସହ ଭାବବିନିମୟ କରିବା ଅବସରରେ ସେମାନଙ୍କ ଜନଜାତି ଯୁବକଙ୍କ ଅଧିକାର, ଦାୟିତ୍ୱ ଏବଂ ସଶକ୍ତୀକରଣ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ବିଷୟରେ ଅବଗତ ରହିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଲେ, ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏହିସବୁ ଯୋଜନା ବିଷୟରେ ଭଲଭାବେ ସଚେତନ ହେଲେ ହିଁ ଲାଭାନ୍ୱିତ ହେବେ। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସମ୍ପର୍କରେ ଆଲୋଚନା କରି ସ୍ୱଳ୍ପ ପ୍ରିମିୟମ୍‌ରେ କିପରି ପରିବାର ଉପକୃତ ହୋଇଥାଏ ସେ ସମ୍ପର୍କରେ କହିବା ସହ ଏ ଦିଗରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ରାଜ୍ୟପାଳ କହିଥିଲେ। ଏଥିସହ ବୈଷୟିକ ଜ୍ଞାନକୌଶଳ, ସାଇବର ଅପରାଧ ନିରାକରଣ ସମ୍ପର୍କରେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସିଆର୍‌ପିଏଫ୍ ଡିଆଇଜି ଭରତ ଭୂଷଣ ସେଠୀ, 'ମେରା ଯୁବା ଭାରତ' ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖରାଟ, ଡେପୁଟି ଡାଇରେକ୍ଟର ଶକ୍ତିସ୍ୱରୂପ ସିଂହ ମଞ୍ଚାସୀନ ଥିଲେ। ଡିଷ୍ଟ୍ରିକ୍ଟ ୟୁଥ୍ ଅଫିସର ଖୋର୍ଦ୍ଧା ନିଖିଲ କୋକୁଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୁବ ବିନିମୟ କାର୍ଯ୍ୟକ୍ରମରେ ୫ ରାଜ୍ୟର ୨୦୦ ଯୁବ ପ୍ରତିନିଧି ଯୋଗଦେଇଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଘାଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଦୟାନଦୀ, ଲିଙ୍ଗିପୁର- ନାଥପୁର ଘାଟ (ଦୟାବ୍ରିଜ୍ ନିକଟ), ସମୟ: ସକାଳ ୭ଟା।
- ପଣ୍ଡିତ ନୀଳକଣ୍ଠ ଦାଶଙ୍କ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର,ସମୟ ସକାଳ ୯ଟା୧୫।
- 'ସରକାରୀ ରେଳବାଇ ଥାନା ଓ ସାମୁଦ୍ରିକ ଥାନା ଅଧିକାରୀଙ୍କ କର୍ମଶାଳା', ସ୍ଥାନ: ପୋଲିସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସିଆର୍‌ଆର୍‌ଆଇ ଏବଂ ସିଏବିଆଇ ପକ୍ଷରୁ ଆୟୋଜିତ ଷ୍ଟେକ୍‌ହୋଲ୍ଡର କନ୍‌ସଲଟେଶନ ୱାର୍କଶପ୍, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ପୂର୍ବାହ୍ନ ୧୦ଟା।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ପକ୍ଷରୁ ଡାଲ ଖାଇ, ସ୍ଥାନ: ମେଡିକାଲ୍ ଛକ, ବାରଙ୍ଗ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଂସ୍କୃତି ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଓଡ଼ିଶୀ କଣ୍ଠସଙ୍ଗୀତ, ଯନ୍ତ୍ର ସଙ୍ଗୀତ ଓ ଛଉନୃତ୍ୟର ମନୋଜ୍ଞ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାଶଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଚଉପ୍ରହରୀ ନାମଯଜ୍ଞ ବିଶ୍ରାମ ଓ ପ୍ରସାଦ ସେବନ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦
- ମହାପାତ୍ର ଗଙ୍ଗାଧର ନୃତ୍ୟସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଛଚିନା, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରେଳୱେ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ୬୯ତମ ସ୍କୁଲସ୍ତରୀୟ ଖୋ ଖୋ ଚାମ୍ପିୟନଶିପ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମପ୍ରହରୀ ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ଡଙ୍କୁରୀ, ଛେନାପଦି, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ସାଇବର ସେଫ୍ଟି ପ୍ରତିଯୋଗିତା,ସ୍ଥାନ: ଚିତ୍ରଡ଼ା, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ଅପରାହ୍ନ ୨ଟା।
- ଆଦିବାସୀଙ୍କ ଡାବୁଲ ତାମସା ନୃତ୍ୟ ପରିବେଷଣ, ସ୍ଥାନ:ଆଣୁଆମେଳା ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ଜଗଧାତ୍ରୀ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଆୟୁଷ ଛାତ୍ରୀଛାତ୍ରଙ୍କ ଧାରଣା, ସ୍ଥାନ: ଆୟୁର୍ବେଦିକ କଲେଜ ଓ ହସପିଟାଲ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ବାଲିପଦର ହାଇସ୍କୁଲ, ବୁଗୁଡ଼ା,ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦମେଳା, ସ୍ଥାନ: କ.ନୂଆଗାଁ ଖେଳ ପଡ଼ିଆ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- କଳିଙ୍ଗ ବାଲିଯାତ୍ରା ୩ୟ ସନ୍ଧ୍ୟା ମ୍ୟୁଜିକାଲ ନାଇଟ, ସ୍ଥାନ: ବାଲିଯାତ୍ରା ପଡିଆ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ:ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର, ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡା, ମାଆ ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା'ରାମଚଣ୍ଡୀ, ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧାନ ଦାସ ମଠ, ବାରଡାଙ୍ଗ, ମହାକାଳପଡା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ:ସକାଳ ୭ଟା ।
- ସମୀର ଟିଭିଏସ୍ ପକ୍ଷରୁ ମୁରୁଜ ପ୍ରତିଯୋଗିତା, ସ୍ଥାନ:ଟିଭିଏସ୍ ଶୋରୁମ୍, ଦୁହୁରିଆ, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।
- ଜିଲାସ୍ତରୀୟ ସୁରଭି ଉତ୍ସବ, ସ୍ଥାନ:ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ:ପ୍ରାତଃ ୫ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ଉଦ୍‌ଯାପନ ଦିବସରେ ଦଧି ଖେଳ, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା ।

## ନବରଙ୍ଗପୁର

- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ସକାଳ ୮ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ଦଲେଇଗୁଡ଼ା କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ମାଣ୍ଡିଆ ଦିବସ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ସାଇବର ସଚେତନ ଶିବିର, ସ୍ଥାନ: କୁନ୍ଦୁରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପରବ ମଶାଲ ଶୁଭାରମ୍ଭ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ବ୍ଲକସ୍ତରୀୟ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ପଡ଼ିଆ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ ଟା।

## ସମ୍ବଲପୁର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ହୀରାଖଣ୍ଡ ନାଗରିକ ପରିଷଦର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ :ପୂର୍ବାହ୍ନ ୧୦ଟା।
- ତୃତୀୟ ସହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃକ୍ଲବ ବାଳକ ଓ ପଶ୍ଚିମ ଓଡ଼ିଶାସ୍ତରୀୟ ବାଳିକା କବାଡି ଟୁର୍ନାମେଣ୍ଟ, ସ୍ଥାନ : ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଶ୍ରୀଶ୍ରୀଠାକୁର ଅନୁକୂଳଙ୍କ ୧୩୮ତମ ବାର୍ଷିକ ଜନ୍ମ ମହାମହୋତ୍ସବ, ସ୍ଥାନ: ବୁର୍ଡା ସତ୍‌ସଙ୍ଗ କେନ୍ଦ୍ର , ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

## ବରଗଡ଼

- ରାଜ୍ୟସ୍ତରୀୟ ରାସ ଉତ୍ସବ,ସ୍ଥାନ: ନୂଆପାଲି, ଗାଇସିଲେଟ, ସମୟ:ଅପରାହ୍ନ ୩ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଘେଁସ ବଡ଼ମାଳ, ସୋହେଲା, ସମୟ:ଅପରାହ୍ନ ୩ଟା।
- ବିରାଟ ବାଲିଯାତ୍ରା ମହୋତ୍ସବ, ସ୍ଥାନ:ଖୁଣ୍ଟପାଲି, ବରଗଡ଼,ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- କଳାହାଣ୍ଡିର ପର୍ଯ୍ୟଟନ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଶାଳା,ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ:ଅପରାହ୍ନ ୩ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼, ପ୍ରଧାନପାଟ ରୋଡ, ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ତରଭା ସହରସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ସମ୍ପର୍କରେ ସଚେତନତା ଶିବିର, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାମ ଚରିତ ମାନସ ରାମାୟଣ ପରାୟଣ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।
- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ, ରାତି ୮ଟା।
- -ଶ୍ରୀଶ୍ରୀ ରାଧାମାଧବ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡା, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଝାରସୁଗୁଡା : ସାଇ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଖେରୱାଲ, ସମୟ: ସକାଳ ୮ଟା।
- ଗୁରୁ ରବିଶଙ୍କରଙ୍କ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ମନମୋହନ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ପଡ଼ୋଶୀ ରାଜ୍ୟ ବସ୍ ମାଲିକଙ୍କୁ ସୁହାଉଛି ଓଡ଼ିଶା ପଞ୍ଜୀକରଣ ନୀତି

### ୧୫ ସୁଦ୍ଧା ଯାଞ୍ଚ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୫।୧୧ (ରବିନାରାୟଣ ଜେନା)

ପଡ଼ୋଶୀ ରାଜ୍ୟ ଅପେକ୍ଷା ଓଡ଼ିଶାରେ ବସ୍ ପଞ୍ଜୀକରଣ ଦେୟ ଅପେକ୍ଷାକୃତ କମ୍। ତେଣୁ ପଡ଼ୋଶୀ ରାଜ୍ୟର ଅଧିକାଂଶ ଗାଡ଼ିମାଲିକ ଓଡ଼ିଶାରେ ପଞ୍ଜୀକରଣ କରାଇ ଗାଡି ଚଳାଇ ମାଲାମାଲ ହେଉଛନ୍ତି। ଏହି ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲି ଆସୁଥିବାବେଳେ ଏବେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ନଭେମ୍ବର ୧୫ ସୁଦ୍ଧା ଏହିଭଳି ଭାବେ ପଡ଼ୋଶୀ ରାଜ୍ୟର କେତେ ଗାଡ଼ି ଓଡ଼ିଶାରେ ପଞ୍ଜୀକରଣ ହୋଇ ଗଡୁଛି ତା'ର ତଥ୍ୟ ଦେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨୫ରେ ବସ୍ ଯାତ୍ରୀଙ୍କ ସୁରକ୍ଷା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାର ଶୂନ୍‌କୁ ନେଇ ଅନୁଷ୍ଠିତ ସମୀକ୍ଷା ଅବସରରେ ପ୍ରମୁଖ ସଚିବ ପ୍ରତ୍ୟେକ ବସ୍‌ରେ ଅଗ୍ନି ନିରାପତ୍ତା ଯନ୍ତ୍ର ରହିଛି କି ନାହିଁ ତାକୁ ମଧ ଯାଞ୍ଚ କରିବାକୁ ରାଜ୍ୟ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବୈଠକରେ ବସ୍ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଡ୍ରାଇଭରଙ୍କ ଲାଗି ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପ୍ରମୁଖ ସଚିବ କହିଛନ୍ତି, ଅନ୍ୟ ରାଜ୍ୟରେ ବସ୍‌ରେ ନିଆଁ ଲାଗିବା ଘଟଣାକୁ ଦୃଷ୍ଟିରେ ରଖି ଡ୍ରାଇଭର, କଣ୍ଡକ୍ଟର ଓ ମାଲିକମାନଙ୍କ ପାଇଁ ନିୟମିତ ସଚେତନତା ଶିବିର ଆୟୋଜନ କରାଯିବା ଆବଶ୍ୟକ। ଏହା ସହିତ ବସ୍‌ରେ ଫାୟାର ଡିଟେକ୍ସନ ଆଲାମ ସିଷ୍ଟମ୍(ଏଫ୍‌ଡିଏଏସ୍) ଓ ଫାୟାର ଡିଟେକ୍ସନ ସପ୍ରେସନ୍ ସିଷ୍ଟମ (ଏଫ୍‌ଡିଏସ୍‌ଏସ୍) ବାଧ୍ୟତାମୂଳକ ହେବା ଆବଶ୍ୟକ। ଏହାକୁ ପିଛିଲା ଭାବେ ଅକ୍ଟୋବର ପହିଲାରୁ ପରମିଟ୍ ସର୍ତ୍ତରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଫିଟ୍‌ନେସ ସାର୍ଟିଫିକେଟ ପ୍ରଦାନ ସମୟରେ ଏହାର ଯାଞ୍ଚ ଠିକଣା ଭାବେ କରିବାକୁ ଇନ୍ସପେକ୍ଶନ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


ଅଗା, ବଗା, ଖଗା
ତିନିହେଁ ତିନି ଅଲଗା।

ଭିନ୍ନ ମତବାଦର ବ୍ୟକ୍ତି ଏକାଠି ମିଳିଲେ କିଛି କରିପାରନ୍ତି ନାହିଁ। ବରଂ ବିଭ୍ରାଟ ସୃଷ୍ଟି କରି ବସନ୍ତି। କାହା ମନ କାହା ସହ ମିଶି ନ ପାରିବା କାରଣରୁ ସେମାନେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଲାଜୁକ ଘର ମଞ୍ଚାରି,**
**ପୋକ ନ ପକାଏ ଝିଞ୍ଚାରି ।**

ଯିଏ ଅଲାଜୁକ ତା'ର କୌଣସି ଲାଜ ସରମ ନ ଥାଏ। ପ୍ରତ୍ୟେକ କଥାକୁ ସେମାନେ ଫୁତ୍କାରରେ ଉଡ଼ାଇ ଦେଇଥାନ୍ତି। ଏପରିକି ଯିଏ ଯେତେ କହିଲେ ମଧ ତା'ର ପ୍ରଭାବ ତାଙ୍କ ଉପରେ ପଡ଼ି ପାରି ନ ଥାଏ। ସମାଜରେ ଏହି ଧରଣର ବ୍ୟକ୍ତି ନିନ୍ଦା, ଅପବାଦ ପାଉଥିବା ଅର୍ଥରେ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

# ବାହୁଦାରେ ନୂଆ ବନ୍ଦର, ...

ଓ ଶିଳ୍ପ କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।


ସଭାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ରକରି ଶିଳ୍ପ, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପାରାଦୀପ ବନ୍ଦରର ବିକାଶ କେବଳ ଓଡ଼ିଶାକୁ ନୁହେଁ, ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ, ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ। ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ କହିଛନ୍ତି, ଭବିଷ୍ୟତରେ ପାରାଦୀପ ବନ୍ଦରକୁ କେନ୍ଦ୍ର କରି ଏଠାରେ ଅନେକ ନୂତନ ଶିଳ୍ପ, ଶିକ୍ଷା ଓ ପରିବହନ ଆଧାରିତ ପ୍ରକଳ୍ପ ଆସିବ, ଯାହା ଜଗତ୍‌ସିଂହପୁର ଓ ସମଗ୍ର ଓଡ଼ିଶାର ଅର୍ଥନୈତିକ ମାନଚିତ୍ରକୁ ପରିବର୍ତ୍ତନ କରିଦେବ। ପାରାଦୀପର ସଫଳତା ହେଉଛି ଓଡ଼ିଶାର ଗର୍ବ ଓ ଭବିଷ୍ୟତ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍.ହାରାନ୍ଧ କହିଛନ୍ତି, ଗତ ୪ ବର୍ଷ ଧରି ପାରାଦୀପ ବନ୍ଦର ନିରନ୍ତର ଭାବେ ନୂତନ ରେକର୍ଡ ସୃଷ୍ଟି କରିଛି। ପୂର୍ବ ୫୦ବର୍ଷର ସଫଳତାକୁ ଅତିକ୍ରମ କରିଛି। କ୍ଷମତା ବୃଦ୍ଧି, ବ୍ୟବସାୟିକ ପଦ୍ଧତିର ଉନ୍ନତି, ଦକ୍ଷତା ବିକାଶ ଓ ସମସ୍ତଙ୍କଠାରୁ ଅଧିକ ଟିମ୍ ପାରାଦୀପର ଅକ୍ଳାନ୍ତ ଶ୍ରମ ଏବଂ ସମର୍ପଣ ଯୋଗୁ ପାରାଦୀପ ବନ୍ଦର ଆଜି ଦେଶର ୧ ନମ୍ବର ଭାବେ ପରିଚିତ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଜେ. ସୋନାଲ, କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ମୁଖ୍ୟ ଅତିଥି ତଥା ସମସ୍ତ ସମ୍ମାନିତ ଅତିଥି ଜାହାଜ ତରଣୀରେ ବସି ବନ୍ଦର ପରିକ୍ରମା କରିଥିଲେ।

# ଜୋହରାନ୍ ମମଦାନୀ ...

ରେଣ୍ଟ-ଫ୍ରିଜ୍, ମାଗଣା ବସ୍ ସେବା ଓ ସରକାର ପରିଚାଳିତ ଗ୍ରୋସେରି ଷ୍ଟୋର ଖୋଲି ନ୍ୟୁୟର୍କକୁ ବ୍ୟୟସାପେକ୍ଷ ସହରରେ ପରିଣତ କରିବେ ବୋଲି ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ। ବିଜୟ ଲାଭ ପରେ ସେ ଏହାକୁ 'ନ୍ୟୁୟର୍କ ପାଇଁ ଏକ ନୂଆ ଯୁଗ' ବୋଲି ଅଭିହିତ କରିଛନ୍ତି। ମିଳିତ ଭାବେ ଆମେ ଏକ ପିଢ଼ିର ପରିବର୍ତ୍ତନ ଦିଗରେ ଅଗ୍ରସର ହେବା ବୋଲି ମମଦାନୀ କହିଛନ୍ତି। ଉଗାଣ୍ଡାରେ ଜନ୍ମିତ ଷ୍ଟେଟ୍ ଲମେକର ମମଦାନୀ ବ୍ରୁକ୍‌ଲିନ୍ ପାରାମାଉଣ୍ଟ ଥିଏଟରରେ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ନ୍ୟୁୟର୍କ ଏକ ପରିବର୍ତ୍ତନର ଜନାଦେଶ ଦେଇଛି। ଆଗକୁ ଏକ ନୂଆ ପ୍ରକାର ରାଜନୀତି ଆରମ୍ଭ ହେବ। ଏହି ଅବସରରେ ମମଦାନୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୪୭ ଅଗଷ୍ଟ ୧୪ ରାତିରେ ଦେଇଥିବା ପ୍ରସିଦ୍ଧ 'ଟ୍ରାଏଷ୍ଟ ୱିଥ୍ ଡେଷ୍ଟିନି' ଭାଷଣକୁ ଉଦ୍ଧୃତ କରିଛନ୍ତି। ମମଦାନୀ ଆସନ୍ତା ଜାନୁଆରୀରେ ନ୍ୟୁୟର୍କର ୧୧୧ତମ ମେୟର ଭାବେ ଶପଥ ନେବେ। ବର୍ତ୍ତମାନ କୁଇନ୍ସ ଷ୍ଟେଟ୍ ଆସେମ୍ବ୍ଲି ସଦସ୍ୟ ଥିବା ମମଦାନୀ ୫୦%ରୁ ଅଧିକ ଭୋଟ ହାସଲ କରିଥିବାବେଳେ ୬୭ ବର୍ଷୀୟ କୁଓମୋ ୪୦% ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍ଲିୱା ମାତ୍ର ୭% ଭୋଟ ଯୋଗାଡ଼ କରିବାରେ ସକ୍ଷମ ହୋଇଛନ୍ତି। କୁଓମୋ ଗତ ଜୁନ୍‌ରେ ମମଦାନୀଙ୍କଠାରୁ ପ୍ରାଇମେରିରେ ହାରିଯିବା ପରେ ସ୍ୱାଧୀନ ଭାବେ ଲଢ଼ିବାକୁ ଘୋଷଣା କରିଥିଲେ।

# ମେ'ଫେୟାର: ଭୁବନେଶ୍ୱରରେ ...

ଡିସିଏଫ୍‌ଙ୍କୁ ପ୍ରଶ୍ନ କରିଥିଲେ ଯେ, କ'ଣ ପାଇଁ ଏତେଦିନ ଧରି ଏହା ପଡ଼ିରହିଛି। ଏନେଇ ପୁନର୍ବାର ସମ୍ପୃକ୍ତ ବନ ଅଧିକାରୀ(ଡିଏଫ୍‌ଓ)ଙ୍କୁ ତୁରନ୍ତ ଅବଗତ କରାଇବାକୁ ଡିଆଇଜିଏଫ୍ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଡିସିଏଫ୍-ନୋଡାଲ ସୂଚନା ଦେଇଥିଲେ, ଏହି ପ୍ରସ୍ତାବ ପଡ଼ିରହିବା ପାଇଁ ଅନେକ କାରଣ ରହିଛି। ତେବେ ସେଥିମଧ୍ୟରୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ନିୟମ ଉଲ୍ଲଂଘନ ନେଇ ଆକ୍ସନ ଟେକେନ ରିପୋର୍ଟ ହସ୍ତଗତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଡିଏଫ୍‌ଓ ଚନ୍ଦକା(ବନ୍ୟପ୍ରାଣୀ) ସୂଚନା ଦେଇଥିଲେ, ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗକୁ ଅବଗତ କରାଯାଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଜଙ୍ଗଲ କିସମ ଜମିକୁ ବିଶିଷ୍ଟ ହୋଟେଲ ବ୍ୟବସାୟୀଙ୍କୁ ଦେବା ପାଇଁ କାହିଁକି ଯେ ଏତେ ବ୍ୟଗ୍ର ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାଜ୍ୟର ଆଦିବାସୀମାନେ ଦୀର୍ଘବର୍ଷ ଧରି ଜଙ୍ଗଲ ଜମି ଉପରେ ତାଙ୍କର ହକ୍ ପାଇପାରୁ ନ ଥିବାବେଳେ ବଡ଼ବଡ଼ିଆଙ୍କ ପାଇଁ ଜଙ୍ଗଲ ଅଧିକାରୀମାନେ କାହିଁକି ଏତେ ବ୍ୟାକୁଳ ହେଉଛନ୍ତି ତାହାକୁ ନେଇ କେତେକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



MINUTES OF 86th FORTNIGHTLY REGIONAL COORDINATION MEETING ON LINEAR PROJECTS HELD ON 26TH SEPTEMBER, 2025 UNDER THE CHAIRMANSHIP OF DIGF (C), REGIONAL OFFICE, BHUBANESWAR.

The 86th Fortnightly Regional Coordination Meeting of Regional Office, Bhubaneswar was held on 26th September, 2025. The meeting was facilitated by the DIGF (Central), Regional Office, Bhubaneswar. The Nodal Officer (FCA), Odisha and the representatives of the following organization had attended the meeting through video conference (Google Meet).

**State Forest Department:**
1. Smt. Pabitra Das, DCF (Nodal)
2. RCCFs/DFOs


At the outset, the DIGF (Central) extended a warm welcome to the representatives of the above organization.

The DIGF (Central) informed that during the last FRCM, it was decided that not only to discuss the pending Stage-II approvals but also proposals under processing for in-principle approval at various levels in PARIVESH 1.0 and PARIVESH 2.0 portal shall also be discussed for their timely disposal towards Stage-I issuance or otherwise.. The proposals pending for issue of Stage-I/Stage-II approval at various levels in PARIVESH 1.0 and PARIVESH 2.0 portal were reviewed randomly as per the list provided by the Nodal Officer, Odisha. The current status of the proposals is as bellow.

There are 47 proposals pending for issue of Stage-I approval in PARIVESH 1.0.

| SL. No. | Name of proposal | Present Status |
|---|---|---|
| 1 | Diversion of 1.216 ha of forest land in favour of MAYFAIR Hotels & Resorts Limited. | The DIGF (Central) asked the DCF (Nodal), regarding the reason for the prolonged pendency of the proposals (Sl. No. 8 to 11 of the Agenda) which has remained at the DFO level for since long time. The DCF (Nodal) informed that the proposals are pending due to non-receipt of Action Taken Report for violation from the GA Department, Odisha. The DFO, Chandaka (WL) Division informed that correspondence has been made to the GA Department, Odisha on 15.10.2024. However, no reply has been received from the GA Department till now. |
| 2. | Diversion of 0.094 ha of forest land in favour of MAYFAIR Hotels & Resorts Limited. | |
| 3. | Diversion of 0.247 ha of forest land in favour of MAYFAIR Hotels & Resorts Limited. | |
| 4. | Diversion of 2.832 ha of forest land in favour of MAYFAIR Hotels & Resorts Limited. | |

Regional Office, MoEF&CC, Bhubaneswar — Page 1 of 4



involvement, presence in meetings, and timely submission of compliance documents are essential for the efficient and timely processing of the proposal.

The DIGF (Central) requested DCF (Nodal) to invite the user agencies to attend the future FRCM meetings and directed the Staff of Regional Office to ensure that e-mail should also be sent to the user agencies from the Regional Office.

Additionally, he directed that the Minutes of the Meeting (MoM) of the FRCM be circulated to all concerned user agencies to keep them informed and to encourage their participation in future FRCMs.

This issues with the approval of the competent authority.

Memo No. 7(113)2021-FCE — 9th October, 2025

Copy to:
1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi for kind information.
2. The Addl. Chief Secretary, Forest, Environment & Climate Change Department, Govt. of Odisha, Kharvel Bhawan, Bhubaneswar for kind information.
3. The PCCF & HoFF, Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar for information.
4. The CCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar for information and necessary action.
5. The concerned user agencies.

Digitally signed by Sujoy Dutta
Date: 09-10-2025 14:01:37
(Sujoy Dutta)
Assistant Commissioner (Forestry)

ମେ'ଫେୟାରକୁ ଜଙ୍ଗଲ କିସମ ଜମି ପ୍ରଦାନ ନେଇ ଏସିଏଫ୍ ସୁଜୋୟ ଦତ୍ତଙ୍କ ପ୍ରଦତ୍ତ ବିବରଣୀ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ ଆପଣଙ୍କୁ ଭଲ ଲାଗିବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ବୃଷ** - ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ସାହିତ୍ୟ ଚର୍ଚ୍ଚାଦି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ମୃଗଶିରା ନକ୍ଷତ୍ର ସକାଶେ ଆଜି ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବା ଫଳରେ ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବ।

**ମିଥୁନ** - ଆଜି ଯେତେ ଚେଷ୍ଟା କଲେ ମଧ ଆର୍ଦ୍ରା ନକ୍ଷତ୍ରର କୌଣସି କାମ ସୁବିଧାରେ ହୋଇପାରିବ ନାହିଁ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ସ୍ଥିତି ଅନୁକୂଳ ହେବ। ପାର୍ଟିର ଆୟୋଜନ ଦ୍ୱାରା ଘରେ ବନ୍ଧୁ ମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିପାରେ।

**କର୍କଟ** - ପୁନର୍ବସୁ ନକ୍ଷତ୍ର ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହୋଇଯିବେ। ଶିଳ୍ପ, ସାମ୍ବାଦିକତା, ପରିବହନ ଓ ବ୍ୟବସାୟରେ ଆଶାନୁରୂପ ଲାଭ ପାଇବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହିପାରିଲେ ହିଁ ଭଲ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**ସିଂହ** - ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୋଗ, ବିଳାସ ଦିଗକୁ ଟାଣିହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢ଼ାଇବାପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ।

**କନ୍ୟା** - ଆଜି ଚିତ୍ରା ନକ୍ଷତ୍ରର ଆର୍ଥିକ ଉନ୍ନତି ଏବଂ କାର୍ଯ୍ୟସିଦ୍ଧିଜନିତ ମନ ଉତ୍‌ଫୁଲ୍ଲିତ ରହିବ। ଶନିଙ୍କ କୁପ୍ରଭାବରେ ପାରିବାରିକ ଅଶାନ୍ତି ଦେଖାଦେବ। ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଅବଶ୍ୟ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା** - ସ୍ୱାତୀ ନକ୍ଷତ୍ର ସକାଶେ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ଅନ୍ୟମାନଙ୍କୁ ଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ଖଳଲୋକଙ୍କ ଦ୍ୱାରା ପ୍ରାୟୋଜିତ ଗୁଜବ ମନକୁ ଆତଙ୍କିତ କରିପାରେ। ନିକଟତର ବନ୍ଧୁଙ୍କ ସହ ଅର୍ଥକୁ ନେଇ ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି।

**ବିଛା** - ଅନୁରାଧା ନକ୍ଷତ୍ର ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗିରହିଲେ ମଧ ବୁଧଗ୍ରହ ପଦେ ପଦେ ସମସ୍ୟା ସୃଷ୍ଟି କରିପାରନ୍ତି। ଗତକାଲିଠାରୁ ଯେଉଁ କାମରେ ହାତ ଦେବେ କୃତକାର୍ଯ୍ୟ ହେବେ। ଲେଖାପଢ଼ାରୁ, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** - ଉତ୍ତରାଷାଢ଼ା ନକ୍ଷତ୍ର ସ୍ୱାସ୍ଥ୍ୟ ଓ କର୍ମହାନି ସାଙ୍ଗକୁ ବିବାଦୀୟ ସ୍ଥିତିରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ମକର** - ଆଜି ଶ୍ରବଣା ନକ୍ଷତ୍ର ଯାହା ପାଇବା କଥା ତାହା ଠିକ୍ ସମୟରେ ପାଇବା କଷ୍ଟକର ହେବ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉପରିସ୍ଥଙ୍କୁ ଅଭିଯୋଗ କରିପାରନ୍ତି । ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପରିବାରରେ ଟେନ୍‌ସନ କମିଯିବ।

**କୁମ୍ଭ** - ଧନିଷ୍ଠା ନକ୍ଷତ୍ର ସକାଶେ ପିଲାଙ୍କ ସମସ୍ୟା ଓ ପରିବାରର କୌଣସି ଘଟଣା ମନକୁ ବିବ୍ରତ କରିବ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କଲେ କ୍ଷତି ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡିଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ** - ଦୀର୍ଘଦିନ ପରେ ବୃହସ୍ପତିଙ୍କ ରାଶି ପରିବର୍ତ୍ତନରେ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅଟକିଥିବା କାମ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅର୍ଥ, ସମ୍ମାନ ଲାଭର ସୁଯୋଗ ପାଇବା ସହ ବନ୍ଧୁମିଳନରୁ ଖୁସି ରହିବେ। ରେବତୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

ଆଜି ନଭେମ୍ବର ୬ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ମାର୍ଗଶିର କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର, ମାଣବସା ଗୁରୁବାର ପ୍ରଥମ ପାଳି। ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ. ୧୧।୪୭ ଗତେ ବୃଷ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୩ ଗତେ ଘ.୦୭।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨।୫୪ ଗତେ ଘ.୦୨।୧୮ ମଧ୍ୟେ ରାହୁ କାଳ।

# ସହଯୋଗୀଙ୍କ ସହ ସାର୍ପ ଶୁଟରଙ୍କ କ୍ରାଇମ୍ ସିନ୍ ରିକ୍ରିଏଶନ



## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ବୁଧବାର ସାର୍ପ ଶୁଟର କୁରୁପତି ଭୂୟାଁ ଓ ତାଙ୍କ ସହଯୋଗୀ ବାଇକ୍ ଚାଳକ ବିଷ୍ଣୁପ୍ରଧାନଙ୍କୁ ନେଇ କ୍ରାଇମ୍‌ସିନ୍‌ରିକ୍ରିଏଶନ କରାଇଛି। ଅପରାହ୍ନରେ ଉଭୟଙ୍କୁ ହତ୍ୟାକାଣ୍ଡସ୍ଥଳ ବୈକୁଣ୍ଠନଗର ଛକକୁ ନିଆଯାଇଥିଲା। ସେଠାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ମାସକ ପୂର୍ବରୁ ଅର୍ଥାତ୍ ୬ ତାରିଖ କୁମାରପୂର୍ଣ୍ଣିମା ରାତିରେ ସେମାନେ ପୀତବାସଙ୍କୁ କେମିତି ହତ୍ୟା କରିଥିଲେ ତାହା ଦେଖାଇବା ସହ ସେହି ରାତିର ଘଟଣା ସମ୍ପର୍କରେ କହିଥିଲେ। ରାତି ୯ଟା ୫୦ରେ କୁରୁପତି ଓ ବିଷ୍ଣୁ ବୈକୁଣ୍ଠନଗର ଛକଠାରେ ପୀତବାସଙ୍କୁ ଅପେକ୍ଷା କରିଥିଲେ। ପୀତବାସ ହୋଟେଲରୁ ପାର୍ସଲ ଧରି ସ୍କୁଟି ଯୋଗେ ଆସୁଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ବୈକୁଣ୍ଠନଗର ଛକ ବୁଲାଣି ବୁଲୁଥିବା ବେଳେ କୁରୁପତି ବାଇକ୍‌ରୁ ଓହ୍ଲାଇ ବଡ଼ପାଟିରେ ପଣ୍ଡାବାବୁ ନମସ୍କାର ବୋଲି କହିଥିଲେ। ଏହା ଶୁଣି ପୀତବାସ ନିଜ ଗାଡ଼ି ସ୍ଲୋ କରିବା ସହ କିଏ ବୋଲି ପଚାରି ସ୍କୁଟି ଷ୍ଟାଣ୍ଡ ମାରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ କୁରୁପତି ନିଜ ପାଖରେ ରଖିଥିବା ଏକ ଦେଶୀ ବନ୍ଧୁକ ବାହାରକରି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ପୀତବାସଙ୍କ ଡାହାଣ ଛାତିରେ ବାଜିବାରୁ ସ୍କୁଟି ସହ ସେ ତଳେ ପଡ଼ିଯାଇଥିଲେ। ନିଜକୁ ବଞ୍ଚାଇବାକୁ ଉଦ୍ୟମକରି କିଛି ପାଦ ଆଗକୁ ଘୋଷାଡ଼ି ହୋଇ ଯିବାକୁ ଉଦ୍ୟମ କରିବା ବେଳେ ସେଠାରେ ହିଁ ତଳେ ପଡ଼ିଯାଇଥିଲେ। ଏହାଦେଖି କୁରୁପତି ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ତାହା ଫୁଟି ନ ଥିଲା। ଏହାପରେ କୁରୁପତି ଓ ବିଷ୍ଣୁ ବାଇକ୍‌ରେ ବସି ଗୋକର୍ଣ୍ଣେଶ୍ୱର ମନ୍ଦିର ହୋଇ ଲୋଚାପଡ଼ା ଦେଇ ଶୀତଳାପଲ୍ଲୀ ଗ୍ରାମକୁ ଯାଇ ସେଠାରୁ ଫେରାର୍ ହୋଇ ଯାଇଥିଲେ ବୋଲି କୁରୁପତି ଓ ବିଷ୍ଣୁ ପୋଲିସକୁ କ୍ରାଇମ୍ ସିନ୍ ରିକ୍ରିଏଶନ ବେଳେ କହିଥିଲେ। ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ବୁଧବାର ୪ ଜଣଙ୍କୁ ରିମାଣ୍ଡରେ ନେଇଛି। ସେମାନେ ହେଲେ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇ, ଅଭିଯୁକ୍ତ ଯୋଗୀ ରାଉତ ଓ ବିଷ୍ଣୁ ପ୍ରଧାନ। ଏଥିସହ ବ୍ରହ୍ମପୁରର ଜଣେ ଆଇନଜୀବୀ ତଥା କର୍ପୋରେଟରଙ୍କୁ ମଧ୍ୟ ଥାନାକୁ ନେଇ ପଚରାଉଚରା କରୁଛି। ସେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଘନିଷ୍ଠ ସହଯୋଗୀ। ତାଙ୍କୁ ବୈଦ୍ୟନାଥପୁର ଥାନାରେ ଅଟକ ରଖି ପୋଲିସ ଜେରା କରିଛି।

## ‘ଆମ ପରିବାର ପ୍ରତି ବିପଦ ଅଛି’

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଗୁରୁବାର ମାସେ ପୂରିବ। ଇତିମଧ୍ୟରେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରିଛି। ହତ୍ୟାକାଣ୍ଡ ଭିଆଇଥିବା ୨ ଅଭିଯୁକ୍ତଙ୍କୁ ନେଇ ପୋଲିସ ବୁଧବାର କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି। ଏହି ସମୟରେ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ତାଙ୍କ ପରିବାର ପ୍ରତି ବିପଦ ଥିବା ପ୍ରତିକ୍ରିୟାରେ ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି, ଗତ ୫/୭ ଦିନ ତଳେ ତାଙ୍କ ପୁତୁରା (ପୀତବାସଙ୍କ ପୁଅ)ଙ୍କ ମୋବାଇଲକୁ ଧମକପୂର୍ଣ୍ଣ କଲ୍ ଆସିଥିଲା। କିଏ ଟେଲିଫୋନ୍ କରିଥିଲେ ସେ ଜାଣିନାହାନ୍ତି। ପୁତୁରା ପ୍ରଥମ କଲ୍‌କୁ ଏଡ଼ାଇ ଯାଇଥିବାବେଳେ ଦ୍ୱିତୀୟ କଲ୍ ରିସିଭ୍ କରିଥିଲେ। ଫୋନ୍‌ରେ କେହି ଜଣେ ଧମକପୂର୍ଣ୍ଣ ବ୍ୟବହାର ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଥାନାରୁ ମାମଲା ଉଠାଇବାକୁ କହିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଏସ୍‌ଡିପିଓ ଓ ବୈଦ୍ୟନାଥପୁର ଥାନା ଆଇଆଇସିଙ୍କୁ ଜଣାଇ ଦିଆଯାଇଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି। ପରିବାରକୁ ଧମକ ମିଳିବା ପରେ ପୋଲିସ କି ପଦକ୍ଷେପ ନେଇଛି ପଚାରିବାରୁ ଯେ କୌଣସି ସମୟରେ ଚାହିଁଲେ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୋଲିସ କହିଥିବା ପୂର୍ଣ୍ଣଚନ୍ଦ୍ର ସୂଚନା ଦେଇଛନ୍ତି।

# ବାଲେଶ୍ୱରରେ ଆନ୍ତଃ ରାଜ୍ୟ ବନ୍ଧୁକ କାରବାର

■ ୩ ଅଭିଯୁକ୍ତ ଗିରଫ
■ ୨ ଜୀବନ୍ତ ଗୁଳି, ୪ ପିସ୍ତଲ, ୪ ମାଗାଜିନ୍ ଜବତ

ରେମୁଣା(ରବୀନ୍ଦ୍ର ମହାକୁଡ଼)/ ବାଲେଶ୍ୱର(ବାଞ୍ଛାନିଧି ଦେ), ୫।୧୧



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚନା ଦେଉଛନ୍ତି।

ବାଲେଶ୍ୱର ଜିଲାରେ ବେଆଇନ ଭାବେ ଚାଲିଥିବା ଆନ୍ତଃରାଜ୍ୟ ବନ୍ଧୁକ କାରବାରର ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଜୀବନ୍ତ ଗୁଳି ସହ ୪ ପିସ୍ତଲ ଓ ୪ ମାଗାଜିନ୍ ଜବତ ହୋଇଥିବା ବୁଧବାର ରେମୁଣା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରେମୁଣା ଥାନା ଅନ୍ତର୍ଗତ ନିଆଁବାଗ ଗ୍ରାମର ମୁନା ଓରଫ ଶାନ୍ତନୁ ଦାସ(୨୬), ଡିହରେମୁଣା ଗ୍ରାମର ନିତାଇ ଓରଫ୍ ଅମିତାବ ଦ୍ୱିବେଦୀ (୨୧) ଓ ଶିଳ୍ପାଞ୍ଚଳ ଥାନା ଅଚ୍ୟୁତପୁର ଗ୍ରାମର ଗୁଡୁ ଓରଫ୍ ମନୋଜ କୁମାର ଭୂୟାଁ (୨୭)। ଏସମ୍ପର୍କରେ ପୋଲିସ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୨୦୦/୨୫) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ରାତିରେ ଅଭିଯୁକ୍ତ ଶାନ୍ତନୁଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ବେଡରୁମ୍‌ରେ ଥିବା ଏୟାର ବ୍ୟାଗ୍‌ରୁ ଏକ କଳାରଙ୍ଗର ଏୟାର ଗନ୍ (ପିସ୍ତଲ), କେଜିୟୁ୪୧୭ ଲେଖାଥିବା ଗୋଟିଏ ମାଗାଜିନ, ଗୋଟିଏ କଳା-ପିତ୍ତଳ ରଙ୍ଗର ୭ଏମ୍ଏମ୍ ଦେଶୀ ପିସ୍ତଲ, ଗୋଟିଏ ମାଗାଜିନ୍ ସହ ଫିଟ୍ ହୋଇଥିବା ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା। ତାଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ରଖିବାର କୌଣସି ଲାଇସେନ୍ସ ନ ଥିବା ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷରେ ଶାନ୍ତନୁ ଅନ୍ୟ ଦୁଇ ଅଭିଯୁକ୍ତ ମନୋଜଙ୍କୁ ଗୋଟିଏ ଓ ଅମିତାଭଙ୍କୁ ଗୋଟିଏ ଲେଖାଏଁ ପିସ୍ତଲ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଟିମ୍ ଉଭୟଙ୍କ ଘରେ ସଙ୍ଗେ ସଙ୍ଗେ ଚଢ଼ାଉ କରିଥିଲେ। ଅମିତାଭଙ୍କ ଘରୁ ଗୋଟିଏ କଳା-ଧୂସର ରଙ୍ଗର ୭ ଏମ୍ଏମ୍ ଦେଶୀ ପିସ୍ତଲ ଓ ମନୋଜଙ୍କ ଘରୁ ଏକ ସିଲ୍‌ଭର-କଳା ରଙ୍ଗର ୭ଏମ୍ଏମ୍ ଦେଶୀ ପିସ୍ତଲ ଜବତ ହୋଇଥିଲା। ଶାନ୍ତନୁ ବିହାର ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ଏସବୁ ବନ୍ଧୁକ ବ୍ୟବସାୟ ନିମନ୍ତେ ଆଣି ବିକ୍ରି କରୁଥିବା ଜଣାପଡ଼ିଛି ବୋଲି ଅତିରିକ୍ତ ଏସ୍‌ପି ଦାସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ଆଇଆଇସି ବିମଳ କୁମାର ନାୟକ ଉପସ୍ଥିତ ଥିଲେ।

# କଟୁରି ଚୋଟରେ ସ୍ତ୍ରୀ, ଶାଶୁ, ଶ୍ୱଶୁର ଗୁରୁତର

## ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ବାଙ୍କୀ, ୫।୧୧ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)



କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଶିଶୁଆ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶ୍ୱଶୁର ଘରେ ସ୍ୱାମୀଙ୍କ କଟୁରି ଚୋଟରେ ଶାଶୁ, ଶ୍ୱଶୁର ଓ ସ୍ତ୍ରୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନାନୁସାରେ ବାଙ୍କୀ ଥାନା ଅନ୍ତର୍ଗତ ବିଞ୍ଝାପିତ ଅଞ୍ଚଳ ପରିଷଦ ଶିଶୁଆ ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଝିଅ ପୁଷ୍ପଲତା(୨୬) ୮ବର୍ଷ ପୂର୍ବେ ସେହି ଗ୍ରାମର ନାରଣ ଦାସଙ୍କ ପୁତ୍ର ସଞ୍ଜୟଙ୍କ ସହିତ ପ୍ରେମ ବିବାହ କରିଥିଲେ। ତାଙ୍କର ୭ ବର୍ଷର ଏକ ଝିଅ ଅଛି। କୌଣସି କାରଣବଶତଃ ପୁଷ୍ପଲତା ଆଜକୁ ୨ବର୍ଷ ଧରି ବାପଘରେ ରହି ଆସୁଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ସ୍ୱାମୀ ସଞ୍ଜୟ ଶ୍ୱଶୁର ଘରକୁ ଆସିଥିଲେ। ଘରେ ସଞ୍ଜୟଙ୍କ ସହିତ ତାଙ୍କ ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ସଞ୍ଜୟ ରାଗିଯାଇ ଘରେ ଥିବା କଟୁରି ଧରି ସେମାନଙ୍କୁ ମାରିବାକୁ ଧମକାଇଥିଲେ। ଶ୍ୱଶୁର ଘରେ ଏଭଳି ପାଟିତୁଣ୍ଡ ଏବଂ ଗଣ୍ଡଗୋଳ ନ କରିବାକୁ ପରିବାର ସଦସ୍ୟ କହିବାରୁ ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀ ପୁଷ୍ପଲତାଙ୍କ ମୁଣ୍ଡକୁ କଟୁରିରେ ହାଣିଥିଲେ। ଶାଶୁ ଓ ଶ୍ୱଶୁର ବିରୋଧ କରିବାରୁ ତାଙ୍କୁ ମଧ୍ୟ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଶ୍ୱଶୁର ଚନ୍ଦ୍ରମଣିଙ୍କ ହାତର ୨ଟି ଆଙ୍ଗୁଠି କଟିଯାଇଥିଲା। ଶାଶୁଙ୍କ ହାତରେ ମଧ୍ୟ କଟୁରି ଚୋଟ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୁଷ୍ପଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ସଞ୍ଜୟଙ୍କୁ ଗିରଫ କରିଥିବା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

# ଘରୋଇ ହସ୍ପିଟାଲରେ ନର୍ସଙ୍କୁ ଯୌନ ନିର୍ଯାତନା ଅଭିଯୋଗ

## ମାମଲା ରୁଜୁକରି ତଦନ୍ତ ଆରମ୍ଭକଲା ପୋଲିସ

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ନର୍ସଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଜଣକ ଚନ୍ଦ୍ରଶେଖରପୁର ଥାନାରେ ବୁଧବାର ଏତଲା ଦେଇଛନ୍ତି। ଜଣେ ସହଯୋଗୀ ନ୍ୟୁରୋ ଟେକ୍ନିସିଆନ୍ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଯୌନ ନିର୍ଯାତନା ଦେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉକ୍ତ ଘରୋଇ ହସ୍ପିଟାଲଟି ମୈତ୍ରୀବିହାର ଥାନା ଆଧୀନରେ ଆସୁଥିବାରୁ ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ଜିରୋ ଏଫ୍‌ଆଇଆର୍ ପଞ୍ଜୀକୃତ କରାଯାଇ ସମ୍ପୃକ୍ତ ଥାନାକୁ ଟ୍ରାନ୍ସଫର କରିଦିଆଯାଇଛି। ପରେ ମୈତ୍ରୀବିହାର ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତା ମହିଳାଙ୍କ ଘର କଟକ ଜିଲା ଗୁରୁଡ଼ିଝାଟିଆ ଥାନାଞ୍ଚଳରେ ହୋଇଥିବା ବେଳେ ସେ ଉକ୍ତ ହସ୍ପିଟାଲରେ ୧୦ ମାସ ହେବ ଓଟି ଇନ୍‌ଚାର୍ଜ ଭାବେ କାମ କରୁଥିଲେ। ଅକ୍ଟୋବର ୨୫ ଅପରାହ୍ନ ପ୍ରାୟ ୨ଟା ୩୦ରେ ସହଯୋଗୀ ଟେକ୍ନିସିଆନ ଜଣକ ତାଙ୍କୁ ଅସଦାଚରଣ କରିଥିଲେ। ଏଥିସହ ଏହାର ଭିଡିଓ ମଧ୍ୟ କରିଥିଲେ। ଏହାକୁ ସେ ବିରୋଧ କରିବାକୁ ଅଭିଯୁକ୍ତ ଟେକ୍ନିସିଆନ୍ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ସେଠାରେ କାମ କରୁଥିବା ଟେକ୍ନିସିଆନଙ୍କ ଜଣେ ସାଙ୍ଗ ମଧ୍ୟ ତାଙ୍କୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ଜଣକ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଏପରିକି ୨୭ ତାରିଖରେ ଏଚ୍‌ଆର୍ ଅଧିକାରୀ ତାଙ୍କୁ ଚାକିରି ଛାଡ଼ିବାକୁ କହିଥିଲେ। ଚାକିରି ନ ଛାଡ଼ିଲେ ବହିଷ୍କୃତ କରିଦିଆଯିବ ବୋଲି କୁହାଯାଇଥିଲା। ଏନେଇ ପୀଡ଼ିତା ଜଣକ ମାନସିକ ଚାପରେ ରହିବା ସହ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# Business

# ଶିଳ୍ପ ସଂଯୋଗୀକରଣ ବଢ଼ାଇବ ଜଖପୁରା ଜିସିଟି

■ ଓଡ଼ିଶାରେ ପଣ୍ୟ ପରିବହନ ଭିତ୍ତିଭୂମିକୁ ପ୍ରୋତ୍ସାହନ
■ ମାସକୁ ୮୬ ରେକ୍ ପରିଚାଳନା ଆକଳନ

ଭୁବନେଶ୍ୱର,୫।୧୧



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଜଖପୁରା ଷ୍ଟେଶନଠାରେ ନିକଟରେ ଏକ ନୂତନ ଗତିଶକ୍ତି କାର୍ଗୋ ଟର୍ମିନାଲ (ଜିସିଟି) କାର୍ଯ୍ୟକ୍ଷମ ହୋଇଛି। ଯାଜପୁର ଜିଲାରେ ଅବସ୍ଥିତ ଏହି ଟର୍ମିନାଲ ଓଡ଼ିଶାରେ ପଣ୍ୟ ପରିବହନ ଭିତ୍ତିଭୂମି ଓ ଶିଳ୍ପ ସଂଯୋଗୀକରଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଅନୁଯାୟୀ ମୋଟ ପ୍ରକଳ୍ପ ମୂଲ୍ୟ ୩୬.୮୫ କୋଟି ଟଙ୍କା । ଟର୍ମିନାଲର ଚାରୋଟି ଲାଇନ ପରିଚାଳନା କ୍ଷମତା ଅଛି ଏବଂ ଏହା ସ୍ୱତନ୍ତ୍ର ବ୍ୟବହାର ପାଇଁ ଡିଜାଇନ କରାଯାଇଛି। ବାହ୍ୟ ସାମଗ୍ରୀ ଭାବରେ ଏହି କାର୍ଗୋ ଟର୍ମିନାଲ ସିମେଣ୍ଟ ପରିବହନ କରିବାକୁ ଥିବାବେଳେ କ୍ଲିଙ୍କର, ସ୍ଲାଗ୍ ଏବଂ ଜିପ୍‌ସମ ଭଳି ଦ୍ରବ୍ୟ ଆଭ୍ୟନ୍ତରୀଣ ସାମଗ୍ରୀ ଭାବରେ ପରିବହନ କରାଯାଇପାରିବ। ଆକଳନ ଅନୁଯାୟୀ ଏହି କାର୍ଗୋ ଟର୍ମିନାଲ ପ୍ରତି ମାସରେ ପ୍ରାୟ ୮୬ ରେକ୍ ପରିଚାଳନା କରିବ ବୋଲି ଆଶା କରାଯାଉଛି, ଯେଉଁଥିରେ ୩୬ଟି ବାହ୍ୟ (ଇନ୍‌ୱାର୍ଡ) ଏବଂ ୫୦ଟି ଆଭ୍ୟନ୍ତରୀଣ (ଆଉଟ ୱାର୍ଡ) ରେକ୍ ଅନ୍ତର୍ଭୁକ୍ତ। ଏହା ସିମେଣ୍ଟ ଏବଂ ଆନୁଷଙ୍ଗିକ ଶିଳ୍ପ ପାଇଁ କଞ୍ଚାମାଲ ଏବଂ ସମାପ୍ତ ଉତ୍ପାଦର ପରିବହନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ଗତିଶକ୍ତି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ପଣ୍ୟ ପରିବହନ ଦକ୍ଷତା ବୃଦ୍ଧିପାଇବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରାଯାଇପାରିବ। ଏହା ଉଭୟ ରେଳପଥ ଏବଂ ସ୍ଥାନୀୟ ଅର୍ଥନୀତିକୁ ଲାଭଦାୟକ ହେବ ବୋଲି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି।

# ବଜାଜ୍ ଫାଇନାନ୍ସର ନୂଆ ୫୨% ଗ୍ରାହକ

ଭୁବନେଶ୍ୱର,୫।୧୧

ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଏହି ପାର୍ବଣ ଋତୁରେ ଉପଭୋକ୍ତା ଋଣ ଚାହିଦାରେ ବୃଦ୍ଧି ହୋଇଛି। କମ୍ପାନୀ ଗତ ବର୍ଷ ତୁଳନାରେ ୨୭% ଅଧିକ ଓ ୨୯% ଅଧିକ ଉପଭୋକ୍ତା ଋଣ ପ୍ରଦାନ କରିଛି। ଉପଭୋକ୍ତା ଋଣରେ ଏହି ବୃଦ୍ଧି, ଜିଏସ୍‌ଟି ସଂସ୍କାର ଏବଂ ବ୍ୟକ୍ତିଗତ ଆୟକର ହାରରେ ପରିବର୍ତ୍ତନର ଏକ ସକାରାତ୍ମକ ଫଳାଫଳ, ଯାହା ଗ୍ରାହକ କ୍ରୟ ଶକ୍ତି ବୃଦ୍ଧି କରିବାକୁ ସହାୟକ ହେଉଛି। ବଜାଜ୍ ଫାଇନାନ୍ସ ସେପ୍ଟେମ୍ବର୨୨ ରୁ ଅକ୍ଟୋବର ୨୬, ୨୦୨୫ ମଧ୍ୟରେ ପ୍ରାୟ୬.୩ ନିୟୁତ ଋଣ ପ୍ରଦାନ କରିଛି। ଏହି ସମୟ ମଧ୍ୟରେ କମ୍ପାନୀ ୨.୩ ନିୟୁତ ନୂତନ ଗ୍ରାହକଙ୍କୁ ଯୋଡିଛି, ଯାହା ମଧ୍ୟରୁ ୫୨ % ନୂତନ କ୍ରେଡିଟ୍ (ପ୍ରଥମ ଥର ଋଣଗ୍ରହୀତା) ଥିଲେ। ବଜାଜ ଫାଇନାନ୍ସର ଅଧ୍ୟକ୍ଷ ସଞ୍ଜୀବ ବଜାଜ୍ କହିଛନ୍ତି, ଜିଏସ୍‌ଟି ସଂସ୍କାର ଏବଂ ଆୟକର ହାରରେ ପରିବର୍ତ୍ତନ ଦୈନନ୍ଦିନ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଅଧିକ ସୁଲଭ କରିଛି, ଯାହା ଲକ୍ଷ ଲକ୍ଷ ମଧ୍ୟବିତ୍ତ ଏବଂ ନିମ୍ନ-ଆୟ ପରିବାରକୁ ଉତ୍ସବ କ୍ରୟ କରିବାକୁ ସକ୍ଷମ କରିଛି।

# ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ଏନ୍‌ଟର୍କ ୧୫୦ର ଅନାବରଣ

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)




ଭୁବନେଶ୍ୱର ପଳାଶୁଣୀସ୍ଥିତ ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ବୁଧବାର ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ସେଲ୍‌ସ୍ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ସଞ୍ଜୟ ଚୌଧୁରୀ, ପ୍ରମୋଦ ଦାଶ ଶ୍ରୀକ୍ଷେତ୍ର ଭେଞ୍ଚର୍ସର ପରିଚାଳନା ନିର୍ଦ୍ଦେଶକ ପରେଶ ନାଥ ସାହୁ, ନିର୍ଦ୍ଦେଶକ ଅବନୀନ୍ଦ୍ର ସାହୁ, ଟିଏମ୍(ସେଲ୍‌ସ) ସୂର୍ଯ୍ୟକାନ୍ତ ମୁଦୁଲି, ବିକାଶ ସିହ୍ନା ଓ ଏରିଆ ସର୍ଭିସ୍ ମ୍ୟାନେଜର ଶୁଭଦୀପ ଗାଙ୍ଗୁଲି ଅତିଥିଭାବେ ନୂଆ ଟିଭିଏସ୍ ଏନ୍‌ଟର୍କ ୧୫୦ର ଅନାବରଣ କରିଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୨୬,୦୦୦(ଅନ୍‌ରୋଡ୍) ରହିଛି। ପ୍ରଥମ ୧୦ ଗ୍ରାହକଙ୍କ ପାଇଁ ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ସ୍ୱତନ୍ତ୍ର ଉପହାର ଘୋଷଣା କରାଯାଇଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍‌ନେଚର ମଫଲର ନୋଟ୍ ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେସନ ଏବଂ ଓଟିଏ ଅପ୍‌ଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ି ତୋଳିଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲଡ, ଓ୩ସି ଟେକ୍ ଇଞ୍ଜିନ୍ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ




ଭୁବନେଶ୍ୱର,୫।୧୧

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ଭୁବନେଶ୍ୱର କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭାଗବତ ସିଂ ଭାକୁନି ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପାଇଁ ଭୁବନେଶ୍ୱର ଜୋନ୍‌ର ପ୍ରଦର୍ଶନ ସମ୍ପର୍କରେ କହିଥିଲେ। ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉପ ମହାପ୍ରବନ୍ଧକ ପ୍ରସନ୍ନଜିତ୍ ରାୟ କହିଥିଲେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ କେବଳ ଆର୍ଥିକ ସହାୟତା ପ୍ରଦାନ ସହ ଇକୋ ସିଷ୍ଟମ ସୃଷ୍ଟିକରି ଦେଶ ନିର୍ମାଣରେ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ବ୍ୟାଙ୍କର ମହିଳା ଗ୍ରାହକମାନଙ୍କ ପାଇଁ ପିଙ୍କ୍ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସହାୟିକା ସମ୍ପର୍କରେ କହିଥିଲେ। ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ ଫ୍ଲିପ୍‌କାର୍ଟ ବ୍ୟବସାୟ ବୃଦ୍ଧି

ଭୁବନେଶ୍ୱର,୫।୧୧

ଫ୍ଲିପ୍‌କାର୍ଟ ସୁରଟ ଓ ଭିୱାଣ୍ଡିଠାରୁ ଆରମ୍ଭକରି ଜୟପୁର ଓ କର୍ନାଲ ପର୍ଯ୍ୟନ୍ତ ଖୋଲିଥିବା ନୂଆ ଆଞ୍ଚଳିକ ବାଣିଜ୍ୟିକ କେନ୍ଦ୍ରଗୁଡିକ ଡିଜିଟାଲ ପ୍ଲାଟ୍‌ଫର୍ମରେ ସଫଳ ହେଉଛନ୍ତି। ପାର୍ବଣ ଋତୁ ସମୟରେ ଏହି ଉଚ୍ଚ ଅଭିବୃଦ୍ଧିଶୀଳ ବର୍ଗଗୁଡିକରୁ ନୂଆ କଲେକ୍ସନରେ ୧.୪ ଗୁଣ ବୃଦ୍ଧି ହେବା ସହ ଫ୍ଲିପ୍‌କାର୍ଟ ଟିୟର ୨ ଓ ଟିୟର ୩ ସହରଗୁଡିକର ଉଦ୍ୟୋଗୀମାନଙ୍କୁ ସ୍ଥାୟୀ, ଟେକ୍ନୋଲୋଜିଭିତ୍ତିକ ବ୍ୟବସାୟଗୁଡ଼ିକୁ ବିସ୍ତାର କରିବା ଏବଂ ଭାରତର ବାଣିଜ୍ୟ କାହାଣୀକୁ ନୂଆ ଉଚ୍ଚତାକୁ ନେବା ପାଇଁ ସକ୍ଷମ କରୁଛି। ଭୁବନେଶ୍ୱର ସମେତ ଟିୟର ୨ ସହରଗୁଡିକ ମଧ୍ୟରେ ଭିୱାଣ୍ଡି ଓ ଦୁର୍ଗାପୁରରେ ପାର୍ବଣ ଋତୁ ସମୟରେ ସର୍ବାଧିକ ଅଭିବୃଦ୍ଧି ହୋଇଛି। ଫ୍ଲିପ୍‌କାର୍ଟରେ ବରିଷ୍ଠ ଉପାଧ୍ୟକ୍ଷ ସଙ୍କେତ ଚୌଧୁରୀ କହିଛନ୍ତି, ସୁରଟ ହେଉ କିମ୍ବା ମିରଟ କିମ୍ବା ଲକ୍ଷ୍ନୌ, ଭାରତର ନୂଆ ବାଣିଜ୍ୟ କେନ୍ଦ୍ରଗୁଡିକ ଦ୍ରୁତବେଗରେ ଇକମର୍ସ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ ହେଉଛନ୍ତି।




ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲ୍ସ ପକ୍ଷରୁ ପାର୍ବଣ ଋତୁରେ ସର୍ବାଧିକ ରୟାଲ ଏନ୍‌ଫିଲ୍ଡ ବାଇକ୍ ବିକ୍ରି ନେଇ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ନରେନ୍ଦ୍ର ଶ (ଆର୍‌ବିଏମ୍), ତଲିବ ରସୁଲ(ଏଏଏସ୍‌ଏମ୍), ମାଧବ ଲୋଧା(ଡିପି), ହର୍ଷିତ ଲୋଧା(ଡିପି)ଙ୍କ ସହ ଜୟବାବା ଟିମ୍ ଯୋଗଦେଇଛନ୍ତି।

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ





# ଯୁଦ୍ଧ ପ୍ରଚ୍ଛଦରେ ମନ୍ଦିର

ଦେବଦତ୍ତ ପଟ୍ଟନାୟକ

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ଦୁଇଟି ବୌଦ୍ଧ ଧର୍ମାବଲମ୍ବୀ ଦେଶ। ନିକଟରେ ଏହି ଦୁଇ ଦେଶର ସୀମା ପାଖରେ ଥିବା ଏକ ହିନ୍ଦୁ ମନ୍ଦିରକୁ କେନ୍ଦ୍ର କରି ଉଭୟ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ମନ୍ଦିର ପ୍ରିହ ବିହିୟର ଭାବେ ଜଣାଶୁଣା। ଏଠାରେ ନବମ ଏବଂ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଦାନଗ୍ରେକ୍ ପର୍ବତର ଶିଖରରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରାଯାଇଥିଲ। ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ ବା ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ) ରାୟ ଦେଇଥିଲେ ଯେ, ସୀମା ପାଖରେ ଥିବା ହିନ୍ଦୁ ମନ୍ଦିର କାମ୍ବୋଡ଼ିଆର। କିନ୍ତୁ ଏହି ମନ୍ଦିର ଚାରିପାଖରେ ଥିବା ଅଞ୍ଚଳକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ବାରମ୍ବାର ସଂଘର୍ଷ ଘଟିଛି। ତେବେ ପୁରୁଣା ରୀତିନୀତି ବା କର୍ମକାଣ୍ଡ କୈନ୍ଦ୍ରିକ କେନ୍ଦ୍ରଗୁଡ଼ିକ କିଭଳି ଆଧୁନିକ ରାଜନୀତି ଓ ଜାତୀୟ ଗର୍ବର ଅଂଶ ପାଲଟିଛି, ତାହା ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ତିକ୍ତତା ଦର୍ଶାଉଛି। କିନ୍ତୁ କାହିଁକି ଏଠାରେ ଏକ ହିନ୍ଦୁ ମନ୍ଦିର ରହିଛି, ଏହାର ଉତ୍ତର ପାଇବାକୁ ହେଲେ ଆମକୁ ଭାରତ ମହାସାଗରରେ ମୌସୁମୀବାହିତ ଜାହାଜଗୁଡ଼ିକର ପଥକୁ ଅନୁସରଣ କରିବାକୁ ପଡ଼ିବ।

ଦୁଇ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି ମୌସୁମୀ ପବନ ବାଣିଜ୍ୟ ଧାରା ବା ଚକ୍ରକୁ ନୂଆ ରୂପ ଦେଇଆସିଛି। ବର୍ଷାଦିନ ପୂର୍ବରୁ ଆରବ ଓ ଆଫ୍ରିକାରୁ ଜାହାଜଗୁଡ଼ିକ ଭାରତର ପଶ୍ଚିମ ଉପକୂଳକୁ ଆସୁଥିଲା ଏବଂ ମୌସୁମୀ ଚାଲିଗଲା ପରେ ଫେରୁଥିଲା। ମୌସୁମୀ ପୂର୍ବରୁ ପୂର୍ବ ଉପକୂଳରୁ ଜାହାଜଗୁଡ଼ିକ ସମୁଦ୍ର ପଥରେ ଏବେ କୁହାଯାଉଥିବା ମ୍ୟାନ୍‌ମାର, ଥାଇଲାଣ୍ଡ, କାମ୍ବୋଡ଼ିଆ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକ ଅଭିମୁଖେ ଯାତ୍ରା କରୁଥିଲା ଏବଂ ପବନର ଗତିପଥ ବିପରୀତ ହେବା ପରେ ଫେରିଆସୁଥିଲା। ଉଲ୍ଲେଖନୀୟ, ଭାରତର ସୂତା ପୋଷାକ ନେଇ ଜାହାଜସବୁ ପୂର୍ବ ଆଡ଼କୁ ଯାତ୍ରା କରୁଥିଲା ଏବଂ ସେଠାରୁ ଫେରିବାବେଳେ ସୁନା, ସୁଗନ୍ଧିତ କାଠ, ମସଲା, ନୀଳା, ମାଣିକ ଆଦି ସାଙ୍ଗରେ ନେଇ ଆସୁଥିଲା। ତୃତୀୟ ଶତାବ୍ଦୀ ପ୍ରାରମ୍ଭରେ ଚାଇନାର ରେକର୍ଡଗୁଡ଼ିକରେ ମେକଙ୍ଗ ନଦୀ ଅବବାହିକାରେ ଭାରତୀୟ ବଣିକ, ନୃତ୍ୟଶିଳ୍ପୀ ଏବଂ ଲେଖକଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ପରବର୍ତ୍ତୀ ସମୟରେ ମେକଙ୍ଗ ଅବବାହିକା ଫୁନାନ ଭାବେ ପରିଚିତ। ଅନେକ କାହାଣୀର ବର୍ଣ୍ଣନା ଅନୁଯାୟୀ, କୌନ୍ୟା ନାମ୍ନୀ ଜଣେ କନ୍ୟା ଜଣେ ନାଗା ରାଜକୁମାରଙ୍କୁ ବିବାହ କରିଥିଲେ ଏବଂ ପରେ ସେ ଭାରତୀୟ ଜୀବନଶୈଳୀକୁ



ଆପଣାଇଥିଲେ। କେବଳ ଏତିକି ନୁହେଁ, ସେ ମଧ୍ୟ ଭାରତୀୟ ପରମ୍ପରା, ଲେଖା ଏବଂ ବ୍ରହ୍ମାଣ୍ଡ (ମହାକାଶ) ବିଜ୍ଞାନର ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ତେବେ ମେକଙ୍ଗ ଅବବାହିକାର ସ୍ଥଳପଥ ବାଣିଜ୍ୟ ସମୟକ୍ରମେ ସମୁଦ୍ରପଥରେ ଚାଲିଥିଲା ଏବଂ ଏହା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ହୋଇଯାଇଥିଲା। ସମୁଦ୍ର ସହ ଯେଉଁଠି ନଦୀଗୁଡ଼ିକ ମିଳିତ ହୋଇଥିଲେ, ବିଶେଷକରି କଳିଙ୍ଗର ମହାନଦୀ ତ୍ରିକୋଣଭୂମି ଅଞ୍ଚଳ, ଆନ୍ଧ୍ରପ୍ରଦେଶର ଗୋଦାବରୀ ଓ କୃଷ୍ଣାନଦୀ ଧୋୟାଞ୍ଚଳ, ତାମିଲନାଡୁର କାବେରୀ ଓ ବୈଗାୟି ଏବଂ ଶ୍ରୀଲଙ୍କା, ବର୍ମା, ଥାଇଲାଣ୍ଡ ଓ ଜାଭାର ନଦୀମୁହାଣ ନିକଟରେ ବାଣିଜ୍ୟ କେନ୍ଦ୍ର ଗଢ଼ି ଉଠିଥିଲା। ସମୟକ୍ରମେ ନଦୀମୁହାଣଗୁଡ଼ିକ ସାମଗ୍ରୀ, ବିଭିନ୍ନ କାହାଣୀ ଓ ଦେବତାଙ୍କ ଭାବନାର ବିନିମୟ ଘଟିଲା ଏବଂ ସାଂସ୍କୃତିକ ଆଦାନପ୍ରଦାନର ସ୍ଥଳୀ ପାଲଟିଗଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସପ୍ତମ ଶତାବ୍ଦୀ ପରେ ଶୈବସଂସ୍କୃତିର ସିଦ୍ଧାନ୍ତ ପୂର୍ବଦିଗକୁ ବ୍ୟାପିଥିଲା। ସପ୍ତମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟର ସମୟ ଥିଲା ଏକ ମହାନ୍ ଶୈବଯୁଗ। ସେହି ସମୟରେ ଶିବଗୁରୁମାନେ ରାଜାମାନଙ୍କୁ ଶିକ୍ଷା ଦେଇଥିଲେ ଯେ, ଶିବଙ୍କ ଶକ୍ତି ସେମାନଙ୍କ ଶରୀରରେ ସଂଚାର କରାଯାଇପାରିବ। ଶିବତତ୍ତ୍ୱରେ ସଞ୍ଚରିତ ଜଣେ ରାଜା ବର୍ଷାକୁ ନିର୍ଦ୍ଦେଶ ଦେବା, ଲୋକଙ୍କୁ ମୋହିତ କରିବା, ରାଜ ଦରବାରକୁ ଜ୍ଞାନୀଙ୍କୁ ଆକର୍ଷିତ କରିବା ସହ ଶତ୍ରୁମାନଙ୍କ ମନରେ ଭୟ ସୃଷ୍ଟି କରିପାରୁଥିବା କୁହାଯାଉଥିଲା। ସେମାନଙ୍କୁ ନେଇ ମଣ୍ଡଳ ସାମ୍ରାଜ୍ୟ ଗଢ଼ିଉଠୁଥିଲା ; ଯାହା ଥିଲା ସମୃଦ୍ଧି, ସଙ୍ଗୀତ, ନୃତ୍ୟ ଏବଂ ପ୍ରାଚୁର୍ଯ୍ୟର କେନ୍ଦ୍ର। ତେବେ ଶିବ ଉପାସକ ବା ମତାବଲମ୍ବୀଙ୍କ ଦ୍ୱାରା ରଚିତ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ଏସବୁ ଘଟିବା ପାଇଁ ବ୍ୟାପକ ରୀତିନୀତି ଆପଣାଇବାକୁ ପଡୁଥିଲା। ଏପରିକି ସେହି ସମୟରେ ବୈଦିକ ବ୍ରାହ୍ମଣମାନେ ଅଲୋଡ଼ା ହୋଇଯାଇଥିଲେ ବୋଲି ଏଥିରେ ଉଲ୍ଲେଖ ରହିଛି। ଏହିସବୁ କର୍ମକାଣ୍ଡ ପାଇଁ ପବିତ୍ର ସ୍ଥାନର ଆବଶ୍ୟକତା ପଡ଼ିଲା ଏବଂ ଭାରତ ଓ ଦକ୍ଷିଣ ଏସିଆରେ ବିରାଟକାୟ ଶିବ ମନ୍ଦିରସବୁ ଗଢ଼ିଉଠିଲା। ଆମେ ଜାଭାରେ ପ୍ରମ୍ବନନ୍, ଭିଏତ୍‌ନାମରେ ମାଇଁ ସନ୍ ଏବଂ କାମ୍ବୋଡ଼ିଆରେ ବିଶାଳ ଅଙ୍ଗକୋର ସ୍ଥଳୀ ନିର୍ମାଣ କରାଯାଇଥିଲା। କେତେକ ମନ୍ଦିରରେ ଶିବଙ୍କ ବଦଳରେ ବିଷ୍ଣୁ ମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଥିଲା, ଦୁଇ ଦେବତାଙ୍କ ବିପରୀତ ଶକ୍ତି ଭାବେ ଦେଖାଯାଉଥିଲା। ଅଧା ବିଷ୍ଣୁ ଓ ଅଧା ଶିବ (ହରିହର) ମୂର୍ତ୍ତିଗୁଡ଼ିକ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଲୋକପ୍ରିୟ ହୋଇଯାଇଥିଲା।

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ସୀମାରେ ଥିବା ମନ୍ଦିର ଏହି ପରମ୍ପରାର ଏକ ଅଂଶ। ସାଧାରଣ ଲୋକେ ଦର୍ଶନ ପାଇଁ ଯାଉଥିବା ତଥା ପାହାଡ଼ ଉପରେ ଥିବା ଏହି ମନ୍ଦିର ଏକ ଭକ୍ତି ମନ୍ଦିର ନ ଥିଲା। ଏହା ଥିଲା ଏକ ରାଜକୀୟ କର୍ମକାଣ୍ଡ କ୍ଷେତ୍ର, ଯେଉଁଠି ରାଜାମାନେ ଦିବ୍ୟ ଆଭା ପ୍ରାପ୍ତ ସକାଶେ ଏବଂ ସେମାନଙ୍କ ସାମ୍ରାଜ୍ୟକୁ ଏକ ଅଲୌକିକ ସ୍ୱର୍ଗରେ ପରିଣତ କରିବା ଲାଗି ବିଭିନ୍ନ ଉତ୍ସବ ଆୟୋଜନ କରୁଥିଲେ। ଏହା ଥିଲା କଳାର ରାଜ୍ୟ, ଯେଉଁଠି ରାଜତ୍ୱ ଜନକଲ୍ୟାଣ କିମ୍ବା ଯୁଦ୍ଧ ଉପରେ କମ୍ ନିର୍ଭରଶୀଳ ଥିଲା ଏବଂ ଅଧିକ ଉତ୍ପାଦନ କୈନ୍ଦ୍ରିକ ଥିଲା। ମୌସୁମୀ ସମୟ ଅନୁଯାୟୀ ବିହନ ବୁଣିବା ଓ ଅମଳ କରିବାରେ ସଫଳତା ସମୃଦ୍ଧିକୁ ନିଶ୍ଚିତ କରୁଥିଲା। ଏହି ରୀତିନୀତିକୁ ଆଧାର କରି ରାଜାମାନେ ନିଜକୁ ମର୍ତ୍ତ୍ୟ-ସ୍ୱର୍ଗର ଇନ୍ଦ୍ର ବୋଲି ମଣୁଥିଲେ। ଏହା ଏକଚ୍ଛତ୍ରବାଦ ନ ଥିଲା। ରାଜା କେବଳ ଜଣେ ଜମିଦାର ନ ଥିଲେ, ବରଂ ଥିଲେ ଜଣେ ଉତ୍ତମ ରାଜା କିମ୍ବା ଦେବରାଜ, ଯେଉଁମାନେ ପ୍ରକୃତି ଓ ସଂସ୍କୃତିକୁ ଧରି ରଖୁଥିଲେ। ଏପରିକି ଏହି ବିଚାରଧାରା ବୌଦ୍ଧଧର୍ମକୁ ବ୍ୟାପିଥିଲା ଏବଂ ଏହା ବୌଦ୍ଧଧର୍ମର ତାନ୍ତ୍ରିକ ପରମ୍ପରାକୁ ଜନ୍ମ ଦେଇଥିଲା। ଏହି ତାନ୍ତ୍ରିକ ରୀତିନୀତି କାମ୍ବୋଡ଼ିଆ, ଜାଭା ଓ ତିବ୍ବତକୁ ବ୍ୟାପିଥିଲା।

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ଯେଉଁ ମନ୍ଦିରକୁ ନେଇ ଲଢ଼େଇ କରୁଛନ୍ତି ତାହା ହେଉଛି ସମୟର ଏକ ଜୀବାଶ୍ମ। ସେତେବେଳେ ରାଜାମାନେ କ୍ଷମତା ସହ ଅଲୌକିକତା ଚାହୁଁଥିଲେ। ସେହି ସମୟରେ ମୌସୁମୀ ଉପରେ ନିର୍ଭରଶୀଳ ବାଣିଜ୍ୟ ମାଧ୍ୟମରେ ଭାରତୀୟ ଦେବତାଙ୍କୁ ସୁଦୂର ଦେଶଗୁଡ଼ିକୁ ନେଇଥିଲା ଏବଂ ରାଜାମାନେ ସେମାନଙ୍କ ସାମ୍ରାଜ୍ୟକୁ ଧନୀ ଓ ଉଜ୍ଜ୍ୱଳ ତଥା ଏକ ମର୍ତ୍ତ୍ୟର ସ୍ୱର୍ଗ ରୂପେ ଗଢ଼ିବାର ସ୍ୱପ୍ନ ଦେଖୁଥିଲେ। ଏହିସବୁ ମନ୍ଦିର ନିର୍ମାଣ କରାଯାଇଥିବା ସମୟରେ ସେମାନଙ୍କ ଶାସିତ ଅଞ୍ଚଳର କୌଣସି ସୀମା ନ ଥିଲା। ସେତେବେଳେ କାମ୍ବୋଡ଼ିଆ ନ ଥିଲା କି ଥାଇଲାଣ୍ଡ। ତେବେ ଏବେ ପୁରୁଣା ଦେବତାଙ୍କ ସ୍ଥଳୀ ଏବଂ ସେଗୁଡ଼ିକର ରାଜକୀୟ ସଂରକ୍ଷଣ ହେଉଛି ଗର୍ବର ବିଷୟ ଏବଂ ଏଗୁଡ଼ିକ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ର ପାଲଟିଛି। ଏଥିରୁ ଉପୁଜିଥିବା ଆର୍ଥିକ ଓ ରାଜନୈତିକ ଉତ୍ତେଜନାରୁ ଯୁଦ୍ଧ ସୃଷ୍ଟି ହେଉଛି। ଏହାର ଲୋକଙ୍କ ବିଶ୍ୱାସ ସହିତ କୌଣସି ସମ୍ପର୍କ ନାହିଁ।

-devduttofficial@gmail.com

# ପୁସ୍ତକର ଚାହିଦା



ଭଗବାନ ଦାଶ

ଏବେ ସହଜରେ ମୋବାଇଲରେ ବହୁତ କିଛି ମିଳିଯାଉଛି। ବହି ଅଲୋ ନେଟ୍‌ରେ କେତେକେତେ ବହିର ପସରା ! ଗପ ହେଉ କି ପ୍ରବନ୍ଧ କିମ୍ବା କବିତା ହେଉ କି ସମ୍ବାଦ ହାତପାହାନ୍ତାରେ। ଇଣ୍ଟରନେଟ୍ ଥିଲେ ଟିପ ଅଗରେ। ଫଳରେ ବହିର ପୃଷ୍ଠା ଲେଉଟେଇବାର ପ୍ରଚେଷ୍ଟା କରିବେ କାହିଁକି? ପିଲାମାନେ ଲାଇବ୍ରେରିରେ ବହି ପଢ଼ିବା ଅପେକ୍ଷା ଫଟୋ ଉଠାଇ ଆଣି ଘରେ ପଢ଼ିବାକୁ ଅଧିକ ପସନ୍ଦ କରୁଛନ୍ତି। ବହି ଖାଲି ସଜ୍ଜା ହୋଇ ଥୁଆହେଉଛି। ଦୈନିକ ଖବରକାଗଜ, ମାଗାଜିନ୍‌ର କିଛିଟା ଅଂଶ ପଢ଼ାଯିବାର ନଜରରେ ଆସୁଛି। ସମ୍ବାଦପତ୍ର ଛପା ପରିମାଣ ବହୁ ପରିମାଣରେ କମିଗଲାଣି। ବୁଝିବାକୁ ହେବ, ପଢ଼ିବା ଯେ ଗଢ଼ିବା ପାଇଁ। କିନ୍ତୁ ଏ ଗଢ଼ିବା ଯେ କେତେ ସୁଗମ ହେଇଗଲାଣି, ତାହା ତାଙ୍କୁ ମୋବାଇଲ ଚେତାଇଦେବ। କେତେକେତେ ସନ୍ଧାନ ଦେବ। ଯେମିତି ଚାହୁଁଚ ସେମିତି ମିଳିପାରିବ। ଏ ପରିସ୍ଥିତିରେ ବହି ଦରକାର ହେବ କାହିଁକି?

ହଁ, ପାଠ୍ୟ ପୁସ୍ତକ କଥା ଛାଡ଼। ଏବେ ଯିବା ଧର୍ମପୁସ୍ତକ ଆଡ଼କୁ। ଗୀତା ହେଉଛି ଭାଗବତ ଭକ୍ତିର ସସମ୍ପନ୍ନ ଆଦର୍ଶବାଣୀଭରା ଧର୍ମଗ୍ରନ୍ଥ। ବେଦ, ପୁରାଣ ଯାହା ଖୋଜିବାକୁ ବର୍ଷ ବର୍ଷ ଲାଗିଯାଏ, ତାହା କ୍ଷଣକେ ଟିପ ଲାଗିଲେ ମୋବାଇଲରୁ ମିଳେ। ପୁସ୍ତକ ତଥାପି ସୃଷ୍ଟି ହେଉଛି। ବଜାରକୁ ଆସୁଛି। ତେବେ ବିକ୍ରି ବହୁତ କମ ହେଉଛି। ଏବେ ପୁସ୍ତକ କିଣିବାର ପ୍ରଚାର ଆବଶ୍ୟକ ହେଲାଣି। ଆପେ ଆପେ ପୁସ୍ତକ କିଣିବା ଲୋକଙ୍କ ସଂଖ୍ୟା ନଗଣ୍ୟ। ''ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ''ର ପରିଭାଷା ବଦଳିଗଲାଣି। ଯେଉଁ ଜ୍ଞାନୀବନ୍ଧୁ ଯାହା ବଖାଣିବେ, ତାହାଠାରୁ ଆହୁରି ଭଲ ଏବେ କୃତ୍ରିମ ଧୀ ସମ୍ପନ୍ନ ଯନ୍ତ୍ର (ଆର୍ଟିଫିସିଆଲ କମ୍ପ୍ୟୁଟର) ମୁହୂର୍ତ୍ତକେ ଜଣାଇପାରୁଛି। ସୁନ୍ଦର ସୁନ୍ଦର ଗୀତ ଗପ ତ ଏବେ ସାଧାରଣ କଥା।

ଧନ୍ୟରେ ବିଜ୍ଞାନ! କମ୍ପ୍ୟୁଟର ସିନା ପାଠପଢ଼ା ପିଲାଙ୍କର ଅତି ଅପରିହାର୍ଯ୍ୟ, ହେଲେ ଭାରତ ଭଳି ଗରିବ ଦେଶରେ ଅଧିକାଂଶଙ୍କ ଜୀବିକା ଚାଷ। ଏପରି ବହୁତ ପରିବାର ଅଛନ୍ତି ଯାହାଙ୍କ ଘରେ ବିଦ୍ୟୁତ୍ ଆଲୋକ ଅପହଞ୍ଚ। ସେମାନେ କରିବେ କ'ଣ? ଗୀତା, ଭାଗବତ, ରାମାୟଣ, ମହାଭାରତ ଗାଁରେ ଗାଁରେ, ଘରେ ଘରେ ପଢ଼ାଯାଏ। ପିଲେ କିନ୍ତୁ ଶିକ୍ଷିତ ହେଲା ପରେ ସେସବୁ ବଦଳିଯାଉଛି। ଧର୍ମ ଆଉ ବିଭେଦର କାରଣ ନ ହୋଇ ରୋଜଗାର ଏବେ ତା' ସ୍ଥାନ ନେଲାଣି। ରକ୍ଷଣଶୀଳ ଲୋକେ ଧର୍ମକୁ ଆଧାରକରି କଥା କହିଲେ। ପିଲେ କହିଲେଣି ଧର୍ମ କ'ଣ ବଞ୍ଚାଇପାରିବ! ପାଳି ପୋଷିବାରେ ସହାୟକ ହେବ! ମଣିଷକୁ ମଣିଷ ପରି ବଞ୍ଚିବାକୁ ଆଧୁନିକ ସରଞ୍ଜାମ ଯୋଗାଇ ଉନ୍ନତ କରିପାରିବ! ବିନା ପଇସାରେ ପରା କିଛି ହେବନି। ଏବେ ତ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବାକୁ ଗଲାଣି। ଏଇ ମଣିଷ ଗଢ଼ୁଛି କୃତ୍ରିମ ଜ୍ଞାନ କୌଶଳରେ ଅନେକ ଅଦ୍ଭୁତ ମେଶିନ। ସେହି ମେଶିନ ସବୁ ଏ ଲୋକଙ୍କୁ ନିଷ୍କ୍ରିୟ କରିବାକୁ ବସିଲାଣି। ରୋବୋର ଅବିଶ୍ରାନ୍ତ କାମ ଦେଶରୁ ଶ୍ରମ ଦିବସ ବହୁଳ ଭାବରେ ହ୍ରାସ କରିବାର ଲକ୍ଷଣ ଦେଖାଇଲାଣି। ଆଗ ପାଗ ଏବେ ନାହିଁ। ବ୍ୟବସ୍ଥା ବୈଷୟିକ ଶିକ୍ଷାକୁ ଆପଣେଇବାକୁ ବାଧ୍ୟ କଲାଣି। ହଁ, ଏତିକି ହୋଇପାରେ, ଆଜି ଯେଉଁ ଯନ୍ତ୍ରଟି ଶହେ ଲୋକଙ୍କର କାମ କରିପାରୁଛି, କାଲି ହୁଏତ ତାହା ଏକ ହଜାର ଲୋକଙ୍କର କାମ କରିପାରିବ। ଏହି ମେଶିନ ନିର୍ମାଣରେ ଅଧିକ ବୈଷୟିକ ଶିକ୍ଷାବିତ୍‌ଙ୍କର ବୁଦ୍ଧି। ଜ୍ଞାନ ତଥା ମାନବ ସମ୍ବଳର ଉପଯୋଗ କରାଯାଇପାରେ। କିନ୍ତୁ ବେକାରୀ ବଢ଼ିବା ଥୟ। ରୋଜଗାର ହଟିବ। କ୍ରୟ ଶକ୍ତି କମିବ। ଜୀବନ ବଞ୍ଚାଇବା ଅସହଜ ହେବ। ସେଠି ପୁସ୍ତକ କଥା କିଏ ବୁଝିବ? ମୋବାଇଲରୁ ମନ ପସନ୍ଦର ବହି କ୍ଷଣଙ୍କ ମଧ୍ୟରେ ଅନାୟାସରେ ମିଳିପାରିବ। ତେବେ ଆଉ ପୁସ୍ତକ ଲେଖିବ କିଏ? ବହି ଛାପିବେ କାହିଁକି? ସମ୍ପୃକ୍ତ ସମସ୍ତ ବର୍ଗ ବେକାର ହେବେ। ରୋଜଗାର ସାତ ସପନ ହେବ। ପୁସ୍ତକ ଆସ୍ତେ ଆସ୍ତେ ଲୋକଲୋଚନରୁ ଅପସରିବାକୁ ଲାଗିବ। ସଂରକ୍ଷଣ ପାଇଁ ଆବଶ୍ୟକ ସ୍ଥାନ ଖୋଜା ପଡ଼ିବ ନାହିଁ। ମୋବାଇଲରେ କେତେ ଯେ ବହି ରହିଥିବ, ତାହା କଳନା କରି ହେବନି। ପୁସ୍ତକର କଳେବର ଲୋକେ ଭୁଲିଯିବେ। ଏଇ ଯେପରି ଢିଙ୍କି, ଧାନ ଉଷୁଆଁ ଚୁଲି, ଉଦିବିଦି, ଶଗଡ଼ ଆଦି ଆଉ ଦିଶୁନି, ବରଂ ପିଲେ ଶୁଣିଲେ ସେଗୁଡ଼ିକ କ'ଣ, କିପରି ଜିନିଷ ବୋଲି ପ୍ରଶ୍ନ କରୁଛନ୍ତି। ପୂର୍ବେ ପୋଥିପତ୍ର ଯେପରି ଅଦୃଶ୍ୟ, ଦୁଷ୍ପ୍ରାପ୍ୟ ପୁସ୍ତକଗୁଡ଼ିକ ଠିକ ସେହି ଦଶା ଭୋଗିବେ। କବି, ଲେଖକ ଆଉ ଅମର ହୋଇ ରହିବେନି ! ଅସି ଠାରୁ ମସି ବଳବତ୍ତର ରହିବ ନାହିଁ। ପାଠକ ମିଳିବେ ନାହିଁ। ଧର୍ମ ଗ୍ରନ୍ଥ ସବୁ ଆସ୍ତେ ଆସ୍ତେ ହଜିଯିବେ। ପୁସ୍ତକ ସଂଗ୍ରହାଳୟର ସଂରକ୍ଷିତ ବସ୍ତୁ ସାଜିବ ଭବିଷ୍ୟତ ପିଢ଼ିଙ୍କ ଦର୍ଶନ ପାଇଁ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ଇଚ୍ଛାଶକ୍ତି ଆଗରେ ବୟସ ହାର୍ ମାନେ- ଏହା ପ୍ରମାଣ କରିଛନ୍ତି କେରଳର ମହିଳା ଚାଳକ ମଣି ଅମ୍ମା। ତାଙ୍କ ବୟସ ୭୪ ଛୁଇଁଲାଣି, ହେଲେ ସେ ନିର୍ଭୀକ ଭାବେ ଭାରିଯାନ ଚଳାଉଛନ୍ତି। ଟ୍ରକ୍, ବସ୍, କ୍ରେନ୍‌ଠାରୁ ଆରମ୍ଭକରି ବିଭିନ୍ନ ଭାରିଯାନ ଚଳାଇ ସେ ତାଙ୍କ ସାହସ ଓ ଧୈର୍ଯ୍ୟର ପରିଚୟ ଦେଇଛନ୍ତି। କେବଳ ଏତିକି ନୁହେଁ, ସେ ଏକ ଡ୍ରାଇଭିଂ ସ୍କୁଲ୍ କରି ସେଠାରେ ବିଶେଷକରି ମହିଳାମାନଙ୍କୁ ଡ୍ରାଇଭିଂ ପ୍ରଶିକ୍ଷଣ ଦେଉଛନ୍ତି। ମଣି ଅମ୍ମାଙ୍କର ଜନ୍ମ ଏକ ମଧ୍ୟବିତ୍ତ ପରିବାରରେ। ସେ ଦଶମ ପଢୁଥିବା ବେଳେ ବିବାହ କରିଥିଲେ। ପରେ ପରିବାରର ଦାୟିତ୍ୱ ବହନ କରିବା ପାଇଁ ସ୍ୱାମୀଙ୍କ ପ୍ରେରଣାରେ ଗାଡ଼ି ଚଳାଇବା ଆରମ୍ଭ କରିଥିଲେ। ସମୟକ୍ରମେ ସେ ୧୧ଟି ଭାରିଯାନ ଲାଇସେନ୍ସ ମଧ୍ୟ ହାସଲ କରିଥିଲେ, ଯାହା ଏକ ବିରଳ ସଫଳତା। ଏଥିପାଇଁ ୨୦୨୨ରେ ସେ ଇଣ୍ଡିଆନ୍ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୬ ନଭେମ୍ବର ୧୯୭୬

- ମହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ତଥା ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ପ୍ରସାଦ ଚୌଧୁରୀଙ୍କ ୭୬ ବର୍ଷ ବୟସରେ ପରଲୋକ।
- ଭାରତରେ ସାମୁଦ୍ରିକ ନକ୍ସା ଓ ଡିଜାଇନ କେନ୍ଦ୍ର ସ୍ଥାପନ ପାଇଁ ଭାରତ ଓ ନରୱେ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଜାତିସଂଘର ଶିଶୁ ସମ୍ପର୍କୀୟ ଜରୁରୀ ପାଣ୍ଠିକୁ ଭାରତ ଦେଲା ୧୧ ଲକ୍ଷ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | 7 |
| 3 | | | 1 | 6 | 9 | | | |
| | | | | | 8 | 6 | | 5 |
| | | | | | | | | |
| 4 | | | | 9 | | | | 3 |
| | 8 | | | | 2 | 1 | | |
| 8 | 9 | | 4 | 5 | | | | |
| | | 2 | | | | | 8 | 1 |
| | | 3 | | | | 5 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 8 | 9 | 1 | 4 | 7 | 5 |
| 7 | 8 | 9 | 5 | 6 | 4 | 2 | 3 | 1 |
| 4 | 1 | 5 | 3 | 2 | 7 | 8 | 9 | 6 |
| 9 | 7 | 3 | 2 | 4 | 5 | 6 | 1 | 8 |
| 5 | 2 | 1 | 6 | 7 | 8 | 3 | 4 | 9 |
| 6 | 4 | 8 | 9 | 1 | 3 | 7 | 5 | 2 |
| 3 | 5 | 7 | 1 | 8 | 6 | 9 | 2 | 4 |
| 1 | 6 | 2 | 4 | 3 | 9 | 5 | 8 | 7 |
| 8 | 9 | 4 | 7 | 5 | 2 | 1 | 6 | 3 |

ଗତକାଲିର ଉତ୍ତର

# କ୍ୱାଣ୍ଟମ୍ ପ୍ରଭାବ



ଡ. ଗୌରୀଶଙ୍କର ସାହୁ

ଜର୍ମାନ୍ ଭାଷାରେ ପ୍ରକାଶିତ ଜର୍ନାଲ ଜ୍ୟାତ୍‌ଶ୍ରିଫ୍ଟ ଫ୍ରୋର୍ ଫିଜିକ୍‌ରେ ବିଶ୍ୱବିଖ୍ୟାତ ପଦାର୍ଥ ବିଜ୍ଞାନୀ ୱେରନର ହାଇଜେନ୍‌ବର୍ଗ ୧୯୨୫ ଡିସେମ୍ବର ସଂସ୍କରଣରେ ଗୋଟିଏ ଯୁଗାନ୍ତକାରୀ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିଥିଲେ। ଏହି ଆଲେଖ୍ୟ କ୍ୱାଣ୍ଟମର ତତ୍ତ୍ୱକୁ କ୍ୱାଣ୍ଟମ ମେକାନିକ୍ସଙ୍କୁ ରୂପାନ୍ତରିତ କରିଥିଲା। ଦୃଶ୍ୟମାନ କଣିକା- ସମୂହଙ୍କ ଆନ୍ତଃସମ୍ପର୍କ ଉପରେ ପର୍ଯ୍ୟବସିତ ଥିଲା ଏହି ନିବନ୍ଧ ଯାହା କ୍ୱାଣ୍ଟମ୍ ମେକାନିକ୍ସର ଭିତ୍ତି ସ୍ଥାପନ କରିପାରିଥିଲା। ୨୦୨୫କୁ ଏହି ପ୍ରକାଶନକୁ ୧୦୦ବର୍ଷ ପୂରିଲା। ମିଳିତ ଜାତିସଂଘ ଏ ବର୍ଷକୁ ବିଶ୍ୱ କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବର୍ଷ ଭାବେ ଘୋଷଣା କରିଛି ଓ ୟୁନେସ୍କୋ ତରଫରୁ ଏ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଲକ୍ଷ୍ୟ- କ୍ୱାଣ୍ଟମ ବିଜ୍ଞାନ ଓ ବ୍ୟବହାର ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିବା, ଗବେଷଣା ପ୍ରତିଷ୍ଠାନ ଏବଂ ଗବେଷକଙ୍କ ମଧ୍ୟରେ ବିଶ୍ୱବ୍ୟାପୀ ସହଯୋଗର ବାତାବରଣ ସୃଷ୍ଟି ସହ ବହୁ ଆୟାମୀ ଓ ଅନ୍ତର୍ଜାତୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା, ନିରନ୍ତର ସମୃଦ୍ଧି ପାଇଁ କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ତ୍ୱରାନ୍ୱିତ କରିବା। ଯୁବବର୍ଗ ଓ ଶିକ୍ଷକଙ୍କ ମଧ୍ୟରେ ସହଯୋଗ ଓ ସହଭାଗିତା ମାଧ୍ୟମରେ ଏହିସବୁ ଲକ୍ଷ୍ୟ ପୂର୍ତ୍ତି ପାଇଁ ଚେଷ୍ଟା କରୁଛି ୟୁନେସ୍କୋ।

ଏପରି ଏକ ମହତ୍ତ୍ୱପୂର୍ଣ୍ଣ କାଳଖଣ୍ଡରେ ଏବର୍ଷ ବିଶ୍ୱର ଅନ୍ୟତମ ସମ୍ଭ୍ରାନ୍ତ ଓ ଶ୍ରେଷ୍ଠ ପୁରସ୍କାର ନୋବେଲ ପାଇଁ ମନୋନୀତ ହୋଇଛନ୍ତି ୩ଜଣ କ୍ୱାଣ୍ଟମ ଗବେଷକ। ବୈଦ୍ୟୁତିକ ପରିପଥରେ ଏନର୍ଜି(ଶକ୍ତି) କ୍ୱାଣ୍ଟିଜେଶନ ଓ ସ୍ଥୂଳ ଜଗତରେ କ୍ୱାଣ୍ଟମ ଟନେଲିଂକୁ ପ୍ରଦର୍ଶିତ କରିବାରେ ସଫଳତା ହାସଲ କରିଥିବାରୁ ଏ ବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଜନ୍ କ୍ଲାର୍କ, ମାଇକେଲ୍ ଡେଭୋରେଟ୍ ଓ ଜନ୍ ମାର୍ଟିନିସ୍।

ଏହା ଅନସ୍ୱୀକାର୍ଯ୍ୟ ଯେ ଆଧୁନିକ ସ୍ମାର୍ଟଫୋନ୍‌ଠାରୁ ସୁପର କମ୍ପ୍ୟୁଟର ଆବିଷ୍କାର ପାଇଁ କ୍ୱାଣ୍ଟମ ମେକାନିକ୍ସର ଅବଦାନ ଅବିସ୍ମରଣୀୟ। ଏହା ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାର ରୂପାନ୍ତରୀକରଣ ଏବଂ ପ୍ରମୁଖ ଆୟୁଧ ଭାବେ ପରିଚିତି ଲାଭ କରିଛି। ହେଲେ ଦାର୍ଶନିକ ମନୋବିଜ୍ଞାନ ନ ଥିଲେ ଏ ବୈଜ୍ଞାନିକ ତତ୍ତ୍ୱକୁ ବୁଝିବା ଦୁରୂହ ବ୍ୟାପାର କହିଲେ ଅତ୍ୟୁକ୍ତି ହେବନାହିଁ। ବିରୋଧାଭାଷ ଓ ପରସ୍ପର ବିରୋଧୀ ପରିଦୃଶ୍ୟରେ ଭରା କ୍ୱାଣ୍ଟମ ମେକାନିକ୍ସର ତାତ୍ତ୍ୱିକ ନିଷ୍କର୍ଷ, ଯେମିତି କଣିକାଟିଏ ମଧ୍ୟ ତରଙ୍ଗ ପରି ବ୍ୟବହାର କରେ, ବିରୋଧାଭାଷ ପରିପୂର୍ଣ୍ଣ ଏକାଧିକ ପ୍ରାବସ୍ଥାର ଅଧାରୋପଣ(ସୁପରପୋଜିସନ୍)ର ଦୃଶ୍ୟମାନ ସ୍ୱରୂପ ହିଁ ଗୋଟିଏ କଣିକା, ବହୁ ଦୂରରେ ଥିବା ଦୁଇଟି କଣିକା ଏକ ଓ ଏକାତ୍ମ ହୋଇପାରନ୍ତି ଫାନ୍ଦିତ ପ୍ରକ୍ରିୟା(ଏନ୍‌ଟାଙ୍ଗ୍‌ମେଣ୍ଟ) ବଳରେ। ଏପରି କଥାସବୁ ଦାର୍ଶନିକ ଦୃଷ୍ଟିକୋଣରୁ ବୁଝିହେବ। ସୂକ୍ଷ୍ମଜଗତ କ୍ୱାଣ୍ଟମ ଗତିଶାସ୍ତ୍ର ନିୟମ ଦ୍ୱାରା ପରିଚାଳିତ ହୁଏ ଓ ସ୍ଥୂଳଜଗତରେ କ୍ୱାଣ୍ଟମ ନିୟମ ସବୁ ପ୍ରଯୁଜ୍ୟ ନୁହେଁ ବୋଲି ଧରିନେଇ ବିଜ୍ଞାନ ଆଗେଇ ଚାଲିଥିଲା। ଏପରି ଏକ ଦ୍ୱନ୍ଦ୍ୱାତ୍ମକ ପରିଦୃଶ୍ୟରେ କ୍ଲାର୍କ, ଡେଭୋରେଟ୍ ଓ ମାର୍ଟିନିସ୍‌ଙ୍କ ଯୁଗାନ୍ତକାରୀ ଆବିଷ୍କାର କ୍ୱାଣ୍ଟମ ମେକାନିକ୍ସକୁ ନବଦିଗନ୍ତ ପ୍ରଦାନ କରିଛି। କ୍ୱାଣ୍ଟମ ମେକାନିକ୍ସର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅବଧାରଣା



କ୍ୱାଣ୍ଟମ ଟନେଲିଂକୁ ସ୍ଥୂଳଜଗତରେ ପ୍ରଦର୍ଶିତକରି ଇତିହାସ ରଚିଛନ୍ତି ଉପରୋକ୍ତ ୩ ଗବେଷକ।

କ୍ୱାଣ୍ଟମ ଟନେଲିଂ - ତା'ହେଲେ କ'ଣ? ଆମେ ଯଦି ପେଣ୍ଡୁଟିଏ ନେଇ ତାକୁ ଗୋଟିଏ କାନ୍ଥ ଉପରକୁ ଫୋପାଡ଼ିବା କ'ଣ ହେବ? ପେଣ୍ଡୁଟି କାନ୍ଥରେ ଧକ୍କାହୋଇ ଆମ ଆଡ଼କୁ ଲେଉଟିଆସିବ। କ୍ୱାଣ୍ଟମ ମେକାନିକ୍ସ ମୁତାବକ ଅଣୁ ପରମାଣୁଙ୍କ ସୂକ୍ଷ୍ମଜଗତରେ କାନ୍ଥଟି ଅକ୍ଷତ ରହିବା ପୂର୍ବକ ପେଣ୍ଡୁଟି କାନ୍ଥ ଆରପାଖରେ ମିଳିବ। ବଡ଼ ଆଶ୍ଚର୍ଯ୍ୟ କଥା। କିନ୍ତୁ ପରୀକ୍ଷଣ ଦ୍ୱାରା ଏହା ପ୍ରତିପାଦିତ ହୋଇସାରିଛି ଏବଂ ପ୍ରଯୁକ୍ତି ବିଦ୍ୟା ଏହି ଆବିଷ୍କାର ବଳରେ ବିପ୍ଳବ ଆଣିପାରିଛି। ଟ୍ରାଞ୍ଜିଷ୍ଟରର ବିକାଶରେ ଏହି କ୍ୱାଣ୍ଟମ୍ ଟନେଲିଂ ପ୍ରଭାବର ଅବଦାନ ଅବିସ୍ମରଣୀୟ। ନ୍ୟୁକ୍ଲିୟର ବିଖଣ୍ଡନ ମଧ୍ୟ କ୍ୱାଣ୍ଟମର ଟନେଲିଂ ଯୋଗୁ ସମ୍ଭବ ହୁଏ।

୧୯୭୩ ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ବ୍ରିଆନ୍ ଯୋଶେଫ୍‌ସନ, ଲିଓ ଏସାକି, ଇଭାର ଗିଆଭର। ଅତି ପରିବାହୀ ବୈଦ୍ୟୁତିକ ପରିପଥ ଦୁଇଟିକୁ ଗୋଟିଏ ପତଳା ବିଦ୍ୟୁତ୍ କୁପରିବାହୀ ଦ୍ୱାରା ବିଚ୍ଛିନ୍ନ କରିରଖିଲେ ଏହି ପତଳା ବିଦ୍ୟୁତ୍ କୁପରିବାହୀ ପରସ୍ତକୁ ଯୋଶେଫସନ ଜଙ୍କସନ କୁହାଯିବ। ଉନବିଂଶ ଶତାବ୍ଦୀର ଅଶୀ ଦଶକରେ ଜନ୍ କ୍ଲାର୍କ, ମାଇକେଲ ଡେଭୋରେଟ୍ ଓ ଜନ୍ ମାର୍ଟିନିସ୍ ସ୍ଥୂଳଜଗତରେ କ୍ୱାଣ୍ଟମ ଟନେଲିଂ ପ୍ରକ୍ରିୟା ପ୍ରଦର୍ଶନ କରିବା ପାଇଁ ପରୀକ୍ଷଣଟିଏ ଆରମ୍ଭକଲେ। ଦୁଇପଟେ ଦୁଇଟି ଅତି ପରିବାହୀ ପରିପଥ ଓ ମଝିରେ ଯୋଶେଫସନ୍ ଜଙ୍କସନ୍। ଏପଟେ ଅତି ପରିବାହୀରେ ତରଙ୍ଗ ଫଳନ(ୱେଭ୍‌ର ଫଙ୍କସନ) ସାଇୱାନ ଓ ସେପଟେ ଅତି ପରିବାହୀରେ ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ସାଇଟରୁ ବୋଲି ଜଣାପଡ଼ିଲା। ଅତି ପରିବାହୀର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଗୁଣହେଲା ଇଲେକ୍ଟ୍ରନ ଯୁଗଳ, କୁପର ପେୟାର ପରି ବ୍ୟବହାର କରନ୍ତି ଯାହାର ତାତ୍ତ୍ୱିକ ଅବଧାରଣା ଦେଇ ଲିଅନ୍ କୁପର, ଜନ୍ ବାର୍ଡିନ୍ ଓ ରବର୍ଟ ଶ୍ରୀଏଫର ୧୯୭୨ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଥିଲେ। ଇଲେକ୍ଟ୍ରନ୍‌ର ସ୍ପିନ୍ ଅଧା(୧/୨) ହୋଇଥିବାରୁ ଫର୍ମି-ଡିରାକଙ୍କ ପରିସଂଖ୍ୟାନ ମୁତାବକ ଦୁଇଟି ଇଲେକ୍ଟ୍ରନ୍‌ର ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ଭିନ୍ନ ଭିନ୍ନ ହୋଇଥାଏ ଓ ଦୁଇଟି ଇଲେକ୍ଟ୍ରନ ଯୁଗଳ(କୁପର ପେୟାର) ଅପରିବାହୀରେ ଗୋଟିଏ ସ୍ଥାନରେ ରହିପାରନ୍ତି ଓ ପରିବାହୀ ସାରା ସମସ୍ତ ଇଲେକ୍ଟ୍ରନ ଯୁଗଳ(କୁପର ପେୟାର)ର ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ଗୋଟିଏ ହୋଇପାରେ ସାଇୱାନ୍। କାରଣ ଇଲେକ୍ଟ୍ରନ ଯୁଗଳ(କୁପର ପେୟାର)ର ସ୍ପିନ୍ ଏକ(୧) ହୋଇଥାଏ।

ଗବେଷକ ତ୍ରୟୀ ଯୋଶେଫସନ୍ ଜଙ୍କସନ ଦେଇ ଅତି ଦୁର୍ବଳ ବିଦ୍ୟୁତ୍ ସ୍ରୋତ(କରେଣ୍ଟ) ଦେଲେ ଓ ବିଭବାନ୍ତର(ଭୋଲ୍‌ଟେଜ୍) ମାପିଲେ। ପ୍ରଥମେ ବିଭବାନ୍ତର ଶୂନ ଥିଲା। ଧୀରେ ଧୀରେ ବିଦ୍ୟୁତ୍ ସ୍ରୋତର ମାତ୍ରା ବଢ଼ାଇ ସେମାନେ ସମୀମ ମୂଲ୍ୟର ବିଦ୍ୟୁତ୍ ବିଭବାନ୍ତର ଦେଖିଲେ ଏହି ସାମଗ୍ରିକ ପରିପଥରେ। ଏପଟର ୱେଭ୍ ଫଙ୍କସନ, ଯୋଶେଫସନ୍ ଜଙ୍କସନ୍‌ର ଆରପଟର ୱେଭ୍ ଫଙ୍କସନ ସହ ସମାନ ବୋଲି ଜଣାପଡ଼ିଲା। ଏହି ଅତି ପରିବାହୀ ହାତ ପାପୁଲି ଆକାରର ଏବଂ ଏପରି ସ୍ଥୂଳ ପରିସରରେ ମଧ୍ୟ କ୍ୱାଣ୍ଟମ ଟନେଲିଂ ଦେଖାଯାଇପାରିଲା ଓ ଏବର୍ଷ କ୍ଲାର୍କ, ଡେଭୋରେଟ୍ ଓ ମାର୍ଟିନିସ୍ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ। ଶୂନ ବିଭବାନ୍ତର ପ୍ରବସ୍ଥାରୁ, ସମୀମ ବିଭବାନ୍ତର ପ୍ରମାଣିତ କଲା, କିପରି ବିଦ୍ୟୁତ୍ ସ୍ରୋତ ପରିରୋଧୀ କାନ୍ଥ ଆରପାଖକୁ ଚାଲିଗଲା। ଅର୍ଥାତ୍ ସ୍ଥୂଳ ପରିପଥରେ ଟନେଲିଂ ପ୍ରଭାବ ଦୃଷ୍ଟିଗୋଚର ହେଲା। ଏ ଆବିଷ୍କାର ପ୍ରଯୁକ୍ତିବିଦ୍ୟା ବିପ୍ଳବରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ କହିଲେ ଅତ୍ୟୁକ୍ତି ହେବନାହିଁ।

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

## ପାଠକ ଶ୍ରେଷ୍ଠ ବିଚାରକ

### ବୃଦ୍ଧାଶ୍ରମରେ ମାତାପିତା

ମହାଶୟ,

ନିକଟରେ ରେଡିଓରୁ ଏକ ସାକ୍ଷାତ୍‌କାର ଶୁଣିଲି। ବୃଦ୍ଧାଶ୍ରମରେ ଜଣେ ଡାକ୍ତର ବି ଅବସର ପରେ ରହନ୍ତି। ପୁଅବୋହୂ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା ଏବଂ ସେମାନେ ବିଦେଶରେ ରହନ୍ତି। ମା' ଓ ଶାଶୁଙ୍କ ନିମନ୍ତେ ସମୟ ଦେବାକୁ ଅମଙ୍ଗ। ଗୋଟିଏ ପଟେ ଉଚ୍ଚାଭିଳାଷ, ଅନ୍ୟପଟେ ଉଚ୍ଚାବସ୍ଥାରୁ ନିମ୍ନଗାମୀ ହେବାର ଦୃଷ୍ଟାନ୍ତ। ଯାହାକୁ କୋଳେଇ କାଖେଇ ଛୋଟରୁ ବଡ଼କରିଥିବା ମଣିଷ ଜଣକ ମଧ୍ୟ ଅସହାୟ। 'ଛୋଟ ପରିବାର ସୁଖୀ ପରିବାର' ହୋଇପାରେ। ସ୍ୱାମୀ ସ୍ତ୍ରୀ ଯଦି ଉଭୟେ ଚାକିରିଆ ତେବେ ସେମାନଙ୍କ ସନ୍ତାନ ଛାତ୍ରାବାସକୁ ନିଜର ଆପଣାର ଦ୍ୱିତୀୟ ଗୃହ ମଣନ୍ତି। ସେ କ୍ଷେତ୍ରରେ ମାତାପିତା ପରିବାର ସୁଖରୁ ବଞ୍ଚିତହୋଇଥାନ୍ତି। ମୋ ମତରେ ଯଦି ସେମାନଙ୍କୁ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇପାରନ୍ତା ତେବେ ସମାଜର କିଛିଟା ଉପକାର ହୋଇପାରନ୍ତା। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରୋଜେକ୍ଟ ମାଧ୍ୟମରେ ସିନେମା ରାଜ୍ୟରେ ପ୍ରଦର୍ଶନ କରିବା ଉଚିତ। ଅମିନ ବରଜୁ ପ୍ରଧାନଙ୍କ ତ୍ୟାଗ, ଛକଡ଼ିର ନାଟ ଦେଖା ପ୍ରବୃତ୍ତି, ହାରା ବୋଉର ଜଞ୍ଜାଳ ନିଶ୍ଚିତଭାବେ ମନରେ ଗଭୀର ପ୍ରଭାବ ବିସ୍ତାର କରିବ।

-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମନଗର, ଆଙ୍କୋଲା, ବ୍ରହ୍ମପୁର, ଗଞ୍ଜାମ

### ଚିରନ୍ତନୀ

ତୁମରି ପ୍ରେମେ ଭୁବନ ଭଲ ଲାଗଇ
ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ମୁହେଁ ମୁଁ ଜଡ଼
ମରଣ ଆଉ ନ ମଣେ ବଡ଼
ତୁମରି ଲାଗି ଶତ ଜୀବନ ଆଜି ଗୋ ଏଥି ମାଗଇ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାର୍ତ୍ତିକ ପୂର୍ଣ୍ଣିମାରେ ଦେବଗିରି ଶୈବପୀଠରେ ଭକ୍ତଙ୍କ ଭିଡ଼

ରାୟଗଡ଼ା/ କଲ୍ୟାଣସିଂହପୁର, ୫।୧୧
(ଆଶିଷ ରଞ୍ଜନ ପଣ୍ଡା/ ଦୀପକ କୁମାର ପରିଡ଼ା)




ବାବା ପଞ୍ଚମୁଖେଶ୍ୱରଙ୍କ ଦର୍ଶନ ପାଇଁ ଦେବଗିରି ପୀଠରେ ଭକ୍ତଙ୍କ ଭିଡ଼।

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦରରେ ରହିଥିବା ଐତିହାସିକ ଶୈବପୀଠ ଦେବଗିରିରେ ବୁଧବାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା। ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟରୁ ଭକ୍ତମାନେ ଆସି ପ୍ରଭୁଙ୍କ ଦର୍ଶନ କରିଥିଲେ। ହେଲେ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ କିମ୍ବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

କଲ୍ୟାଣସିଂହପୁର ବ୍ଲକ୍ ମହକୁମାଠାରୁ ୨କି.ମି. ଦୂରରେ ଅବସ୍ଥିତ ଦେବଗିରି ଶୈବ ପୀଠ। ଏଠାରେ ଶିବରାତ୍ରି ସମେତ କାର୍ତ୍ତିକ ମାସ ସବୁ ସୋମବାର ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୁଏ। ଏଠାକାର ଐତିହ୍ୟ ଲୋକଙ୍କୁ ବେଶ୍ ଆକର୍ଷିତ କରିଥାଏ। ୧୨୦ ମିଟର ଉଚ୍ଚତା ବିଶିଷ୍ଟ ଏହି ଦେବଗିରି ଶୈବପୀଠରେ ପୂଜା ପାଉଛନ୍ତି ପଞ୍ଚମୁଖେଶ୍ୱର ଲିଙ୍ଗ। ପ୍ରାୟ ୪୭୬ ପାହାଚ ଚଢ଼ି ମନ୍ଦିରକୁ ଯିବାକୁ ପଡେ। ପାହାଡ ଉପରେ ଥିବା ଏକ ଗୁମ୍ଫା ଭିତରେ ଅଛନ୍ତି ପଞ୍ଚମୁଖେଶ୍ୱର ଲିଙ୍ଗ। ଦେବଗିରି ପାହାଡ଼ ଚଢ଼ି ପଞ୍ଚମୁଖେଶ୍ୱର ଲିଙ୍ଗ ଦର୍ଶନକଲେ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ଲୋକକଥା ରହିଛି। ଏହି ପାହାଡ଼ ଉପରେ ରହିଛି ୩ଟି ଜଳକୁଣ୍ଡ ଗଙ୍ଗା, ଯମୁନା ଏବଂ ସରସ୍ୱତୀ। ଏତଦ୍‌ବ୍ୟତୀତ ଏହି ଐତିହାସିକ ଶୈବପୀଠର ପଥର ଦେହରେ ଲିପିବଦ୍ଧ ହୋଇଥିବା ଶିଳାଲିପି ଓ ପ୍ରାଚୀନ ଖୋଦିତ ପଥର ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ବହୁ ପୁରାତନ ଏହି ଶୈବପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇନାହିଁ କି ଏହାକୁ ଦେବୋତ୍ତର ବିଭାଗରେ ସାମିଲ କରାଯାଇନାହିଁ। ଫଳରେ ଅବହେଳିତ ହୋଇପଡ଼ିଛି ଦେବଗିରି। ପର୍ବପର୍ବାଣିରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାହାଡ଼ ଉପରେ ଶିବ ଲିଙ୍ଗ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ବସିବାକୁ ସେଭଳି ସୁବିଧା କରାଯାଇନାହିଁ। ଏପରିକି ସେଠାରେ ପାନୀୟ ଜଳ ଅଭାବ ଯୋଗୁ ବହୁ ହଇରାଣ ହେବାକୁ ପଡୁଥିବା ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି। ପାନୀୟ ଜଳ ବ୍ୟବସ୍ଥା ରହିଛି ହେଲେ ପିଇବା ପାଣି ଆସୁନାହିଁ ବୋଲି ଶ୍ରଦ୍ଧାଳୁ କହିଛନ୍ତି। ଏହାବ୍ୟତୀତ କଲ୍ୟାଣସିଂହପୁର ଗ୍ରାମରୁ ଦେବଗିରି ଯିବା ରାସ୍ତାରେ ପ୍ରାୟ ଦେଢ଼ କିମି ରାସ୍ତା ଅବସ୍ଥା ଅତି ଶୋଚନୀୟ। ତେବେ ରାୟଗଡ଼ା ଜିଲାରେ ଏହିଭଳି ଏକ ଐତିହାସିକ ଶୈବ ପୀଠ ରହିଥିଲେ ମଧ୍ୟ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିନାହିଁ କି ଏହାକୁ ଦେବୋତ୍ତର ବିଭାଗରେ ସାମିଲ କରି ଏହାର ସୁରକ୍ଷା କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଦେବଗିରି ପରିଚାଳନା କମିଟି ସଭାପତି ଗୌତମ ବାଲିଙ୍କୁ ପଚାରିବାରୁ କମିଟି ପକ୍ଷରୁ ଶିବରାତ୍ରି ସମୟରେ ଧୁମଧାମରେ ଯାତ୍ରା ଆୟୋଜନ କରାଯାଉଛି। ହେଲେ ଅନ୍ୟ ସମୟରେ ସମୟ ଅଭାବ କାରଣରୁ ଅସୁବିଧା ହେଉଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦେବଗିରି ଶୈବପୀଠରେ ସମସ୍ତ ସୁବିଧା କରିବା ସହିତ ଏହାକୁ ଦେବୋତ୍ତର ବିଭାଗରେ ସାମିଲ କରିବା ପାଇଁ ଗୌତମଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

- ଅବ୍ୟବସ୍ଥା ଯୋଗୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ
- ଦେବୋତ୍ତର ବିଭାଗରେ ସାମିଲ, ପରିଚାଳନା ପାଇଁ ଅଞ୍ଚଳବାସୀଙ୍କ ଦାବି

# ଲକ୍ଷ୍ମୀ ଠାକୁରାଣୀଙ୍କୁ ଲାଗିହେଲା ରୁପା ମୁକୁଟ



ରୁପା ମୁକୁଟ ଏବଂ ପଦ୍ମମାଳ ପିନ୍ଧିଥିବା ମା' ମହାଲକ୍ଷ୍ମୀ।

ଗୁଣପୁର,୫।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମଥାରେ ବୁଧବାର ରୁପା ମୁକୁଟ ଲାଗି ହୋଇଛି। ମାର୍ଗଶିର ମାସର ଗୁରୁବାର ଆରମ୍ଭ ହେଉଥିବା ବେଳେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ଏହି ମୁକୁଟ ଲାଗି କରିଛନ୍ତି। ମହାଲକ୍ଷ୍ମୀଙ୍କ ଏହି ମୁକୁଟର ଓଜନ ୧୧୦୦ ଗ୍ରାମ ବୋଲି ଜଣାପଡ଼ିଛି। ଏହା ସହ ୭୦୦ ଗ୍ରାମ ଓଜନର ୧୦୮ ରୌପ୍ୟ ପଦ୍ମଫୁଲ ହାର ମଧ୍ୟ ପ୍ରଦାନ କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମା' ଲକ୍ଷ୍ମୀ ଠାକୁରାଣୀ ୧୦୮ ରୌପ୍ୟ ପଦ୍ମଫୁଲ ହାର ସହ ମୁକୁଟ ପରିଧାନକରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଦୁର୍ଘଟଣାରେ ୫ ବର୍ଷର ଶିଶୁ ମୃତ, ମା'ବାପା ଗୁରୁତର

## ଟ୍ୟାଙ୍କର ଡ୍ରାଇଭର ଅଟକ

ବିଷମ କଟକ,୫।୧୧
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ରାମ କ୍ରିଷ୍ଣ ମିଶନ ନିକଟରେ ଥିବା ୩୨୬ ନମ୍ବର ରାଜ୍ୟ ରାଜପଥରେ ଏକ ଟ୍ୟାଙ୍କର ବାଇକ୍‌କୁ ଧକ୍କାଦେବାରୁ ୫ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ମା'ବାପା ଗୁରତର ହୋଇଛନ୍ତି। ସୂଚନା ଅନୁଯାୟୀ, ମୁନିଗୁଡ଼ା ଥାନା ଅନ୍ତର୍ଗତ ଡାଲିଆକୁଜି ଗ୍ରାମର ଯଦୁ ଶଗଡ଼ିଆ ବାଇକ୍ ଯୋଗେ ସ୍ତ୍ରୀ ସାବିତ୍ରୀ ଶଗଡ଼ିଆ ଓ ତାଙ୍କର ୫ ବର୍ଷର ଶିଶୁପୁତ୍ର ତାପସ ଶଗଡ଼ିଆଙ୍କୁ ନେଇ ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ କାର୍ଯ୍ୟ ସାରି ମଧ୍ୟାହ୍ନ ସମୟରେ ଘରକୁ ଫେରୁଥିବାବେଳେ ହାଟ ମୁନିଗୁଡାର ରାମକୃଷ୍ଣ ମିଶନ ନିକଟରେ ସମ୍ମୁଖରୁ ଆସୁଥିବା ଏକ ଟ୍ୟାଙ୍କର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ତେବେ ଘଟଣାସ୍ଥଳରେ ୫ ବର୍ଷର ଶିଶୁପୁତ୍ର ତାପସଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ମା'ବାପାଙ୍କୁ ଉଦ୍ଧାରକରି ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଟ୍ୟାଙ୍କରକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହାସହ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶିଶୁପୁତ୍ରର ମୃତଦେହକୁକୁ ଜବତକରିବା ସହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

# ବଂଶଧାରା ନଦୀରେ ଡଙ୍ଗା ଭସାଇଲେ ଛାତ୍ରୀଛାତ୍ର



ବଂଶଧାରା ନଦୀରେ ଡଙ୍ଗା ଭସାଇବାକୁ ଆସିଥିବା ଛାତ୍ରୀ।

ପଦ୍ମପୁର, ୫।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲ ପକ୍ଷରୁ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ଭଷାଣ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଛାତ୍ରୀଛାତ୍ର ସକାଳୁ ନିକଟସ୍ଥ ବଂଶଧାରା ନଦୀତଟରେ ଡଙ୍ଗା ଭସାଇ ଓଡ଼ିଶାର ପୁରାତନ ଐତିହ୍ୟ ପରମ୍ପରାକୁ ମନେ ପକାଇଥିଲେ। ପିଲାମାନେ କଦଳି ପଟୁକାରେ ଡଙ୍ଗା ତିଆରି କରି ନଦୀରେ ଭସାଇଥିଲେ। ଏହାପରେ ହଷ୍ଟେଲରେ ଥିବା ଜଗନ୍ନାଥ, କୃଷ୍ଣଙ୍କ ମୂର୍ତ୍ତି ନିକଟରେ ନାମ ସଂକୀର୍ତ୍ତନ କରିଥିଲେ। ପିଲାମାନେ ଘର ଛାଡ଼ି ହଷ୍ଟେଲରେ ରହିଲେ ମଧ୍ୟ କିପରି ନିଜର କର୍ତ୍ତବ୍ୟ, ଧର୍ମ ଓ ପରମ୍ପରାକୁ ନ ଭୁଲିବେ ସେଥିପାଇଁ ବିଦ୍ୟାଳୟ ପକ୍ଷରୁ ପିଲାଙ୍କୁ ସମସ୍ତ ପର୍ବପର୍ବାଣିର ଗୁରୁତ୍ୱ ସମ୍ପର୍କରେ ଶିକ୍ଷା ଦିଆଯାଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଦୀପାବଳିରେ ପିଲାଙ୍କୁ ନେଇ ବାଣ ଫୁଟାଇବା ସହ କାଉଁରିଆ ଡାଙ୍ଗ ଦେଖାଇ କିପରି ପୂର୍ବପୁରୁଷଙ୍କୁ ଆବାହନ କରାଯାଏ ଏହାର ବିଧି ମଧ୍ୟ କରିଥିଲେ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

# ବେଦାନ୍ତ ଆଶ୍ରମର ୩୭ ବର୍ଷ ପୂର୍ତ୍ତି ଉତ୍ସବ

ଗୁଣପୁର,୫।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ବଂଶଧାରା ତୀର କରାବାଙ୍କରେ ଥିବା ଅଦ୍ୱୈତ ବେଦାନ୍ତ ଆଶ୍ରମର ୩୭ ତମ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଦୀର୍ଘ ୩୭ ବର୍ଷ ଧରି ଧର୍ମ ଓ ସଂସ୍କୃତିର ରକ୍ଷା ଉଦ୍ଦେଶ୍ୟରେ ଶ୍ରୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ଦ୍ୱାରା ସ୍ଥାପିତ ଏହି ଆଶ୍ରମରେ ଭକ୍ତଙ୍କ ସହାୟତାରେ ପବିତ୍ର କାର୍ତ୍ତିକ ମାସ ତମାମ ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞର ହୋଇଥିବାବେଳେ ବୁଧବାର ପୂର୍ଣ୍ଣାହୁତି ହୋଇଥିଲା। ପ୍ରାତଃ ମୁହୂର୍ତ୍ତରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଏହା ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ନଳିନୀ ମହାନ୍ତି, ତିରୁପତି ମହାନ୍ତି, ନିର ପାଢ଼ି, ବାବା ପ୍ରଶାଦ, ରାମ ପାଠି, ମୁରଲି ପଣ୍ଡା, ଉମା ଦାଶ, ସନ୍ତୋଷ ମହାନ୍ତି, କାଳିଆ ମହାନ୍ତିପ୍ରମୁଖ ପରିଚାଳନା କରିଥିଲେ। ଏକ ମାସ ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରୁ ୬୦ଟି ସତସଙ୍ଗ ମଣ୍ଡଳୀ ସଂକୀର୍ତ୍ତନରେ ଭାଗ ନେଇଥିଲେ।



ଅଦ୍ୱୈତ ବେଦାନ୍ତ ଆଶ୍ରମର ଯଜ୍ଞ ଚାଲିଛି।

## ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୫।୧୧(ସଦାଶିବ ପ୍ରହରାଜ)

ଏକ ବଳାତ୍କାର ଘଟଣାର ବିଚାରକରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ପ୍ରିନ୍ସିପାଲ୍ ମାଜିଷ୍ଟ୍ରେଟ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ଶାଶ୍ୱତୀ ମିଶ୍ର ଅଭିଯୁକ୍ତ ଅମିତ କୁମାର ଲିମା ଓରଫ ରାଜଙ୍କୁ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୫ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିଲେ।ସୂଚନାନୁଯାୟୀ, ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ୧୫ ବର୍ଷ ଧରି ଅମିତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ମଧ୍ୟରେ ସେ ଗର୍ଭବତୀ ହୋଇଯିବାରୁ ଔଷଧ ଖୁଆଇ ଗର୍ଭ ନଷ୍ଟ କରାଇଥିବା ନେଇ ପୀଡ଼ିତା ନବରଙ୍ଗପୁର ଥାନାରେ ୨୦୨୪ ସେପ୍ଟେମ୍ବର ୨୮ରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୩୮୫/୨୪ରେ ମାମଲା ରୁଜୁକରି ଅଭିଯୁକ୍ତ ଅମିତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିଲା। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଏମ୍‌ସି ରୟାଲ, ସାଇନାଥ ଫେବ୍ରିକେଶନ ବିଜୟୀ

## ମୁନିଖୋଲ ପ୍ରିମିୟର ଲିଗ୍ ସିଜନ-୨ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ମୁନିଗୁଡ଼ା,୫।୧୧ (ନନ୍ଦକିଶୋର ପଟ୍ଟନାୟକ)



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

ରାୟଗଡ଼ା ଜିଲା ମୁନିଗୁଡାର ମୁନିଖୋଲସ୍ଥିତ ଖେଳ ପଡ଼ିଆରେ ବୁଧବାର ମୁନିଖୋଲ ପ୍ରିମିୟର ଲିଗ୍ ସିଜନ-୨ ଟେନିସ୍ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁନିଖୋଲ ପ୍ରିମିୟର ଲିଗ୍ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥି ଭାବେ ମୁନିଖୋଲ ଗ୍ରାମର ସନ୍ତୋଷ କାଡ୍ରାକାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୁନିଗୁଡ଼ାର ଏମ୍‌ସି ରୟାଲ ଦଳ ଏବଂ ସାଇନାଥ ଫେବ୍ରିକେଶନ ଦଳ ବିଜୟୀ ହୋଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚ ପ୍ରଥମେ ଏମ୍‌ସି ରୟାଲ ଦଳ ଓ ଶ୍ରୀରାମ କଲେକ୍ସନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ କଲେକ୍ସନ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲେ। ଏମ୍‌ସି ରୟାଲ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୧୩୪ ରନ କରିଥିଲେ। ଏହି ରନକୁ ପିଛାକରି ଶ୍ରୀରାମ କଲେକ୍ସନ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୧୧୩ ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଏମ୍‌ସି ରୟାଲ ଦଳର ରାଜାଙ୍କୁ ଚୟନ କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ ସାଇନାଥ ଫେବ୍ରିକେଶନ ଦଳ ଓ ହାଇଡ୍ରା ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ହାଇଡ୍ରା ଇଲେଭେନ ଦଳ ପ୍ରଥମେ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲେ। ସାଇନାଥ ଫେବ୍ରିକେଶନ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୧୬୯ ରନ କରିଥିଲେ। ଏହି ରନକୁ ପିଛାକରି ହାଇଡ୍ରା ଇଲେଭେନ ନିର୍ଦ୍ଧାରିତ ୧୨ ଓଭରରେ ୧୪୧ ରନକରି ମ୍ୟାଚରେ ପରାଜୟ ହୋଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ସାଇନାଥ ଫେବ୍ରିକେଶନ ଦଳର ମୁନାଙ୍କୁ ଚୟନ କରାଯାଇଥିଲା। ପ୍ରଥମ ମ୍ୟାଚକୁ ଅମ୍ପାୟର ଭାବେ ଦୀପକ ଓ କ୍ରିସ୍ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ତୁଫାନ ମାଝୀ ଓ ଆକାଶ ପରିଚାଳନା କରିଥିଲେ। ଏହି କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ୧୨ ଦିନ ଧରି ଚାଲିବା ସହ ଆସନ୍ତା ୧୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏଥିରେ ୬ଟି ଟିମ୍ ଭାଗନେଇଛନ୍ତି। ଗୋଟିଏ ଟିମ୍ ୫ଟି ଲେଖାଏ ମ୍ୟାଚ ଖେଳିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଟୁର୍ନାମେଣ୍ଟକୁ ମୁନିଖୋଲ ପ୍ରିମିୟର ଲିଗ୍ କମିଟିର ସମସ୍ତ ସଦସ୍ୟଙ୍କ ସମେତ ମୁନିଖୋଲର ସମସ୍ତ ଯୁବଗୋଷ୍ଠୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରୁଛନ୍ତି।

# କାର୍-ପିକ୍‌ଅପ୍ ମୁହାଁମୁହିଁ: ଝରିଗାଁ ଫରେଷ୍ଟର ମୃତ

## ଗୁରୁତର ଥିବା ଅନ୍ୟ ୨ ଫରେଷ୍ଟରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର

ପାପଡ଼ାହାଣ୍ଡି, ୫।୧୧(ସ୍ୱପ୍ନଜିତ ପଟ୍ଟନାୟକ): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ଛକ ନିକଟ ଭାରତମାଳା ରାସ୍ତାରେ କାର ଓ ପିକଅପ ମୁହାଁମୁହିଁ ଧକ୍କାର ଜଣେ ଝରିଗାଁ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଫରେଷ୍ଟର ଓ ପିକ୍‌ଅପ୍ ଡ୍ରାଇଭର ଗୁରୁତର ଅଛନ୍ତି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଝରିଗାଁ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ତନୁଜ କୁମାର ପରିଚ୍ଛା ଓ ଉମରକୋଟ ଫରେଷ୍ଟର କାମାକ୍ଷ ପ୍ରସାଦ ସ୍ୱାଇଁ ଏକ କାର (ଓଡି-୨୪ସି-୧୯୫୦)ରେ ଉମରକୋଟରୁ ତାଲିମ୍ ପାଇଁ ଜି. ଉଦୟଗିରି ଯାଉଥିଲେ। ଭାରତମାଳ ରାସ୍ତା ଡେଙ୍ଗାଗୁଡ଼ା ନିକଟରେ ସାମନାପଟୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ଓଡି-୨୪କେ-୯୯୭୨) ସହ ମୁହାଁମୁହାଁ ହୋଇଥିଲା। ଘଟଣାସ୍ଥଳରେ ଗୁପ୍ତ ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ବନ କର୍ମଚାରୀ ଓ ପିକ୍‌ଅପ୍ ଡ୍ରାଇଭର ଅନବେଶ ମଣ୍ଡଳ ସମସ୍ତେ ଗୁରୁତର ହୋଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଫରେଷ୍ଟର ତନୁଜ କୁମାର ପରିଚ୍ଛା ଓ କାମାକ୍ଷା ପ୍ରସାଦ ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି। ପାପଡ଼ାହାଣ୍ଡି ଓ କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

Govt. of Odisha

E-mail ID - senzsambalpur@gmail.com

"e"-Procurement Notice No - 1768/Agril, Date - 30.10.2025

Bid Identification No. : 03/Agril./NZ/2025-26 dt.30.10.2025

**No.L-99** : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

| | | |
|---|---|---|
| 1. | Nature/Type of the work | : As Mentioned in Column-02 |
| 2. | Estimated Cost put to Tender | : Varies from Rs.5.71 Lakhs to Rs.49.25 Lakhs |
| 3. | EMD Amount | : Varies from Rs.5,720.00 to Rs.49,250.00 |
| 4. | Bid Cost | : As Mentioned in Column-07 |
| 5. | Period of completion | : As Mentioned in Column-08 |
| 6. | No. of work (Tender) | : 15 nos. |
| 7. | Class of Contractor | : "D", "C" & "B" class with valid License as Mentioned in Column - 06 |
| 8. | Date & Time of availability of bid document in the portal | : 03.11.2025 at 10.A.M. to Dt.14.11.2025 at 5.30 P.M. |
| 9. | Last date / Time for receipt of bids in the portal | : Dt.14.11.2025 at 5.30 P.M. |
| 10 | Date of submission of original documents in the tender box | : Dt.13.11.2025 at 10 A.M. to Dt.17.11.2025 at 5.00 P.M. (Working days) only |
| 11 | Date & time of opening of online bids | : Dt.18.11.2025 at 11.00 A.M. |
| 12 | Name and address of the officer inviting Bid | : Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in **ONLINE bidding only** in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Superintending Engineer (Agril.)
Northern Zone, Sambalpur

OIPR-



**SS LEGACY ENGINEERS PVT LTD**

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027, Web address: www.sslegacy.in

| Dept. | Position | Experience | Qualification |
|---|---|---|---|
| Instrument | Instrumentation Engineer | 5-7 Years | B.Tech in Electronics/ Instrumentation |
| | | 8-10 Years | Diploma in Electronics/ Instrumentation |
| | Instrumentation Technician | 5 Years | ITI/ Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Electrical with Licence |

**Important Notes:** Interested candidate may attend the interview alongwith their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

**Walk in to explore new career opportunities:**

Walk-in Interview Date : 09.11.2025 (09-Nov-2025)
Time : Morning to 9:00 AM to evening 4:00 PM
Place: Hotel Dayal Residency, Near Jajpur Road, Hotel Contact No. 8093099916.
Hotel Dayal Residency Address : Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com, soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784

*For, more information, kindly contact the mentioned mobile numbers.*



**OFFICE OF THE PRINCIPAL**

**CREW TRAINING INSTITUTE, CHANDBALI, DIST.: BHADRAK**

PIN - 756133, Email: ctiportsiwt@rediffmail.com Ph. No.: 06786-295745

**ADVERTISEMENT FOR ADMISSION**

No. JJ-64: Applications in prescribed form are invited from intending experienced candidates having requisite qualification and experience for admission into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.: Bhadrak from **Dt.01.01.2026 to Dt.31.03.2026**. The course is meant for preparing the candidates to serve as Crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | | |
|---|---|---|
| **01. Age** | : | Not less than 21 years and not more than 47 years as on Dt.01.01.2026. |
| **02. Educational Qualification** | : | H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| **03. Experience** | : | Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/reputed private sector Organization/Registered Co-operative Societies. |
| **04. Physical Fitness** | : | The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.: Bhadrak" on payment of Rs.50/- (Rupees Fifty) only by cash, money order from **Dt.06.11.25 to Dt.20.11.25 Upto 5.30 P.M.** on all working days. The application forms complete in all respect should reach the undersigned on or before **Dt.30.11.2025 Upto 5.30 P.M.** The application forms should be submitted in an envelope addressed to "Principal, Crew Training Institute, Chandabali, Dist.: Bhadrak".

The application of in-service candidates should be submitted through proper Channel/Competent authority.

Sd./- Principal
Crew Training Institute

OIPR-

## ସଂକ୍ଷେପରେ

### ୨୦୨୭ ଜନଗଣନା ନେଇ ପ୍ରଶିକ୍ଷଣ

ତେନ୍ତୁଳିଖୁଣ୍ଟି, ୫।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟରେ ୨୦୨୭ ଜନଗଣନା ପାଇଁ ପ୍ରାକ୍ ପରୀକ୍ଷଣ ପ୍ରଶିକ୍ଷଣ ନଭେମ୍ବର ୪ରୁ ଆରମ୍ଭ ହୋଇଛି। ରାଜ୍ୟ ଜନଗଣନା ଅତିରିକ୍ତ ନିର୍ଦ୍ଦେଶକ ପ୍ରଫୁଲ୍ଲ ଦାସ, ସୁଜିତ ପ୍ରଧାନ, ବିଜୟ ସାହୁ, ସନ୍ତୋଷ ଆଚାର୍ଯ୍ୟ, ତନ୍ମୟ ଗୁପ୍ତା, ଆଶୁତୋଷ କାର୍ତ୍ତିକ, ରବିରଞ୍ଜନ ପ୍ରମୁଖ ପ୍ରଶିକ୍ଷଣ ଦେବେ ବୋଲି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ସୂଚନା ଦେଇଛନ୍ତି।

ମଙ୍ଗଳବାର ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଏଡିଏମ୍ (ସାଧାରଣ) ତପନ ଖୁଣ୍ଟିଆ ଆରମ୍ଭ କରିଥିଲେ। ସ୍ଥାନୀୟ ବିଡିଓ ମନୋଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଶିବିରରେ ୧୧ ସୁପରଭାଇଜରଙ୍କ ସହ ୬୬ଜଣ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଚଳିତ ନଭେମ୍ବର ୧୦ରୁ ୩୦ତାରିଖ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ। ଜନଗଣନାକାରୀମାନେ ଘରକୁ ଘର ବୁଲି ଗୃହରେ ନମ୍ବର ଦେବେ ଓ ପରିବାର ତଥ୍ୟ ସଂଗ୍ରହକରି ଏହାକୁ ଅନ୍‌ଲାଇନ କରାଯିବ । ସମସ୍ତ ତଥ୍ୟ ସଂଗ୍ରହ ପରେ ବ୍ୟବହୃତ ସମସ୍ତ ସମ୍ପତ୍ତି, ଗୃହର ଅବସ୍ଥା, ସମସ୍ତ ସୁବିଧା, ଅସୁବିଧା ପୁରା ଲିପିବଦ୍ଧ ସହ ଡିଜିଟାଲ ମ୍ୟାପିଙ୍ଗ୍ ହେବ। ପ୍ରଥମ ଦିନର ପ୍ରଶିକ୍ଷଣ ଶିବିରରେ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

### ନୂତନ ପ୍ରତିଭାଙ୍କୁ ସୁଯୋଗ ଦେବା ଲକ୍ଷ୍ୟ ମଣ୍ଡେଇ ସାଂସ୍କୃତିକ ମଞ୍ଚରୁ ଉଦ୍‌ଘୋଷକ ଭାବେ ମନୋଜ ପଟ୍ଟନାୟକଙ୍କ ସନ୍ନ୍ୟାସ

ନବରଙ୍ଗପୁର,୫।୧୧(ସଦାଶିବ ପ୍ରହରାଜ)



ଜଣେ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର ଏବଂ ଉଭୟ ମଞ୍ଚ ଓ ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ମଣ୍ଡେଇ ସାଂସ୍କୃତିକ ମଞ୍ଚରୁ ଉଦ୍‌ଘୋଷକ ଭାବେ ସନ୍ନ୍ୟାସ ଘୋଷଣା କରିଛନ୍ତି। ଜିଲାରେ ଯେବେଠାରୁ ମଣ୍ଡେଇ ମହୋତ୍ସବ ଆରମ୍ଭ ହୋଇଛି ସେବେଠାରୁ ସେ ଏହି ମଣ୍ଡେଇରେ ଉଦଘୋଷକ ଭାବେ ଅତିଉତ୍ତମ ଢଙ୍ଗରେ ଭାବେ ମଞ୍ଚ ପରିଚାଳନା କରୁଥିଲେ। ମଣ୍ଡେଇ ମଞ୍ଚରେ ବର୍ତ୍ତମାନ ଯୁବ ପ୍ରତିଭାଙ୍କୁ ଉଦ୍‌ଘୋଷକ ଭାବେ ସୁଯୋଗ ଦେବା ପାଇଁ ସେ ଏଇ ପଦକ୍ଷେପ ନେଇଥିବା ପ୍ରତିକ୍ରିୟାରେ କହିଛନ୍ତି। ଜିଲା ପ୍ରଶାସନ ମଣ୍ଡେଇ ମଞ୍ଚରେ ଉଦଘୋଷକ ଭାବେ ସୁଯୋଗ ଦେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସ୍ନେହ ଓ ସମର୍ଥନ ନିମନ୍ତେ ସମସ୍ତ ଦର୍ଶକଙ୍କୁ ସାଧୁବାଦ ଦେଇଛନ୍ତି।

### ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୫।୧୧(ସଦାଶିବ ପ୍ରହରାଜ)

ଏକ ବଳାତ୍କାର ଘଟଣାର ବିଚାରକରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ପ୍ରିନ୍ସିପାଲ୍ ମାଜିଷ୍ଟ୍ରେଟ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ଶାଶ୍ୱତୀ ମିଶ୍ର ଅଭିଯୁକ୍ତ ଅମିତ କୁମାର ଲିମା ଓରଫ ରାଜଙ୍କୁ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୫ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିଲେ।ସୂଚନାନୁଯାୟୀ, ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ୧୫ ବର୍ଷ ଧରି ଅମିତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ମଧ୍ୟରେ ସେ ଗର୍ଭବତୀ ହୋଇଯିବାରୁ ଔଷଧ ଖୁଆଇ ଗର୍ଭ ନଷ୍ଟ କରାଇଥିବା ନେଇ ପୀଡ଼ିତା ନବରଙ୍ଗପୁର ଥାନାରେ ୨୦୨୪ ସେପ୍ଟେମ୍ବର ୨୮ରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୩୮୫/୨୪ରେ ମାମଲା ରୁଜୁକରି ଅଭିଯୁକ୍ତ ଅମିତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିଲା। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ ଓ ତାଙ୍କ ସହଯୋଗୀ ମାମଲା ପରିଚାଳନା କରୁଥିଲେ।

# ୭୮ କୋଟି ୪୬ ଲକ୍ଷ ଟଙ୍କାର ଡିପିଆର୍

## ୧୦ ପର୍ଯ୍ୟଟନ ସ୍ଥଳର ବିକାଶ ନେଇ ପ୍ରସ୍ତୁତି

ନବରଙ୍ଗପୁର,୫।୧୧(ସଦାଶିବ ପ୍ରହରାଜ)



ସାଇଧାରା ଜଳ ପ୍ରପାତ।

ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅଣ୍ଟା ଭିଡ଼ିଛି ପର୍ଯ୍ୟଟନ ବିଭାଗ। ୭୮ କୋଟି ୪୬ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇ ପର୍ଯ୍ୟଟନ ବିଭାଗକୁ ଦିଆଯାଇଛି। ଜିଲାର ୧୦ଟି ବିଭିନ୍ନ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭାଜପା ସରକାରକୁ ଆସିବା ପରେ ନବରଙ୍ଗପୁର ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡିକର ବିକାଶ ନେଇ ଉଦ୍ୟମ ଆରମ୍ଭ କରିଛି। ନବରଙ୍ଗପୁର ଏମ୍‌ପି ଓ ବିଧାୟକମାନେ ସମ୍ପୃକ୍ତ ଅଞ୍ଚଳକୁ ଯାଇ ପର୍ଯ୍ୟଟନ ସ୍ଥଳଗୁଡିକର ଡିପିଆର୍ ପ୍ରସ୍ତୁତକରି ବିଭାଗକୁ ପ୍ରଦାନ ପାଇଁ କହିଥିଲେ।

ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ବିଡିଓମାନେ ଡିପିଆର୍ ପ୍ରସ୍ତୁତକରି (ଖର୍ଚ୍ଚ ଆକଳନ) ଜିଲା ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରିଛନ୍ତି। ଏନେଇ ଉକ୍ତ ପ୍ରକଳ୍ପର ରିପୋର୍ଟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ଜିଲାର ୧୦ ପର୍ଯ୍ୟଟନ ସ୍ଥଳ ବିକାଶ ପାଇଁ ପ୍ରସ୍ତାବ ଯାଇଛି। ପର୍ଯ୍ୟଟନ ସ୍ଥାନଗୁଡ଼ିକର ବିକାଶ ହେଲେ ଜିଲାରେ ବ୍ୟବସାୟିକ ଅଭିବୃଦ୍ଧି ଘଟିବ। ପର୍ଯ୍ୟଟକ ଜିଲାକୁ ଆସିବେ। ହୋଟେଲ ଶିଳ୍ପର ବିକାଶ ହୋଇପାରିବ। ଏନେଇ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ଏମ୍‌ପି ବଳଭଦ୍ର ମାଝୀ ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ଜିଲାର ନବରଙ୍ଗପୁର ହ୍ରିଲ ପର୍ଯ୍ୟଟନ ସ୍ଥଳ ପାଇଁ ୫ କୋଟି, ଉମରକୋଟ ଡଙ୍ଗରିଗୁଡ଼ା ପର୍ଯ୍ୟଟନ ସ୍ଥଳ ନିର୍ମାଣ ପାଇଁ ଦୁଇଟି ପର୍ଯ୍ୟାୟରେ ୫କୋଟି, ଝରିଗାଁ ବ୍ଲକ ସାଇଧାରା ପର୍ଯ୍ୟଟନ ସ୍ଥଳ ପାଇଁ ୫ କୋଟି ଓ ଗୋସାଇଁ ଧାରା ପାଇଁ ୨ କୋଟି ୧୨ଲକ୍ଷ, ଚନ୍ଦାହାଣ୍ଡି ବ୍ଲକ୍‌ର ଭଇରା ଘୁମର ପାଇଁ ୧ କୋଟି ୪୭ ଲକ୍ଷ, ନନ୍ଦାହାଣ୍ଡି ବ୍ଲକ ରାଜ ଜଗନ୍ନାଥପୁର ଭଣ୍ଡାରଘରଣୀ ମନ୍ଦିର ପାଇଁ ୪ କୋଟି ୩୭ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି।

ସେହିଭଳି ତେନ୍ତୁଳିଖୁଣ୍ଟି ବ୍ଲକ ଘୁମୁରେଶ୍ୱର ଶୈବପୀଠ, ମଙ୍ଗରଦରା, ଡକରିବୋରା ଓ ଡଙ୍ଗା ଝରଣ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ୫୫ କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତକରି ପ୍ରଦାନ କରାଯାଇଛି। ଡାବୁଗାଁ ବ୍ଲକ୍ କେଲିଆ ଶୈବପୀଠ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ଆକଳନକରି ଡିପିଆର୍ ପର୍ଯ୍ୟଟନ ବିଭାଗକୁ ପଠାଯାଉଥିବା ସୂଚନା ମିଳିଛି।

# ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କଲେ ୨୫ ହଜାର ଶ୍ରଦ୍ଧାଳୁ



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେଲିଆ ଶୈବ ପୀଠରେ ଭକ୍ତଙ୍କ ଭିଡ଼।

ଡାବୁଗାଁ, ୫।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଚଚରାଗୁଡ଼ା ପଞ୍ଚାୟତ ଅଧୀନ କେଲିଆ ଶୈବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ ନିମନ୍ତେ ଡାବୁଗାଁ ସମେତ ଜିଲାର ବିଭିନ୍ନ ବ୍ଲକ ଓ କୋରାପୁଟ, କଳାହାଣ୍ଡି ଏବଂ ପଡୋଶୀ ଛତିଶଗଡ଼ ରାଜ୍ୟର ମଧ୍ୟ ଭକ୍ତମାନେ ଆସିଥିଲେ। ପ୍ରାତଃ ୪ଟାରୁ ଲମ୍ବା ଧାଡ଼ି ଲାଗିଥିଲା। ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ମନ୍ଦିର ପରିଚାଳନା କମିଟିର ଜି. ସାଇ ରାଜୁ, ସୁରେନ୍ଦ୍ର ମିଶ୍ର, ଭଗବାନ ମହାନ୍ତି, ସୂର୍ଯ୍ୟନାରାୟଣ ଷୁଣ୍ଡି, ଭଗବାନ ଖୁଣ୍ଟିଆ, ଧର୍ମାନନ୍ଦ ନାୟକ, ଭାଗିରଥି ମାଝି, ଶୁକଦେବ ମାଝି, ଦୁର୍ଯ୍ୟୋ ଭତ୍ରା, ପଦ୍ମ ମାଝି, ତ୍ରିନାଥ ପାଣ୍ଡେ, ମୋହନସିଂ ଗଣ୍ଡ ଓ କମିଟି କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଦର୍ଶନ ବ୍ୟବସ୍ଥାର ପରିଚାଳନା କରିଥିଲେ।

ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ସାମିଲ ଥିଲେ। ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିଭଳି ଡାବୁଗାଁ ଶିବ ମନ୍ଦିର , ବାଘବେଡ଼ା, ଜୁନାପାଣି, ବଡ଼ଓଲମା ଓ ବିରିଶୋଲା ଶିବ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ୧୮୮୨ ଗାଁରେ ହେବ କୁଷ୍ଠରୋଗ ଚିହ୍ନଟ ଅଭିଯାନ




ବୈଠକରେ ଆଲୋଚନା କରାଯାଇଛି।

ନବରଙ୍ଗପୁର,୫।୧୧(ସଦାଶିବ ପ୍ରହରାଜ)

## ଜିଲା ସମନ୍ୱୟ କମିଟି ବୈଠକ

- ସେପ୍ଟେମ୍ବର ସୁଦ୍ଧା ୧୨୭ ଜଣଙ୍କଠାରେ କୁଷ୍ଠରୋଗର ଲକ୍ଷଣ
- ଜିଲାର ୨୪୨ ସକ୍ରିୟ କୁଷ୍ଠରୋଗୀ ଚିକିତ୍ସା ହେଉଛନ୍ତି

ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାରେ ୨୦୨୫-୨୬ ବର୍ଷରେ କୁଷ୍ଠରୋଗର ଚିହ୍ନଟ ଅଭିଯାନ ନିମନ୍ତେ ଜିଲା ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଚିହ୍ନଟ ଅଭିଯାନ ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୦ଟି କାର୍ଯ୍ୟଦିବସରେ ୯ ବ୍ଲକ୍‌ର (ରାଇଘର ବ୍ୟତୀତ) ୧୮୮୨ ଗ୍ରାମରେ ଅନୁଷ୍ଠିତ ହେବ। କୁଷ୍ଠମୁକ୍ତ ନବରଙ୍ଗପୁର ଜିଲାର ସଫଳ ରୂପାୟନ ଦିଗରେ ଏହି ଅଭିଯାନରେ ନିଶ୍ଚୟ ଫଳପ୍ରଦ ହେବାକୁ ଚେଷ୍ଟା କରାଯିବ ବୋଲି ଆଲୋଚନା ହୋଇଛି।

୨୦୨୫-୨୬ ସେପ୍ଟେମ୍ବର ସୁଦ୍ଧା ଜିଲାରେ ନୂତନ ଭାବେ ୧୨୭ ଜଣଙ୍କୁ କୁଷ୍ଠରୋଗର ଲକ୍ଷଣ ଥିବା ଚିହ୍ନଟ କରାଯାଇଛି। ୨୦୨୪-୨୫ରେ ଏହି ସଂଖ୍ୟା ୪୦୮ ଥିଲା। ବର୍ତ୍ତମାନ ନବରଙ୍ଗପୁର ଜିଲାର ୨୪୨ ଜଣ ସକ୍ରିୟ କୁଷ୍ଠରୋଗୀ ସରକାରଙ୍କ ପ୍ରଦତ୍ତ ମାଗଣା ଔଷଧରେ ଚିକିତ୍ସିତ ହେଉଛନ୍ତି। ଏହି ଅଭିଯାନରେ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜରମାନଙ୍କ ମିଳିତ ଉଦ୍ୟମରେ ୯ ବ୍ଲକ୍‌ର ସମସ୍ତ ଗ୍ରାମ, ସ୍କୁଲରେ ବିଶେଷ ଭାବେ ଏହି ଚିହ୍ନଟ କାର୍ଯ୍ୟକ୍ରମ କରାଯିବ। ୨୦୨୫ ଡିସେମ୍ବର ୧୩ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବ। ବୈଠକରେ ଏଡିପିଏଚ୍‌ଓ ଡାକ୍ତର ସୁକାନ୍ତ ଶତପଥୀ, ଏଡିପିଏଚ୍‌ଓ (ମ୍ୟାଲେରିଆ) ଡାକ୍ତର ଏନ୍. ରବିବାବୁ, ଏଡିପିଏଚ୍‌ଓ (ବିଭିଡି) ଡାକ୍ତର ମଳୟ ପ୍ରଧାନ, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ଜିଲା କୁଷ୍ଠାରୋଗ ପରାମର୍ଶଦାତା ଇର୍ସାତ ଖାଁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ବରିଷ୍ଠ ବିଜେଡି ନେତା ସୋମନାଥ ବିଷୋୟୀଙ୍କ ପରଲୋକ

ପାପଡ଼ାହାଣ୍ଡି, ୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ, ତଥା ବିଜେଡି ବରିଷ୍ଠ ନେତା ସୋମନାଥ ବିଷୋୟୀଙ୍କ ୮୩ ବର୍ଷ ବୟସରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବୁଧବାର ପାପଡ଼ାହାଣ୍ଡି ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଶହୀଦ ସ୍ମୃତି କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ ତାଙ୍କ ମରଶରୀରରେ ଖଦଡ଼ ସୁତା ଓ ଗାନ୍ଧୀ ଟୋପି ପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ବିଜୁ ଜନତା ଦଳ ପତକା ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବୁଧବାର ମୃତଦେହକୁ ଶ୍ମଶାନକୁ ନେବା ସମୟରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ରାଜ୍ୟସଭା ସଦସ୍ୟ ମୁନା ଖାଁ, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ପରାମା ପୂଜାରୀ, ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝୀ, କଂଗ୍ରେସ ଜିଲା ସଭାପତି ଲିପିକା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ବିଡିଓ କପିଳ ଦେବ ସାହୁ ପ୍ରମୁଖ ସାମିଲ ଥିଲେ। ତାଙ୍କ ମର ଶରୀରକୁ ପୁଅ ତ୍ରିନାଥ ପ୍ରଧାନ ଓ ରବି ବିଷୋୟୀ ମୁଖାଗ୍ନି ଦେଇଥିଲେ ।

ସୋମନାଥ ବିଷୋୟୀ ୧୯୪୨ରେ ପାପଡ଼ାହାଣ୍ଡିରେ ଜନ୍ମଗ୍ରହଣ କରିଥିଲେ। ସେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଶହୀଦ ସ୍ମୃତି କମିଟି ସଭାପତି ଥିଲେ। ଜଣେ ଖବରଦାତା ଓ ସ୍ତମ୍ଭକାର ଓ କବି ଭାବେ ବେଶ୍ ପରିଚିତ। ସେ ୧୯୭୫ରେ ଶହୀଦ ସାହିତ୍ୟ ସଙ୍ଗଠନ ଆରମ୍ଭ କରିଥିଲେ। ୧୯୮୬ରେ ଶହୀଦ ମଶାଲ ଯାତ୍ରା,୧୯୮୪ ମୃଗ ବିହାର, ତାଣ୍ଡଗୁଡ଼ାରେ ଟେରାକୋଟା କାମରେ, ୧୯୯୫ ମସିହାରେ ଅଗଷ୍ଟ ୨୪ ଶହୀଦ ଦିବସ କାର୍ଯ୍ୟକ୍ରମକୁ ସରକାରୀ ମାନ୍ୟତା ପ୍ରସଙ୍ଗରେ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା। ସେ ୨ର ବ୍ଲକ ଅଧ୍ୟକ୍ଷ, ଥରେ ଉପାଧ୍ୟକ୍ଷ, ୨ ଥର ଜିଲା ପରିଷଦ ହୋଇଥିଲେ। ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆଦର୍ଶ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିଲେ।

# ଚିକିତ୍ସାରେ ଅବହେଳାକୁ ଦାୟୀକଲେ

## ଗର୍ଭବତୀଙ୍କ ମୃତ୍ୟୁ ଘଟଣା, ସିଡିଏମ୍‌ଓଙ୍କୁ ଭେଟିଲେ ମୃତକଙ୍କ ପରିବାର



ସିଡିଏମ୍‌ଓଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ।

ନବରଙ୍ଗପୁର, ୫।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଗାଦବାକତରା ଗାଁର ବିଶ୍ୱଜିତ ନାୟକଙ୍କ ସ୍ତ୍ରୀ ମୋନାଲିସାଙ୍କ ପ୍ରସବକାଳୀନ ଚିକିତ୍ସା ବେଳେ ମୃତ୍ୟୁ ହୋଇଥିଲା। ତେବେ ଚିକିତ୍ସା ଅବହେଳାରୁ ତାଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଓ ଗ୍ରାମବାସୀ ସିଡିଏମ୍‌ଓଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ମୋନାଲିସାଙ୍କୁ ପ୍ରସବକାଳୀନ ଚିକିତ୍ସା ପାଇଁ ୨୮ ଅକ୍ଟୋବର ରାତି ୯ଟାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସରେ ଆଣିବାବେଳେ ସେ ସୁସ୍ଥ ଥିଲେ। ଏପରିକି ଆମ୍ବୁଲାନ୍ସରୁ ନିଜେ ଚାଲିଚାଲି ଡାକ୍ତରଖାନା ଯାଇଥିଲେ। ଚିକିତ୍ସା ପାଇଁ ଆଡମିଶନ ବେଳେ ଡାକ୍ତର ଅନୁପସ୍ଥିତ ଥିବାରୁ ୨ ଜଣ ନର୍ସ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାର ଅଳ୍ପ ସମୟ ପରେ ସେ ଅସୁସ୍ଥ ଅନୁଭବ କରୁଥିବା କହିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଇଞ୍ଜେକ୍ସନ ପ୍ରତିକ୍ରିୟା ପରେ ଆବଶ୍ୟକ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଘଟଣାର ତଦନ୍ତ କରି ଚିକିତ୍ସାରେ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

# ସଚେତନକଲା ସାଇବର ସୁରକ୍ଷା ରଥ



ସଚେତନତା ସଭାରେ ସାମିଲ ହୋଇଥିବା ପୋଲିସ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଅନ୍ୟମାନେ।

ତେନ୍ତୁଳିଖୁଣ୍ଟି, ୫।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ାରେ ସାଇବର ସଚେତନତା ସୁରକ୍ଷା ରଥ ବୁଧବାର ନଗର ପରିକ୍ରମା କରିଛି। ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଖାତିଗୁଡ଼ା ଥାନାଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ନେତୃତ୍ୱରେ ପୋଲିସ ବାହିନୀ ଏହି ପରିକ୍ରମାରେ ସାମିଲ ହୋଇଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ଗାହଣ, ବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମାହାକୁଡ଼, ଥାନା ଏସ୍‌ଆଇ ମହେଶ୍ୱର ବୁଡୁବାଡ଼େ, ଏସ୍‌ଆଇ ବିଜୟ କୁମାର ସାହୁ, ବୁଦ୍ଧିଜୀବୀ ରମେଶ ପଟ୍ଟନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ର ସାଇବର ସୁରକ୍ଷା ରଥର ନଗର ପରିକ୍ରମାରେ ନିଜକୁ ସାମିଲ କରିଥିଲେ। ନଗର ପରିକ୍ରମା ପରେ ସାଇବର ସଚେତନତାକୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଠିକ୍ ଉତ୍ତରଦାତା ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# କାର୍-ପିକ୍‌ଅପ୍ ମୁହାଁମୁହିଁ: ଝରିଗାଁ ଫରେଷ୍ଟର ମୃତ

## ଗୁରୁତର ଥିବା ଅନ୍ୟ ୨ ଫରେଷ୍ଟରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର

ପାପଡ଼ାହାଣ୍ଡି, ୫।୧୧(ସ୍ୱପ୍ନଜିତ ପଟ୍ଟନାୟକ): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ଛକ ନିକଟ ଭାରତମାଳା ରାସ୍ତାରେ କାର ଓ ପିକଅପ ମୁହାଁମୁହିଁ ଧକ୍କାର ଜଣେ ଝରିଗାଁ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଫରେଷ୍ଟର ଓ ପିକ୍‌ଅପ୍ ଡ୍ରାଇଭର ଗୁରୁତର ଅଛନ୍ତି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଝରିଗାଁ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ତନୁଜ କୁମାର ପରିଚ୍ଛା ଓ ଉମରକୋଟ ଫରେଷ୍ଟର କାମାକ୍ଷ ପ୍ରସାଦ ସ୍ୱାଇଁ ଏକ କାର (ଓଡି-୨୪ସି-୧୯୫୦)ରେ ଉମରକୋଟରୁ ତାଲିମ୍ ପାଇଁ ଜି. ଉଦୟଗିରି ଯାଉଥିଲେ। ଭାରତମାଳ ରାସ୍ତା ଡ଼େଙ୍ଗାଗୁଡ଼ା ନିକଟରେ ସାମନାପଟୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ଓଡି-୨୪କେ-୯୭୨) ସହ ମୁହାଁମୁହାଁ ହୋଇଥିଲା। ଘଟଣାସ୍ଥଳରେ ଗୁପ୍ତ ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ବନ କର୍ମଚାରୀ ଓ ପିକ୍‌ଅପ୍ ଡ୍ରାଇଭର ଅନବେଶ ମଣ୍ଡଳ ସମସ୍ତେ ଗୁରୁତର ହୋଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଫରେଷ୍ଟର ତନୁଜ କୁମାର ପରିଚ୍ଛା ଓ କାମାକ୍ଷା ପ୍ରସାଦ ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି। ପାପଡ଼ାହାଣ୍ଡି ଓ କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


**SS LEGACY ENGINEERS PVT LTD**

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027. Web address: www.sslegacy.in

| Dept. | Position | Experience | Qualification |
|---|---|---|---|
| Instrument | Instrumentation Engineer | 5-7 Years | B. Tech in Electronics/Instrumentation |
| | | 8-10 Years | Diploma in Electronics/Instrumentation |
| | Instrumentation Technician | 5 Years | ITI/Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical. |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Elecrical with Licence |

Important Notes: Intersted candidate may attend the interview along with their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

*Walk in to explore new career opportunities:*

Walk-in Interview Date: 09.11.2025 (09-Nov-2025)
Time: Morning to 9:00AM to evening 4:00 PM.
Place: Hotel Dayal Residency, Near Jajpur Road. Hotel Contact No. 8093099916.
Hotel Dayal Residency Address: Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com,soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784.

*For, more information, kindly contact the mentioned mobile numbers.*



**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

Govt. of Odisha

E-mail ID - senzsambalpur@gmail.com

"e"-Procurement Notice No - 1768/Agril, Date - 30.10.2025

Bid Identification No. : 03/Agril./NZ/2025-26 dt.30.10.2025

**No.L-99** : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

| | | |
|---|---|---|
| 1. | Nature/Type of the work | : As Mentioned in Column-02 |
| 2. | Estimated Cost put to Tender | : Varies from Rs.5.71 Lakhs to Rs.49.25 Lakhs |
| 3. | EMD Amount | : Varies from Rs.5,720.00 to Rs.49,250.00 |
| 4. | Bid Cost | : As Mentioned in Column-07 |
| 5. | Period of completion | : As Mentioned in Column-08 |
| 6. | No. of work (Tender) | : 15 nos. |
| 7. | Class of Contractor | : "D", "C" & "B" class with valid License as Mentioned in Column - 06 |
| 8. | Date & Time of availability of bid document in the portal | : 03.11.2025 at 10.A.M. to Dt.14.11.2025 at 5.30 P.M. |
| 9. | Last date / Time for receipt of bids in the portal | : Dt.14.11.2025 at 5.30 P.M. |
| 10 | Date of submission of original documents in the tender box | : Dt.13.11.2025 at 10 A.M. to Dt.17.11.2025 at 5.00 P.M. (Working days) only |
| 11 | Date & time of opening of online bids | : Dt.18.11.2025 at 11.00 A.M. |
| 12 | Name and address of the officer inviting Bid | : Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in **ONLINE bidding only** in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Superintending Engineer (Agril.)
Northern Zone, Sambalpur

OIPR-



**OFFICE OF THE PRINCIPAL**

**CREW TRAINING INSTITUTE, CHANDBALI, DIST.: BHADRAK**

PIN - 756133, Email: ctiportsiwt@rediffmail.com Ph. No.: 06786-295745

**ADVERTISEMENT FOR ADMISSION**

No. JJ-64: Applications in prescribed form are invited from intending experienced candidates having requisite qualification and experience for admission into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.: Bhadrak from **Dt.01.01.2026 to Dt.31.03.2026**. The course is meant for preparing the candidates to serve as Crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | | |
|---|---|---|
| 01. | Age | : Not less than 21 years and not more than 47 years as on Dt.01.01.2026. |
| 02. | Educational Qualification | : H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| 03. | Experience | : Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/reputed private sector Organization/Registered Co-operative Societies. |
| 04. | Physical Fitness | : The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.: Bhadrak" on payment of Rs.50/- (Rupees Fifty) only by cash, money order from **Dt.06.11.25 to Dt.20.11.25 Upto 5.30 P.M.** on all working days. The application forms complete in all respect should reach the undersigned on or before **Dt.30.11.2025 Upto 5.30 P.M.** The application forms should be submitted in an envelope addressed to "Principal, Crew Training Institute, Chandabali, Dist.: Bhadrak".

The application of in-service candidates should be submitted through proper Channel/Competent authority.

Sd./- Principal
Crew Training Institute

OIPR-

# ଜାଲ୍ ଜନଜାତି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗ

## ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ମାଲକାନଗିରି,୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଅଣ ଆଦିବାସୀମାନେ ଅସାଧୁ ଉପାୟରେ ବିଭିନ୍ନ ତହସିଲ କାର୍ଯ୍ୟାଳୟରୁ ଜାଲ୍ ଆଦିବାସୀ ବା ଜନଜାତି ପ୍ରମାଣପତ୍ର ସଂଗ୍ରହକରି ବହୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ସରକାରୀ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। ମାଲକାନଗିରି ବହୁଜନ ସମାଜ ପାର୍ଟି ସଭାପତି ଜାରା ଶବର ମାଡ଼ି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି। ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ ବହୁଜନ ସମାଜ ପାର୍ଟି ସଭାପତି ମାଡି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁଙ୍କ ବିଷୟରେ ମଧ୍ୟ ଗୁରୁତର ଅଭିଯୋଗ କରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ତାଙ୍ଗୁଲ ଜଣେ ଅଣ ଆଦିବାସୀ ହୋଇଥିବା ବେଳେ ଜାଲ ଜନଜାତି ପ୍ରମାଣପତ୍ର ଦାଖଲ କରି ଜିଲା ପରିଷଦ ନିର୍ବାଚନରେ ବିଜୟ ହାସଲ କରିଛନ୍ତି। ତାଙ୍କ ବାପାଙ୍କ ନାମରେ ଥିବା ଜମିପଟ୍ଟାରେ କଟିଆ ଲେଖା ଯାଇଥିବାବେଳେ ଏହି କଟିଆ ଜାତି ସାଧାରଣ ବର୍ଗର । ତହସିଲ ଅଧିକାରୀମାନଙ୍କୁ ମିଥ୍ୟା ତଥ୍ୟ ଦେଇ ଅସାଧୁ ଉପାୟରେ ଜାତି ପ୍ରମାଣପତ୍ର ସଂଗ୍ରହ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କ ନକଲି ଜାତି ପ୍ରମାଣପତ୍ର ରଦ୍ଦ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

କେବଳ ସେ ଜଣେ ନୁହନ୍ତି, ଜିଲାରେ ବହୁ ଲୋକ ଜାଲ୍ ଜାତି ପ୍ରମାଣପତ୍ର କରି ସରକାରୀ ଚାକିରି କରୁଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ତଦନ୍ତକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜାରା ଶବର ମାଢ଼ି କହିଛନ୍ତି । ବହୁଜନ ସମାଜ ପାର୍ଟି ତରଫରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ବହୁଜନ ସମାଜ ପାର୍ଟି କାଲିମେଳା ସଭାପତି ସୁଶାନ୍ତ ବେଟି, କୋରୁକୋଣ୍ଡା ସଭାପତି ରାମ ମାଡକାମି, ଜିଲା ପ୍ରଭାରୀ ସନାତନ କବାସୀ ଉପସ୍ଥିତ ଥିଲେ। ତେବେ ଏ ସମ୍ବନ୍ଧରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁଙ୍କୁ ପଚାରିବାରୁ ବହୁଜନ ସମାଜ ପାର୍ଟି କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ । ପ୍ରକୃତରେ ଅବିଭକ୍ତ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଜଲାପୁଟଠାରେ ଡ୍ୟାମ୍ ନିର୍ମାଣ ସମୟରେ ବୁଡି ଅଞ୍ଚଳରୁ କଲାବରି ଗ୍ରାମରୁ କଟିଆ ଜାତିର ଆଦିବାସୀମାନେ ବିସ୍ଥାପିତ ହୋଇଥିଲେ। ମୋର ପୂର୍ବ ପୁରୁଷ ମାଲକାନଗିରି ଜିଲାକୁ ଆସି ଚିତ୍ରକୋଣ୍ଡାରେ ବସବାସ କରି ଆସୁଛନ୍ତି। ଆମ୍ଭର ପ୍ରକୃତ ଜାତି ହେଉଛି ଆଦିବାସୀ ବୋଲି ସେ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ବହୁଜନ ସମାଜ ପାର୍ଟି ସଭାପତିଙ୍କ ସହ ଅନ୍ୟ କର୍ମକର୍ତ୍ତା।

# ଓଡ଼ିଶାର ଐତିହ୍ୟ, ପରମ୍ପରାକୁ ମନେପକାଏ ବୋଇତ ବନ୍ଦାଣ ଉତ୍ସବ



ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଦସ୍ୟଙ୍କ ବୋଇତ ଧରି ଶୋଭାଯାତ୍ରା ।

ମାଲକାନଗିରି,୫।୧୧ (ଦୁର୍ଯ୍ୟୋଧନ ପାତ୍ର/ସୁଚିତ୍ରା ଦାସ)

ମାଲକାନଗିରି ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଏବଂ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସଂଘର ସଦସ୍ୟମାନେ ସଭାପତି ବାଲାରାଜୁ ପାଢ଼ୀଙ୍କ ନେତୃତ୍ୱରେ ଖୋଳ, ଶଙ୍ଖ, ଗିନି ବଜାଇ କୀର୍ତ୍ତନକରି ଏକ ବଡ ବୋଇତ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ବଣ୍ଡାବାକୁଲି ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। କୂଳରେ ବୋଇତ ରଖି ଧୂପ, ଦୀପ ଜଳାଇ ପୂଜା କରି ଭସାଇଥିଲେ। ୭ ଜଣ ସଦସ୍ୟ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ରବିନାରାୟଣ ପାଣିଗ୍ରାହୀ,ସମ୍ପାଦକ ଅଶୋକ କୁମାର ସାମଲ, ବାବାଜୀ ଚରଣ ସ୍ୱାଇଁ, ଏମ. ଧବଳେଶର ରାଓ, ସୁରେନ୍ଦ୍ର କୁମାର ମଲ୍ଲିକ, ଗଣେଶ ଚନ୍ଦ୍ର ଜେନା, ଜଗନ୍ନାଥ ତିଆଡ଼ିଙ୍କୁ ସାଧବ ବେଶ ପୋଷାକରେ ସଜ୍ଜିତ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ କହିଥିଲେ, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଓଡ଼ିଶାର ଧର୍ମ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଥାଏ । ପରମ୍ପରା ଅନୁଯାୟୀ, ପୂର୍ବକାଳରେ ଲୋକମାନେ ବ୍ୟବସାୟ କରିବା ନିମନ୍ତେ ନଦୀ ଓ ସମୁଦ୍ର ପାର ହେବାକୁ ପଡୁଥିଲା। ସେହି ସମୟରେ ବୋଇତ ନେଇ ନଦୀ କିମ୍ବା ସମୁଦ୍ରର ଆରପାରକୁ ଯାଇ ସେଠାରେ ମାସ ମାସ ବର୍ଷ ବର୍ଷ ଧରି ବ୍ୟବସାୟ କରି ପୁଣି ବୋଇତ ସହାୟତାରେ ନିଜ ଗ୍ରାମକୁ ଫେରୁଥିଲେ। ତେବେ ଏହି ବୋଇତ ବାନ୍ଧି ଯିବା ସମୟରେ ଘରର ମହିଳାମାନେ ପୂଜାର୍ଚ୍ଚନାକରି ନଦୀରେ ଯିବା ସମୟରେ ଯେପରି କୌଣସି ଅଘଟଣ ନ ଘଟେ ଓ ବୋଇତ ସମସ୍ତଙ୍କୁ ସୁରକ୍ଷିତରେ ନେଇ ଫେରିଆସିବ ସେଥି ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି। ଏହି ପରମ୍ପରା କେଉଁ ଆବହମାନ କାଳରୁ ଆଜି ପର୍ଯ୍ୟନ୍ତ ଚାଲି ଆସିଛି ବୋଲି ସେମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିରଞ୍ଜିବୀ ମହାପାତ୍ର, ଜୟ ଦେବ ରାଉଳ, କାଳୁ ମହାରଣା, ମାଧବାନନ୍ଦ ବିଶ୍ୱାଳ, ଅଭିମନ୍ୟୁ ବେହେରା, ଗିରିଧାରୀ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ମହାରଣା, କଳ୍ପତରୁ ନାୟକ ଆୟୋଜନ କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣିମାରେ ମନ୍ଦିରରେ ଭିଡ଼, ଭକ୍ତିମୟ ପରିବେଶ

କୋରୁକୋଣ୍ଡା,୫।୧୧(ଶିବଦତ୍ତ ସାହୁ )

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଧବାର ଭୋର ସମୟରୁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅଧୀନ ଅଞ୍ଚଳରେ ଏବଂ ବାଲିମେଳା ସହରରେ ଥିବା ସବୁ ମଠ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବାଲିମେଳା ସହରବାସୀ ବଡ଼ି ଭୋରୁ ନିକଟସ୍ଥ ଚିତାପାରି ନଦୀରେ ଡଙ୍ଗା ଭସାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଭକ୍ତମାନେ ବିଭିନ୍ନ ମନ୍ଦିରକୁ ଯାଇ ପୂଜା କରୁଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଭିନ୍ନ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ କରାଯାଉଛି। ଫଳରେ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଚିତାପାରି ନଦୀ ପାର୍ଶ୍ୱରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିର, ବାଲିମେଳା ସହରରେ ଥିବା ଡ୍ରଗ୍‌ଲାଇନ ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବମନ୍ଦିର, ବାଲିମେଳା ଛକରେ ଥିବା ନୀଳକଣ୍ଠେଶର ମନ୍ଦିର, ସୋମନାଥପୁର ପଞ୍ଚାୟତ ଅଧୀନ ଜବାଗଡ଼ ନିକଟରେ ଥିବା କଣ୍ଡେଲ ଶୈବ ପୀଠ, ବାଲିମେଳା- ମାଲକାନଗିରି ରାସ୍ତାରେ ଥିବା ଶ୍ରୀଧେଶ୍ୱରପୁର ମନ୍ଦିର ଏବଂ କାମ୍ବେଡାଠାରେ ଥିବା ଶିବମନ୍ଦିର, ନାକାମାମୁଡି ପଞ୍ଚାୟତର ଖଡ଼ିକାଯୋଠାରେ ଥିବା ଶିବ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ପବିତ୍ରତାର ପ୍ରତୀକ ଆକାଶଦୀପ ନିକଟରେ ଭକ୍ତମାନେ ଏକାଠି ହୋଇ ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ତେବେ ହବିଷ ବ୍ରତଧାରୀଙ୍କ ପାଇଁ ବିଭିନ୍ନ ମଠ ମନ୍ଦିରରେ ପରିଚାଳନା କମିଟି ପକ୍ଷରୁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ସମସ୍ତ ମନ୍ଦିର ଏବଂ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।


ଜଗନ୍ନାଥ ମନ୍ଦିର ପରିସରରେ ନାମ ସଙ୍କୀର୍ତ୍ତନ କରାଯାଉଛି।

# ସାଇବର ଠକେଇରୁ ସୁରକ୍ଷା ନେଇ ପେନ୍‌ସନଧାରୀଙ୍କୁ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ପେନ୍‌ସନଧାରୀ।

ମାଲକାନଗିରି,୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସାଇବର ଠକେଇରୁ କିପରି ପେନ୍‌ସନଭୋଗୀ ସତର୍କ ରହିବେ ସେ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ତରଫରୁ ଆୟୋଜିତ କର୍ଯ୍ୟକ୍ରମ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବାଲାରାଜୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ଅର୍ଥ ଯୋଗାଣ ଓ ସଞ୍ଚୟ ଅଧିକାରୀ ଆଶିଷ ପଣ୍ଡା, ସାଇବର ସେଲ୍ ଅଧିକାରୀ ଗୌତମ କିର୍ତ୍ତନିଆ, ମାୟାଧର ପାଙ୍ଗୀ, ହରିନାଥ ପଣ୍ଡା, ସଂଘର ସମ୍ପାଦକ ଅଶୋକ ସାମଲ, ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ୮୦ରୁ ଊର୍ଦ୍ଧ୍ୱ ପେନ୍‌ସନ ହିତାଧିକାରୀ ଯୋଗଦେଇଥିଲେ। ଏବେ ଡିଜିଟାଲ ଯୁଗରେ ବହୁ ସାଇବର ଅପରାଧୀ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଆକାଉଣ୍ଟରୁ ଟଙ୍କା ଲୁଟ୍ କରୁଛନ୍ତି। ବିଶେଷକରି ପେନ୍‌ସନଭୋଗୀ ଓ ନିରୀହ ସାଧାରଣ ଜନତା ଏହି ଠକାମିରେ ପଡି ସର୍ବସ୍ୱାନ୍ତ ହେଉଛନ୍ତି। ଏଥିରୁ କିପରି ସତର୍କ ରହିବେ ସେ ସମ୍ବନ୍ଧରେ ସାଇବର ସେଲ ଅଧିକାରୀ, ବ୍ୟାଙ୍କ ଅଧିକାରୀ ବୁଝାଇଥିଲେ। ଅଜଣା ବ୍ୟକ୍ତିଙ୍କ ଫୋନ୍ କଲ ନ ଉଠାଇବା, ମିଥ୍ୟା ମେସେଜଗୁଡିକୁ ବିଶ୍ୱାସ ନ କରିବା, ଯଦି କୌଣସି ବ୍ୟକ୍ତି ବ୍ୟାଙ୍କ ଖାତାରେ ସମସ୍ୟା ଅଛି ବୋଲି କହି କିଛି ତଥ୍ୟ ମାଗନ୍ତି ତେବେ ସେଥିରୁ କିପରି ନିବୃତ ରହିବେ ସେ ସମ୍ବନ୍ଧରେ ବୁଝାଇଥିଲେ । ଯଦି କେହି ଠକାମିର ଶିକାର ହୁଅନ୍ତି ତୁରନ୍ତ ସାଇବର ସେଲର ୧୯୩୦ ନମ୍ବରକୁ ଯୋଗାଯୋଗ କରବାକୁ ପରାମର୍ଶ ଦେଇଥିଲେ । ଶେଷରେ ସଂଘର ସଦସ୍ୟ ସୁରେନ୍ଦ୍ର କୁମାର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି, ୫।୧୧ (ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ଏହି ଗୁଳି ବିନିମୟରେ କେତେଜଣ ମାଓବାଦୀ ଆହତ ହୋଇଥିବାବେଳେ ଯବାନଙ୍କ ପକ୍ଷରୁ ଅପରେଶନ ଜାରି ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ ବିଜାପୁର ଜିଲାର ତରଲାଗୁଡ଼ା ଥାନା ଅଞ୍ଚଳ ଆନ୍ନାରାମ ଏବଂ ମାରିମଲ୍ଲା ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପ୍ରତ୍ୟୁତ୍ତରରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଖବର ଲେଖାହେବା ସୁଦ୍ଧା ଯବାନଙ୍କ ଅପରେଶନ ଜାରି ରହିଛି। ସୁରକ୍ଷା କାରଣର ପୋଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ବରିଷ୍ଠ ପୋଲିସ ଅଧିକାରୀମାନେ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଫୋର୍ସ ଅଞ୍ଚଳରେ ମୁତୟନ କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପୃଥକ୍ ସ୍ଥାନରୁ ସୁନା ଅଳଙ୍କାର, ଟଙ୍କା ଚୋରି

ଜୟପୁର,୫।୧୧(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅଞ୍ଚଳରେ ଦୁଇଟି ସ୍ଥାନରେ ଚୋରି ନେଇ ଅଭିଯୋଗ ହୋଇଛି। ତେଲିଗୁଡ଼ା ଓ ଫମ୍ପୁଣୀରେ ଦୁର୍ବୃତ୍ତ ତାଲା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ତେଲିଗୁଡ଼ା ଲକ୍ଷ୍ମୀ ନାରାୟଣ ନଗରର ଭାସ୍କର ଭୁୟାଁ ଓ ତାଙ୍କ ସ୍ତ୍ରୀ କାର୍ତ୍ତିକ ପୂର୍ଣ୍ଣିମା ଯୋଗୁ ଘରେ ତାଲା ଦେଇ ପ୍ରାତଃ ୪ଟାରେ ମନ୍ଦିର ଯାଇଥିଲେ। ଠାକୁର ଦର୍ଶନ ଓ ଡଙ୍ଗା ଭସାଇ ସେମାନେ ସକାଳ ୬ଟାରେ ଫେରିବା ବେଳକୁ କେହି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଚୋରି କରିଥିବା ଦେଖିଥିଲେ। ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ସଦରଥାନା ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ଆଲମାରୀରୁ ୩୫ ହଜାର ଟଙ୍କା ଏବଂ ଅଢେଇ ତୋଳାର ସୁନା ଅଳଙ୍କାର ଚୋରି ହୋଇଥିଲା। ମନ୍ଦିର ଯିବାବେଳେ କେତେଜଣ ଯୁବକ ତାଙ୍କର ଘର ଆଗରେ ବାଇକରେ ଛିଡ଼ା ହୋଇଥିବା ନେଇ ଏତଲାରେ ଉଲ୍ଲେଖ ରହିଛି।

ସେହିପରି ଜୟପୁର ବ୍ଲକ ଅଧୀନ ଫାମ୍ପୁଣି ଗ୍ରାମ ମାଉଲଭଙ୍ଗା ସାହିର ପୂର୍ଣ୍ଣଚନ୍ଦ୍ର ବାଘଙ୍କ ଘରୁ ଚୋରି ହୋଇଛି। ମଙ୍ଗଳବାର ସନ୍ଧ୍ୟା ସାଢେ ୭ଟାରେ ଗାଁରେ ହେଉଥିବା ଅଲେଖ ମହିମା ଯଜ୍ଞ ଦେଖିବାକୁ ପୂର୍ଣ୍ଣଚନ୍ଦ୍ର ଯାଇଥିଲେ। ସେଠାରୁ ରାତି ୧୦ଟାରେ ଘରକୁ ଫେରିବାବେଳକୁ ଘର ତାଲା ଖୋଲାଥିବା ଦେଖିଥିଲେ। ଭିତରେ ଆଲମାରୀରୁ ୮ ତୋଳା ସୁନା ଅଳଙ୍କାର ଚୋରି ହୋଇଥିବା ଦେଖି ତୁରନ୍ତ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସଦରଥାନାଧିକାରୀ ସଜ୍ଜିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଚତୁର୍ଥ ଦିନରେ ବରଗଡ଼, ଭୁବନେଶ୍ୱର ଦଳ ବିଜୟୀ

## ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

କୋରାପୁଟ,୫।୧୧(ଅମିତାଭ ବେହେରା)

କୋରାପୁଟ ବାର୍ ଆସସିଏସନ ଦ୍ୱାରା ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଚତୁର୍ଥ ଦିନରେ ଆୟୋଜିତ ୨ଟି ମ୍ୟାଚରେ ବରଗଡ଼ ଓ ଭୁବନେଶ୍ୱର ଟିମ ବିଜୟୀ ହୋଇଛି। କୋରାପୁଟ ଜିଲା ଭାଜପା ସଭାପତି ଶିବ ମୁଦୁଲି ଏବଂ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

ପ୍ରଥମ ମ୍ୟାଚ ବରଗଡ଼ ବାର ଆସୋସିଏସନ୍ ଓ ବାଲେଶ୍ୱର ବାର ଆସୋସିଏସନ ମଧ୍ୟରେ ଖେଳା ଯାଇଥିଲା। ବାଲେଶ୍ର ବାର ଆସୋସିଅନ ଟିମ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥଲେ। ବାଲେଶ୍ୱର ଟିମ୍ ବ୍ୟାଟିଂ କରି ୨୦ ଓଭରରେ ସାତ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ବରଗଡ଼ ବାର ଆସୋସିଏନ ୧୫.୨ ଓଭରରେ କୌଣସି ଉଇକଟେ ନ ହରାଇ ୧୬୫ ରନ କରି ବିଜୟୀ ହୋଇଥିଲା। ଅଲ ରାଉଣ୍ଡ ପ୍ରଦର୍ଶନ ପାଇଁ ବରଗଡ ଟିମ୍‌ର ଅଶୋକ ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇ ଥିଲା।

ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ର ବାର ଆସୋସିଏଶନ ଓ ସମ୍ବଲପୁର ବାର ଆସୋସିଏଶନ ପରସ୍ପରକୁ ଭେଟିଥିଲେ। ଭୁବନେଶ୍ୱର ଟିମ୍ ୬ ଉଇକେଟ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ବାର ଆସୋସିଏଶନ ଟିମ ନିର୍ଦ୍ଧାରିତ ଓଭରରେ ୯୬ ରନ୍ ସଂଗ୍ରହ କରିଥିଲା। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ବାର ଆସୋସିଏସନ୍‌ର ଆଶୁତୋଷ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମ୍ପାୟାର ଭାବେ ଓସିଏ ପାନଲ ଆମ୍ପାରିଙ୍ଗ ଅସିତ୍ ପଟ୍ଟନାୟକ, ରମେଶ ସ୍ୱାଇଁ. ଏବଂ ରଜନୀକାନ୍ତ ରେଡ୍ଡୀ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରି ଭାବେ ପ୍ରଦୀପ କୁମାର ମହାନ୍ତି ଦାୟିତ୍ୱ ତୁଲାଇ ଥିଲେ। ସ୍କୋରର ଭାବେ ଗୌରବ ଏବଂ ଦିଲୀପ ରହିଥିଲେ। କୋରାପୁଟ ବାର ଆସୋସିଏଶନ ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର ଜେନା, ଉପସଭାପତି କୃଷ୍ଣ ସ, ମିଡ଼ିଆ ପରାମର୍ଶଦାତା ଅଶୋକ କୁମାର ଷଡଙ୍ଗୀ, ବରିଷ୍ଠ ଓକିଲ ଟି.ଏନ୍. ମୂର୍ତ୍ତି. ନିହାର ରଞ୍ଜନ ପଟ୍ଟନାୟକ, ବିଦ୍ୟାଧର ସାହୁ, ମନୋରଞ୍ଜନ ରାଉତରାୟ, ନୃପେନ୍ଦ୍ର ନାରାୟଣ ବାଘଙ୍କ ସମେତ ବାର ସଙ୍ଘର ସମସ୍ତ ସଦସ୍ୟା, ସଦସ୍ୟା ଉପସ୍ଥିତ ଥିଲେ।

# ୱାର୍ଡସଭ୍ୟଙ୍କୁ ଧମକ ନେଇ ଥାନାରେ ଏତଲା

## ବାଲଡା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

ନନ୍ଦପୁର, ୫।୧୧ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ସରପଞ୍ଚଙ୍କ ବିରୋଧରେ ୱାର୍ଡ ସଭ୍ୟଙ୍କ ଅନାସ୍ଥା ପ୍ରସ୍ତାବ ଆଗତ ପରେ ପଞ୍ଚାୟତ ରାଜନୀତି ସରଗରମ ହୋଇଛି। କେତେଜଣ ବ୍ୟକ୍ତି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାକୁ ୱାର୍ଡସଭ୍ୟମାନଙ୍କୁ ଆର୍ଥିକ ଲୋଭ ଦେଉଛନ୍ତି। ଲୋଭରେ ସହମତି ପ୍ରକାଶ ନ କରିବାରୁ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ବ୍ୟକ୍ତିଗତ ଭାବେ ଓ ଫୋନ ଯୋଗେ ଅଶ୍ରାଭ୍ୟ ଭାଷାରେ ଗାଳି ଗୁଲୋଜ କରୁଛନ୍ତି ବୋଲି ଅନାସ୍ଥା ପ୍ରସ୍ଥାନ ଆଣିଥିବା ୱାର୍ଡ ସଭ୍ୟମାନେ ମିଳିତ ହୋଇ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଧମକ ଦେଉଥିବା ବ୍ୟକ୍ତି ବିଶେଷଙ୍କ ନାମ ଓ ବ୍ୟବହୃତ ଫୋନ ନମ୍ବରଗୁଡ଼ିକ ଉଲ୍ଲେଖ ରହିଛି। ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ୱାର୍ଡ ସଭ୍ୟମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ପାଡୁଆ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏସ୍‌ଆଇ ଦୀପକ ବାରିକ ସୂଚନା ଦେଇଛନ୍ତି।


ୱାର୍ଡ ସଭ୍ୟମାନେ ଏତଲା ଦେଉଛନ୍ତି।

# ରାଜରାଜେଶ୍ୱରୀ ବେଶରେ ଦର୍ଶନଦେଲେ ଶ୍ରୀଜୀଉ



ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଜୀଉଙ୍କ ରାଜରାଜେଶ୍ୱରୀ ବେଶ ଏବଂ ଠାକୁର ବେଶ ଦେଖିବାକୁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି।

କୋରାପୁଟ,୫।୧୧(ଅମିତାଭ ବେହେରା)

କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ନେଇ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବୁଧବାର ଭକ୍ତଙ୍କ ସମାଗମ ହୋଇଛି। ଶାବର ଶ୍ରୀକ୍ଷେତ୍ରରେ ବୁଧବାର ଭୋରରୁ ମହାପ୍ରଭୁଙ୍କ ସମସ୍ତ ନିତି ନିୟମ ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଭୋର ପ୍ରାୟ ୫ଟା ୩୦ରେ ସ୍ଥାନୀୟ ନରେନ୍ଦ୍ର ସରୋବରରେ ଶ୍ରୀ ଜୀଉଙ୍କ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ନରେନ୍ଦ୍ର ସରୋବରରେ ଶ୍ରୀ ଜଗନ୍ନାଥଙ୍କ ବୋଇତକୁ ପୂଜା ଅର୍ଚ୍ଚନା ପରେ ପୁଷ୍କରଣୀରେ ଭସାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ତପନ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ସହ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ହଜାରହଜାର ଲୋକେ ବୋଇତ ଭସାଇଥିଲେ। ସେଠାରୁ ଭକ୍ତମାନେ ଶାବର ଶ୍ରୀକ୍ଷେତ୍ର ଯାଇ ଶ୍ରୀ ଜୀଉଙ୍କ ରାଜ ରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଶୃଙ୍ଖଳିତ ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କୋରାପୁଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିଭଳି କାର୍ତ୍ତିକକ ପୂର୍ଣ୍ଣିମା ଅବସରରେ କୋରାପୁଟ ସହରର ଗୌତମ ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ କଳସ ଯାତ୍ରା କାର୍ଯ୍ୟକ୍ରମ ସହ ପ୍ରାୟ ୧୦ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଥିଲା।

# ‘ହରେ କୃଷ୍ଣ ହରେ ରାମ’ ନାମରେ ଭକ୍ତିମୟ ପରିବେଶ

ନନ୍ଦପୁର/ ସୁନାବେଡ଼ା/ ସେମିଳିଗୁଡ଼ା/ ଦାମନଯୋଡ଼ି, ୫।୧୧ (ତୁଷାର କାନ୍ତ ମହାନ୍ତି/ କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼/ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଗଙ୍ଗେଇଶୁଣୀ ନଦୀକୂଳରେ ବୋଇତ ବନ୍ଦାଣ, ଦେବାଳୟଗୁଡ଼ିକରେ କାର୍ତ୍ତିକ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ପୂଜା କରାଯାଇଛି। ଠାକୁରଙ୍କ ଦର୍ଶନ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅଷ୍ଟପ୍ରହର ନାମଯଜ୍ଞ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଲୋକେ ଆ କା ମା ବି, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର କହି ଡଙ୍ଗା ଭସାଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ମଙ୍ଗଳବାରରୁ ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞରେ ଭକ୍ତମାନେ ସାମିଲ ହୋଇ ‘ହରେ କୃଷ୍ଣ ହରେ ରାମ’ ନାମଜପ କରିଥିଲେ। ୪୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀଙ୍କ ଉପସ୍ଥିତି ନନ୍ଦପୁର ବ୍ଲକକୁ ଭକ୍ତିମୟ କରିଥିଲା। ବୁଧବାର ପୂର୍ବାହ୍ନ ୧୦ଟାରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନ କରାଯାଇଥିଲା।

ସେମିଳିଗୁଡ଼ା ଓସିସି ନଗର ମା’ ମଙ୍ଗଳା କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ କରାଯାଇଥିଲା। ସେମିଳିଗୁଡ଼ା, ଗଉଡ଼ଗୁଡ଼ା, ମୁଖୀବିଡ଼ାଇ, ସୁବାଇ, ସୁନାବେଡ଼ା, ଲୁହାବାହା, କୁତୁରପୁଟ, ପୋଡାଗଡ଼ ଓ ଗୁଣ୍ଡାପୁଟ ଗାଁର ସଂକୀର୍ତ୍ତନ ମଣ୍ଡଳୀ ଦିବାରାତ୍ରି ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ୬ ଟାରେ ଘଟ ଆମନ୍ତ୍ରଣ, ବୁଧବାର କଳସ ସ୍ଥାପନ ସହ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଗୁରୁବାର ସକାଳ ୮ ଟାରେ ପୂର୍ଣ୍ଣାହୁତି ହେବ। ମା’ ମଙ୍ଗଳା’ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା। ମା ମଙ୍ଗଳା କୀର୍ତ୍ତନ ମଣ୍ଡଳୀର ସାଇ ପ୍ରସାଦ ଖୁଣ୍ଟିଆ, ବିଜୟ ବାଡତ୍ୟା,ସୁଶାନ୍ତ ସ୍ୱାଇଁ, ବିରେନ୍ଦ୍ର ଝା, ଗଣେଶ ମହାପାତ୍ର, ତ୍ରିଲୋଚନ ପଣ୍ଡା, ପିଣ୍ଟୁ ଖୁଣ୍ଟିଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହା ବ୍ୟତୀତ ଜୟପୁର, ଦାମନଯୋଡ଼ି ଆଦି ଅଞ୍ଚଳରେ ମଧ୍ୟ ଏଭଳି ନାମ ସଂକୀର୍ତ୍ତନ କରାଯାଇଛି।

ସେହିଭଳି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଲ୍‌କୋ ଟାଉନଶିପସ୍ଥିତ ଶ୍ରୀ ଅଭୟ ଆଞ୍ଜେନେୟଙ୍କଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାଇଁ ଏକ ଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ଅନୀଲ ସିଂ ଓ ତାଙ୍କ ସ୍ତ୍ରୀ ଅନିତା, ସାରଦା ପ୍ରସାଦ ପଣ୍ଡା ଓ ତାଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଧୀରେନ୍ଦ୍ର ବେହେରା ଓ ତାଙ୍କ ସ୍ତ୍ରୀ କାମିନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନନ୍ଦପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ ଏବଂ ସୁନାବେଡ଼ାରେ ମା ମଙ୍ଗଳା କୀର୍ତ୍ତନ ମଣ୍ଡଳୀ ନାମ ସଙ୍କୀର୍ତ୍ତନ କରୁଛନ୍ତି।

## ଗୁରୁ ନାନକଙ୍କ ଜୟନ୍ତୀରେ ଭଜନକୀର୍ତ୍ତନ, ଲଙ୍ଗର

ଜୟପୁର, ୫।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲ୍ଲା ଜୟପୁରରେ ଶିଖ ସମ୍ପ୍ରଦାୟର ପ୍ରଥମ ଗୁରୁ ନାନକଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଛି। ସ୍ଥାନୀୟ ବ୍ରହ୍ମସାହି ଓ ନାରାୟଣ ଡୋଟା ସାହିରେ ଥିବା ଗୁରୁଦ୍ୱାରରେ ଏହି ଜୟନ୍ତୀ ପାଳିତ ହୋଇଛି। ଜୟନ୍ତୀ ଅବସରରେ ଶିଖ ସମ୍ପ୍ରଦାୟ ପକ୍ଷରୁ ସକାଳୁ ସଙ୍କୀର୍ତ୍ତନ ସହ ସହର ପରିକ୍ରମା କରାଯାଇଛି। ନାନକଙ୍କ ଜୟନ୍ତୀ ପାଇଁ ପବିତ୍ର ଗ୍ରନ୍ଥସାହେବ ପାଠ, ଭଜନ ଓ କୀର୍ତ୍ତନ, ଭୋଜନ ଲଙ୍ଗର ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶିଖ ଧର୍ମାବଲମ୍ବୀମାନେ ଯୋଗ ଦେଇଥିଲେ।

## ସହାୟତା ଅପେକ୍ଷାରେ ପୂର୍ବତନ ସରପଞ୍ଚ ଦମ୍ପତି

### ଦୁର୍ଘଟଣାରେ ଗୋଡ଼ ହରାଇଛନ୍ତି ପର୍ଶୁରାମ

ନନ୍ଦପୁର,୫।୧୧ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଅଧୀନ ପାଢୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପର୍ଶୁରାମ ହଲଙ୍ଗ କିଛିଦିନ ତଳେ ଏକ ଦୁର୍ଘଟଣାର ଶିକାର ହୋଇ ନିଜର ଗୋଟିଏ ଗୋଡ ହରାଇଛନ୍ତି। ଅସ୍ତ୍ରୋପଚାର ପରେ ଗୋଟିଏ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିବାରୁ ସେ ଆଉ କୌଣସି କାମଧନ୍ଦା କରି ନ ପାରି ଘରେ ବସି ରହୁଛନ୍ତି। ସେ ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗରେ ଆକ୍ରାନ୍ତ ହୋଇଥିବାରେ ଚିକିତ୍ସା ଖର୍ଚ୍ଚ ଏବଂ ପରିବାର ଚଳାଇବାକୁ ଅକ୍ଷମ। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପର୍ଶୁରାମ ଓ ତାଙ୍କ ସ୍ତ୍ରୀ କନକଲତା ହଲଙ୍ଗ ନିବେଦନ କରିଛନ୍ତି। ଏଥିସହ ନିକଟରେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଭୀମଭୋଇ ସାମର୍ଥ୍ୟ ଶିବିରରେ ସ୍ୱାମୀ ସ୍ତ୍ରୀ ଉଭୟ ଆସି ପର୍ଶୁରାମଙ୍କ ସ୍ୱାସ୍ଥ୍ୟ ଓ କଟା ଗୋଡକୁ ଦେଖାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବୟସ ୬୦ ପାର ପରେ ବି ତାଙ୍କୁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ରାସନ କାର୍ଡରେ ମାସିକ ୧୦ କିଲୋ ଚାଉଳ ମିଳୁଛି। ଏତିକିରେ ପରିବାର ଚଳିବା କଷ୍ଟକର ହୋଇପଡୁଛି ବୋଲି ଦମ୍ପତି କହିଛନ୍ତି। ସୂଚନାଥାଉ କି, ପାଢୁଆ ପଞ୍ଚାୟତର ସରପଞ୍ଚ ଭାବେ ପର୍ଶୁରାମ ୧୯୯୭ରୁ ୨୦୦୨ ଓ କନକଲତା ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ୧୦ ବର୍ଷ କାଳ ପଞ୍ଚାୟତର ସରପଞ୍ଚ ଭାବେ ଦମ୍ପତି କାର୍ଯ୍ୟ କରିଥିଲେ ମଧ୍ୟ ନିଜ ପାଇଁ ଭଲ ଘର ମଧ୍ୟ କରିପାରିନାହାନ୍ତି। ଏକ ଆଜବେଷ୍ଟସ ଘରେ ସେମାନଙ୍କ ଜୀବନ ବିତୁଛି। ପୈତୃକ ସମ୍ପତ୍ତି କିମ୍ବା ଅନ୍ୟ ସମ୍ପତ୍ତି କିଛି ନାହିଁ। ଫଳରେ ବାର୍ଦ୍ଧକ୍ୟ ଅବସ୍ଥାରେ ସରପଞ୍ଚ ଦମ୍ପତି ଚଳିବା ଏବଂ ଚିକିତ୍ସା ଚିନ୍ତାରେ ଘାଣ୍ଟି ହେଉଥିବା କହିଛନ୍ତି। ଜିଲ୍ଲା, ବ୍ଲକ ପ୍ରଶାସନ ପର୍ଶୁରାମଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, କୃତ୍ରିମ ଗୋଡ ଲଗାଇବା ବ୍ୟବସ୍ଥା ସହ ଏକ ଆବାସ ଗୃହ ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ପଚାରିବାରୁ ଅଳ୍ପଦିନ ଭିତରେ ପର୍ଶୁରାମଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବ ବୋଲି କହିଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବା ପରେ ହଲଙ୍ଗ ପରିବାରକୁ ଅନ୍ତୋଦୟ ଆବାସ ଗୃହ ଯୋଜନାରେ ସାମିଲ କରାଯିବ ଏବଂ ତାଙ୍କ ପରିବାରକୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବାକୁ ସେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି।


ସରପଞ୍ଚ ଦମ୍ପତି ପର୍ଶୁରାମ ଓ କନକଲତା ହଲଙ୍ଗ।

## ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

### ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଘଟଣା


ଗିରଫ ଅଭିଯୁକ୍ତ।

ସୁନାବେଡ଼ା/ସେମିଳିଗୁଡ଼ା, ୫।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ପୋଲିସ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିବା ଅଭିଯୋଗରେ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେମିଳିଗୁଡ଼ା ଥାନା ଅଧୀନ ଆଲିଗାଁର ମୋହନ ଖରା (୩୭), କୁମାର ଟାକ୍ରି(୩୫) ଓ ଦଶରଥ ଜୟପୁରିଆ(୩୩)। ପ୍ରକାଶ ଯେ, ଗତମାସ ୨୪ ତାରିଖ ରାତିରେ ସେମିଳିଗୁଡ଼ା ଥାନା ସଦର ବ୍ଲକ ଆଲିଗାଁ କଫିଫାର୍ମ ନିକଟ ଜଙ୍ଗଲରେ ପଶୁ ଶିକାର ପାଇଁ ବିଦ୍ୟୁତ ତାର ବିଛାଇଥିଲେ। ଯାହା ସଂସ୍ପର୍ଶରେ ଆସି ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ଘାଟଗୁଡ଼ା ଗାଁର ବିଶୁ ବଡ଼ନାୟକଙ୍କ ପୁଅ ସଞ୍ଜୟ ବଡ଼ନାୟକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଯୁବତୀ ଗୁରୁତର ଥିଲେ। ସେମିଳିଗୁଡ଼ା ଥାନାରେ କେସ ନମ୍ବର ୧୩୫/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଅଭିଯୁକ୍ତମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ଘଟଣା ପରେ ସେମାନେ ସମସ୍ତେ ଫେରାର ଥିବା ଥାନାଧିକାରୀ ଅନିତା କୁଲ୍ଲୁର ସୂଚନା ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଜୟନ୍ତୀ

ଜୟପୁର, ୫।୧୧ (ପବନ ପାଣିଗ୍ରାହୀ)

ଜୟପୁର ମାଦଳାସାହି ସ୍ଥିତ ଗିତାଞ୍ଜଳି କଲ୍ୟାଣ ମଣ୍ଡପରେ ବୁଧବାର ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଛି। ପ୍ରଥମେ ପାୱାର ହାଉସ୍‌ରେ ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିରେନ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଗୁପ୍ତ ଦାସ ଉପସ୍ଥିତ ଥିଲେ। ମଦନ ମୋହନ ନାୟକ, ବୁବୁ ଭାଇ ବଜରଙ୍ଗୀ, ବିନୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ମହାନ୍ତି ମଞ୍ଚ ପରିଚାଳନା ଓ ଧୀରେନ ମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିମେଳାରେ କାର୍ତ୍ତିକେଶ୍ୱର ପୂଜା

କୋରୁକୋଣ୍ଡା,୫।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲ୍ଲା ବାଲିମେଳା ସହରର ପୋଷ୍ଟ ଅଫିସ ଛକଠାରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ କାର୍ତ୍ତିକଙ୍କ ପୂଜା କରାଯାଉଛି। କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜା ଦେଖିବା ପାଇଁ ଶତାଧିକ ହବିଷିଆଳି ଓ ଭକ୍ତଙ୍କ ସମାଗମ ହୋଇଥିଲା। ପୋଷ୍ଟ ଅଫିସ ଛକଠାରୁ ନାଲ୍ଲା ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ବଡ ବଡ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଛି। ମଣ୍ଡପରେ ବାଜୁଥିବା ବାଦ୍ୟରେ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଦର୍ଶନ କରିବା ନିମନ୍ତେ ବାଲିମେଳା ସହର ସମେତ ଆଖପାଖ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି। ଏହି ପୂଜାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ପୂଜା ମଣ୍ଡପ ସମେତ ସହରର ସମସ୍ତ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



## ନଦୀରେ ବୁଡ଼ି ମାଛ ଧରାଳିଙ୍କ ମୃତ୍ୟୁ

**କୁନ୍ଦୁରା, ୫।୧୧(ସନ୍ତୋଷ ପ୍ରହରାଜ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପାଡ଼ିଆଗୁଡ଼ାରେ ନଦୀରେ ବୁଡ଼ି ଜଣେ ମାଛ ଧରାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳରାମ ପାଲିଗୁଡ଼ିଆ (୪୮)। ଗ୍ରାମବାସୀଙ୍କ ସୂଚନା ପ୍ରକାରେ, ଗତ ସୋମବାର ସନ୍ଧ୍ୟା ୫ଟାରେ ବଳରାମ ଗାଁ ତଳ କୁରୁଲୁ ନଦୀରେ ମାଛ ଧରିବାକୁ ଜାଲ ବାନ୍ଧିବା ପାଇଁ ଯାଇଥିଲେ। ସେଠାରୁ ଆଉ ଘରକୁ ଫେରି ନ ଥିଲେ। ବହୁ ସମୟ ଧରି ବାପା ନ ଫେରିବାରୁ ଦୁଇ ପୁଅ କାର୍ତ୍ତିକ ଓ ରଘୁ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଁ ଲୋକେ ନଦୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ନଦୀ କୂଳରେ ତାଙ୍କ ମୃତଦେହ ଲାଗିଥିବା ଗ୍ରାମବାସୀ ଦେଖି ଅଗ୍ନିଶମ ବିଭାଗ ଓ ଥାନାରେ ସୂଚନା ଦେଇଥିଲେ। ଅଗ୍ନିଶମ ଅଧିକାରୀ ସରୋଜ କୁମାର ଭୁତିଆଙ୍କ ନେତୃତ୍ୱରେ ଯାନ୍ତ୍ରିକ ପଦଲାମ ଗୁଣ୍ଟା, ଅଜୟ ହରିଜନ, ଚନ୍ଦ୍ର ଶେଖର ମାଝୀ, ଶ୍ୟାମଲାଲ୍ ଗଣ୍ଡ, ଶ୍ରୀକାନ୍ତ ସେଠୀ ଏବଂ ରୁଦ୍ର ପ୍ରସାଦ ବାରିକ ପ୍ରମୁଖ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ଏଏସ୍‌ଆଇ ସନାତନ ସୁନାନୀଙ୍କ ନେତୃତ୍ୱରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।


### OFFICE OF THE NIMAPARA NOTIFIED AREA COUNCIL
At/P.O./P.S.: Nimapara, Dist.: Puri, Odisha, PIN - 752106
email: nimapdanac@gmail.com, Web: www.nimaparanac.in
Phone No.: (06758) 454167

**ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା, ପୁରୀ**

ସୈରାତ ମାମଲା ସଂଖ୍ୟା: 3424 — ତାରିଖ: 01.11.2025

No. C-1373: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନୋକ୍ତ ସୈରାତ ସନ ୨୦୨୫–୨୬ (Upto Nov. 2026) ପାଇଁ ଶ୍ରୀଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମାପଡ଼ା ମହୋଦୟଙ୍କ ଦ୍ୱାରା ଆସନ୍ତା ତା୧୨।୧୧।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ "ନିଲାମ ନିମନ୍ତେ ଆଗ୍ରହ ପ୍ରକାଶ (Expression of Interest) ଖୋଲାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଅଛି। ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନେ Regd. Post/Speed Post/Courier/Tender Box ନିମ୍ନ ଲିଖିତ ସର୍ତ୍ତ ଅନୁସାରେ କାଗଜ ତା୧୧।୧୧।୨୦୨୫ରିଖ ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା ଦାଖଲ କରିବେ। ଏହାର ସମ୍ପୂର୍ଣ୍ଣ ବିବରଣୀ ବ୍ୟବଚ୍ଛେଦ (କ) ଓ (ଖ)ର ବିଜ୍ଞାପିତ ଅଞ୍ଚଳ ପରିଷଦ Website: **http://www.nimaparanac.in/**ରେ ଉପଲବ୍ଧ ଅଛି।

ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା

OIPR-

### OFFICE OF THE NOTIFIED AREA COUNCIL, DHAMNAGAR
Pin : 756117 (Odisha), Tel. No.-06786-236056
E.Mail : dhamnagar.nac@gmail.com

No.:2801 — **"e" Procurement Notice** — Date : 30.10.2025

**Bid Identification No-03/DNRNAC/2025-26**

**No.C-1356** : Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Peripheral Development and Construction works of Goshala in Dhamnagar NAC.
2. No. of Works : 1 (One) No.
3. Estimated Cost : As per DTCN
4. Period of Completion : 11 Calendar Months
5. Date and Time of Bidding : 01.11.2025 (11:00 A.M.)
6. Last date and Time for receipt of bids in the portal : 12.11.2025 upto 5:00 P.M.
7. Submission of Original Document : 13.11.2025 upto 5:00 P.M.
8. Bids received online shall be opened on : 14.11.2025 at 11:00 A.M. onwards
9. Name and address of the officer inviting Bid : Executive Officer, Dhamnagar NAC

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Dhamnagar NAC

OIPR-

### OFFICE OF THE PARADEEP MUNICIPALITY, PARADEEP
**Quotation Call Notice no.5806/dt.01.11.2025**

**No.C-1385** : The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for "**Internal renovation of office building of Paradeep Municipality**" DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.03.11.2025 to dt.13.11.2025. Paper cost shall be paid as per the same method noted in DTCN downloaded online. The firms/ agencies/ fabricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.14.11.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd./- Executive Officer
Paradeep Municipality

OIPR-

SECTION - 1
INVITATION FOR EXPRESSION OF INTEREST
### OFFICE OF THE NOTIFIED AREA COUNCIL, PADAMPUR
Bid Reference No. 3133/NACP, Dated. 03.11.2025

**INVITATION OF EXPRESSION OF INTEREST (EOI) FOR PREPARATION OF DPR FOR REJUVENATION OF WATER BODIES PRESENT IN PADAMPUR NAC.**

**No.C-1387** : The Executive Officer, NAC, Padampur, Bargarh (Odisha) on behalf of NAC, Padampur invites Expression of Interest (EOI) for "Preparation of DPR for Rejuvenation of Water Bodies present in Padampur NAC" from Registered and Eligible Firm / Consultant / Architect for tendering their bids through offline mode only.

1. Intending bidders have to participate through **"Off-line"** bidding only.
2. The bid documents will be available at the Office of Executive Officer, Padampur NAC, Padampur from **10.00 AM of 04.11.25 to 1.00 PM of Dt.14.11.25**.
3. The intending tenderer shall procure the tender documents from the office of the undersigned by paying a non-refundable fee of Rs.5,000/- in shape of Demand Draft.
4. The Last date and time for receiving **Bids is 1.00 PM of Dt.14.11.25**.
5. The tenderer shall submit the bids in 2 sealed Envelopes, 1st for Technical Proposal (Superscribed Technical Proposal) and 2nd for Price Bid (Superscribed Price Bid), both the envelopes would be put together in the third outer envelope superscribing "Preparation of DPR for Rejuvenation of Water Bodies present in Padampur NAC".
6. The envelope should have been sealed with the documents may be submitted by Registered Post/Speed Post only.
7. Bids received will be opened in the presence of Bidders and his authorized person at **11.00 AM in the Office of the Executive Officer, Padampur NAC, Padampur on Dt.15.11.25**.

Sd./- Executive Officer
NAC, Padampur

OIPR-

### Office of the Zilla Parishad, Balangir
(District Mission Management Unit, OLM)
Dist.-Balangir, Odisha, Pin-767001
E-mail : ori-dbolangir@nic.in, balangirdpm.olm@gmail.com
No. : 513 Date : 30.10.2025

**QUOTATION CALL NOTICE**

**No.CAD-2157** : Sealed Quotations are invited from inerested reputed printing firms / companies with the following terms and condition for supply **Poshan Sakti Kit for FNHW** Programme under OLM. The selection of vendor shall be made through two bid system i.e. Technical & Financial Bid separately. The Technically qualified vendor can only participate in the Financial Bid. The authority reserves the right to accept or reject any or all partially or in full the bids without assigning any reason thereof.

For More details please visit district website i.e. https://balangir.odisha.gov.in

1. Last date of receipt of Sealed Bid is on 15.11.2025 up to 5.30 P.M. through Registered/Speed Post & Courier only.
2. Opening of Bid paper i.e. (i) Technical Bid on dt.17.11.2025 at 11.00 A.M. (ii) Financial Bid of eligible Tenders on dt.17.11.2025 at 4.00 P.M.

Sd./- CDO-cum-DMC, OLM
Zilla Parishad, Balangir

OIPR-

GOVERNMENT OF ODISHA
DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR
Phone No. (0663)-2412791(Off.). E-mail : eemisbp@yahoo.co.in
No. 4234/Date. 30.10.2025

No.A-834 — **'e' Procurement Notice**

**BID REF No. : SE, MID, SBP/08/2025-26**

| | |
|---|---|
| Name of work | Civil Construction works |
| No. of Works | 04 (Four) Nos. |
| Estimated cost | Varies from approximately Rs.12.10 lakh to Rs.38.00 lakh for 04 Nos. of work (Rs.83.90 lakh) |
| Tender paper cost | Referred to DTCN |
| Period of completion | Referred to DTCN |
| Availability of bid through online | From **dt.07.11.2025 at 11.00 A.M. to dt.17.11.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | From **dt.07.11.2025 at 11.00 A.M. to dt.17.11.2025 up to 05.30 P.M.** through online |
| Date of opening of bid documents | On **dt.18.11.2025 at 10.00 A.M.** onwards |
| Digital signature certificate of Bidder | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | |
|---|---|
| Name & Address of the OIT | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | http://tendersorissa.gov.in |

Sd./- Superintending Engineer
M.I.Division, Sambalpur

OIPR-

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA
Advt. No. 06/NHM/2025 — Date: 30.10.2025

**REQUEST FOR PROPOSAL**

No. E-481: Request for proposal invited for "Rate Contract of Printing & Supplying of IEC/BCC Materials & Different Logistics etc. for the year 2025-26". The tender papers with all terms and conditions shall be download from district website i.e. **www.rayagada.odisha.gov.in** from 30.10.2025 to 19.11.2025 and to sent their tender porposal to the CDM & PHO, Rayagada, Baruhola, Dist.: Rayagada, PIN No. - 765002 through Speed Post/Regd. Post only on or before 19.11.2025 by 5.00 P.M. which will be opened on 20.11.2025 at 11.00 A.M. in the presence of the bidders/authorized representatives at the office of undersigned in the office chamber of CDM & PHO, Rayagada. The undersigned reserves the right to reject any or all the tenders without assigning any reason thereof.

OIPR: — Sd./- CDM & PHO, Rayagada

### OFFICE OF THE CDM&PHO, BHADRAK
Letter No. : 14895 — Date : 01.11.2025

**QUOTATION CALL NOTICE**

**No.E-486** : Sealed quotations are invited from interested bidders/suppliers to quote their lowest rate for Selection of NABL Accredited Lab for Quality Testing of Linen & Water (Used especially in Dialysis Centers) Samples at Public Health Institutions of Bhadrak.

Last date of receiving the Quotation is Dt. 24.11.2025 by 5.00 P.M. Opening of the Quotation will be on Dt. 25.11.2025 at 11.00 AM at O/o CDMO&PHO, Bhadrak. The details specification & description is given below:

The details specification & description is enclosed herewith.

Note Below:
- The Quotation will be addressed to O/o - Chief District Medical & Public Health Officer, Bhadrak.
- Bidder/Agency should have valid PAN & GST number & E-mail ID for further communication.
- The Bidder should provide valid Contact number & E-mail ID for further communication.
- No Quotation will be accepted after stipulated date & time Dt. 24.11.2025 by 5.00 P.M.
- The authority reserved the right to cancel all Quotations without assigning any reason thereof.
- Bidder should be ready to supply the indents within 10 days from the date of receipt of work order.
- Rate must be inclusive GST.
- Payment will be made after supply of items in good condition.
- All the above documents should be attached with the Quotation with the sign & seal.
- The rate should be valid for two years from the date of approval of work order.

Sd./- Chief District Medical
& Public Health Officer, Bhadrak

OIPR-

ଉପ-ନିର୍ଦ୍ଦେଶକ (ଭୂତତ୍ତ୍ୱ) କାର୍ଯ୍ୟାଳୟ, ଭୂତଳ ଜଳ ଉନ୍ନୟନ ବିଭାଜନ, ଅନୁଗୋଳ
### OFFICE OF THE DEPUTY DIRECTOR GEOLOGY GROUND WATER DEVELOPMENT DIVISION, ANGUL
At; Tikira Irrigation Colony, Matiasahi, Angul - 759143
Ph.: 06764-319-889, Email: ddgangul.gwd@gmail.com

**INVITATION FOR BIDS (IFB)**

e-Procurement Notice: 899 — Date: 30.10.2025

(Single - Envelope Bidding Process)

No. A-829: Deputy Director Geology, GWD Division, Angul, At: Tikira Irrigation Colony, Matiasahi, Angul - 759143 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/MES/Railways for the construction of works following work.

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal 'www.tendersodisha.gov.in'.

| Sl. No. | Bid Identification No. | Name of the Work | Estimated Cost (in lakhs) |
|---|---|---|---|
| 01 | 10/GWDANG/CHHATA/2025-26 | Construction of 05 Nos. of RRHS in Govt. Buildings of Dhenkanala Urban Area | Rs.18.26 |
| 02 | 11/GWDANG/CHHATA/2025-26 | Construction of 05 Nos. of RRHS in Govt. Buildings of Angul Urban Area | Rs.17.78 |
| 03 | 12/GWDANG/CHHATA/2025-26 | Construction of 05 Nos. of RRHS in Govt. Buildings of Talcher Urban Area | Rs.18.26 |
| 04 | 13/GWDANG/CHHATA/2025-26 | Construction of 05 Nos. of RRHS in Govt. Buildings of Talcher Block Area | Rs.12.97 |

Start date of availability of bid document Online : 04.11.2025 from 11.00 Hrs.
Last date of availability of bid document Online : 17.11.2025 upto 12.00 Hrs.
Last date and time for receipt of bid document : 17.11.2025 upto 12.00 Hrs.
Date & time of opening of bid document : 18.11.2025 from 13.00 Hrs.
Date of Lottery (if required) : will be intimated later

Sd./- Deputy Director Geology
GWD Division, Angul

OIPR:

### OFFICE OF THE NOTIFIED AREA COUNCIL, KODALA
GOVERNMENT OF ORISSA
Odisha, Pin - 761032, e-Mail : nackodala@gmail.com
Lt. No.3051/ Dev / 2025 — **e-NOTICE** — Dated : 31.10.2025

**BID IDENTIFICATION NO. KOD-NAC-11/2025-26**

**No.C-1378** : The Executive Officer, NAC, Kodala on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : REQUEST FOR PROPOSAL (RFP)
2. Number of Work : 01 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10.00 A.M. of Dt.04.11.2025 to 05.00 P.M. of Dt.17.11.2025**
6. Last date and time for receipt of Bid in the Portal : **05.00 P.M. of Dt.17.11.2025**
7. The bid received online shall be opened on **12.30 P.M. of dtd. 18.11.2025**
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal : www.tendersorissa.gov.in

OIPR- — Sd./- Executive Officer, Kodala NAC

NOTICE INVITING TENDER
### OFFICE OF CHIEF CSO/CSO-cum-DISTRICT MANAGER STATE CIVIL SUPPLIES CORPORATION LTD., ODISHA
**District: Subarnapur**

**TENDER No.**

**Binika Block & NAC - 1766/29.10.2025, Birmaharajpur Block - 1762/29.10.2025, Dunguripali Block - 1763/29.10.2025, Sonepur Block & MPL - 1764/29.10.2025, Tarava Block & NAC - 1765/29.10.2025, Ullunda Block - 1761/29.10.2025**

**Cost of Tender Document is Rs.1000/- inclusive of GST for each CLUSTER (through online mode)**

No. CAD-2161: Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From Date: 30.10.2025 at 5.00 P.M. Downloadable from website: **www.tendersodisha.gov.in, https://subarnapur.odisha.gov.in** |
| 2 | Date, time and venue for pre-bid Conference | On Dt.31.10.2025 at 11.30 A.M. in the Conference Hall of Collectorate, Subarnapur |
| 3 | Last date and time for online submission of complete tender documents with enclosures | Through Portal: **www.tendersodisha.gov.in** Upto 5.00 P.M. of Dt.13.11.2025 |
| 4 | Date, time and venue for opening of Technical Bid by the Tender Committe | On Dt. 14.11.2025 at Conference Hall of Collectorate, Subarnapur at 11.30 A.M. |
| 5. | Date, time and venue of submission of original documents in support of scanned copies uploaded in the portal for verification | On Dt.15.11.2025 at 11.30 A.M. onwards At: Conference Hall of Collectorate, Subarnapur |
| 6. | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7. | Language of the Tender | The tender should be prepared by the bidder in English language only. |
| 8. | Help desk Telephone Number | District Manager: 9437068432 Asst. Manager (Accts.): 7092925898 |

N.B.:
1. If the office happens to be closed on the date of opening of tenders, tenders will be opened on the next working day in the same time.

By Order of Collector
Sd./- District Manager
OSCSC Ltd., Subarnapur

OIPR:

GOVERNMENT OF ODISHA — No.A-853
### OFFICE OF THE SUPERINTENDING ENGINEER AUL EMBANKMENT DIVISION, AUL
Dist : Kendrapara, Odisha - 754219, Tel/Fax : 06729-295188, Mail id : aulembankment@gmail.com

**'e' Procurement Notice No. AED-15 OF 2025-26**

1. No. of the work : **52 No. Flood Control & Road works,** 2. Tender Cost : Varies from ₹ 25,33,190.00 to 84,52,722.00, 3. Bid Document Cost : Rs.6000.00 to 10000.00, 4. Bid Security : Varies from Rs.25,400.00 to 84,600.00, 5. Class of Contractor : C & B Class, 6. Period of Completion : Six calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2025-26 To AUL 52 of 2025-26 (52 Nos. work) | **07.11.2025** 10.00 A.M. | **17.11.2025** 5.00 P.M. | **18.11.2025** 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd.05.12.2025 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Aul Embankment Division, Aul

OIPR-

GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA
e-mail : serwsbd2003@yahoo.com
Letter No. : 4090 — Date : 28.10.2025

**2nd Corrigendum**

**No.O-1300** : In continuation to this office Bid Identification No. CCERWCSBD-Online-12/2025-26 invited vide this office Notice No.3084 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice | Time Schedule as per 2nd Corrigendum notice |
|---|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 23.09.2025 up to 5.00 PM | Extended up to 30.10.2025 5.00 P.M. | Extended up to 21.11.2025 5.00 PM |
| 2 | Date and Time of seeking tender clarification if any | 22.09.2025 up to 2.00 PM | 29.10.2025 up to 2.00 P.M. | 20.11.2025 up to 2.00 P.M. |
| 3 | Date & Time of opening of tender (Technical Bid) | 24.09.2025 at 11.00 AM | 31.10.2025 at 11.00 A.M. | 24.11.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭ରେ ରାଜ୍ୟର ୫ ସହରରେ ଉଦ୍‌ଘାଟନହେବ ବନ୍ଦେମାତରମ୍ ଗୀତ

■ ୮ରୁ ୨୬ ଯାଏଁ ସବୁ ବିଧାନସଭା କ୍ଷେତ୍ରରେ ଆୟୋଜନ ହେବ କାର୍ଯ୍ୟକ୍ରମ

■ ଦେଶର ୧୫୦ ସ୍ଥାନରେ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଛି କେନ୍ଦ୍ର

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ରାଷ୍ଟ୍ରଗୀତ ବନ୍ଦେମାତରମ୍‌କୁ ଆସନ୍ତା ୭ ତାରିଖରେ ୧୫୦ ବର୍ଷ ପୂରିବାକୁ ଯାଉଛି। ୧୮୭୫ରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନାକରିଥିଲେ। ଦେଶର ଯୁବବର୍ଗ ମଧ୍ୟରେ ଏହି ଦେଶପ୍ରେମର ଭାବନାକୁ ପୁନର୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅକ୍ଟୋବର ୧ରେ କେନ୍ଦ୍ର କ୍ୟାବିନେଟ୍‌ରେ ଦେଶବ୍ୟାପୀ ରାଷ୍ଟ୍ରଗୀତ ବନ୍ଦେମାତରମ୍‌ର ୧୫୦ ବର୍ଷକୁ ମହାସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ସାହ ସହ ଏହି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛନ୍ତି। ଭାଜପା ପକ୍ଷରୁ ମଧ୍ୟ ଏହି ଗୀତକୁ ସାରା ଦେଶରେ ଧୁମଧାମରେ ପାଳନ କରିବାକୁ ସ୍ଥିରୀକୃତ ହୋଇଛି। ଆସନ୍ତା ୭ ତାରିଖରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସାରା ଦେଶର ୧୫୦ଟି ସ୍ଥାନରେ ହେବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାର ୫ଟି ପ୍ରମୁଖ ସହର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଓ ରାଉରକେଲାରେ ଏହାକୁ ଆୟୋଜନ କରାଯିବ। ଏହାପରେ ୮ରୁ ୨୬ ତାରିଖ ମଧ୍ୟରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଦାସ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି, ଓଡ଼ିଶାର ସମସ୍ତ ଜନତା, ବୁଦ୍ଧିଜୀବୀ, ମା', ଭଉଣୀ ଓ ଛାତ୍ରୀଛାତ୍ର, ଧାର୍ମିକ ଅନୁଷ୍ଠାନ, ଯୁବ ସଙ୍ଗଠନ ବନ୍ଦେ ମାତରମ୍ ଗୀତ ଗାଇ ସ୍ୱଦେଶୀ ସଂକଳ୍ପ ସହ ଦେଶପ୍ରେମର ଭାବନାକୁ ଉଜ୍ଜୀବିତକରି ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ। ୧୯୨୩ରେ କଂଗ୍ରେସ ଏହି ଗୀତ ଗାଇବାକୁ କୁଣ୍ଠାବୋଧ କରିଥିଲା। ଏହାପରେ କଂଗ୍ରେସ ବିଭିନ୍ନ କାର୍ଯ୍ୟକ୍ରମରେ ଉକ୍ତ ଗୀତ ନ ଗାଇବା ପାଇଁ ଆନୁଷ୍ଠାନିକ ଭାବେ ନିଷ୍ପତ୍ତି ନେଇଥିଲା ବୋଲି ସେ କହିଛନ୍ତି।

# ଆନନ୍ଦପୁରରେ ବାଘ ଆତଙ୍କ



ଗ୍ରାମ ନିକଟ ପଡ଼ିଆରେ ପଡ଼ିଥିବା ବାଘ ପାଦଚିହ୍ନ।

**ଆନନ୍ଦପୁର, ୫।୧୧(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ଷଡ଼ଙ୍ଗୀ ଗ୍ରାମରେ ବାଘ ଆତଙ୍କ ଦେଖାଯାଇଛି। ଗ୍ରାମ ନିକଟରେ ବାଘ ପାଦଚିହ୍ନ ଲୋକେ ଦେଖିଥିଲେ। ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଘଟଣା ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିବା କୁହାଯାଇଛି।

ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଗାଁର ଜଣେ ଯୁବକ ଗ୍ରାମରେ ବାଘ ଦେଖିଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପାଦଚିହ୍ନ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ଆନନ୍ଦପୁର ଉପଖଣ୍ଡ ବନ କର୍ମଚାରୀ ଗାଁରେ ପହଞ୍ଚି ଚାଷଜମିରେ ପଡ଼ିଥିବା ପାଦଚିହ୍ନକୁ ଯାଞ୍ଚ କରିଥିଲେ। ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ କରିଥିଲେ। ଆନନ୍ଦପୁରରେ ବାଘର ସ୍ଥିତି ବନ ବିଭାଗ ଜାହିର କରିବା ପରେ ଜଙ୍ଗଲ ନିକଟସ୍ଥ ଗାଁଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆନନ୍ଦପୁର ରେଞ୍ଜର ନବ ନାଏକ କହିଛନ୍ତି, ବାଘକୁ ଷଡ଼ଙ୍ଗୀ ଗ୍ରାମ ନିକଟ ସନ୍ତୋଷପୁର ବିଟ୍ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ହଦଗଡ଼ ଜଙ୍ଗଲ ଆଡ଼କୁ ଯାଉଥିବା ବେଳେ ପଦାଚିହ୍ନକୁ ଅନୁସରଣକରି କର୍ମଚାରୀ ଯାଉଥିବା ସେ କହିଥିଲେ।

# କୋଲ୍ ୱାସେରିରେ ଲିଭୁନି ନିଆଁ



ୱାସେରିରେ ପୋଡିଯାଉଥିବା କୋଇଲା।

■ ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ସମ୍ପତ୍ତି

■ ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ

**ଝାରସୁଗୁଡ଼ା, ୫।୧୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ବନ୍ଧବାହାଲ ଅଞ୍ଚଳର ଗ୍ଲୋବାଲ କୋଲ୍ ୱାସେରିରେ ପ୍ରାୟ ୧ ସପ୍ତାହ ହେବ ନିଆଁ ଲାଗିଛି। ଏଥିରେ ହଜାର ହଜାର ଟନ୍‌ର କୋଇଲା ପୋଡ଼ି ନଷ୍ଟ ହେଉଛି। ଏଥିଯୋଗୁ ସରକାରଙ୍କ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ନିଆଁକୁ ଆୟତ୍ତ କରିବା ପାଇଁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁ ନ ଥିବାବେଳେ ଜିଲା ପ୍ରଶାସନ ମଧ୍ୟ ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଗ୍ଲୋବାଲ କୋଲ୍ ୱାସେରିରେ ଥିବା ବହୁ ହଜାର ଟନ୍ କୋଇଲା କିଛିଦିନ ହେବ ଜଳୁଛି। ଏଥିଯୋଗୁ ସ୍ଥାନୀୟ କୁସ୍ରାଲୋଇ ଓ ଛର୍ଲା ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇଛି। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ୱାସେରିରେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ଅନେକ କମ୍ପାନୀ ରହିଛି। ସେଠାରୁ ନିର୍ଗତ ପାଉଁଶ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗ୍ଲୋବାଲ କୋଲ୍ ୱାସେରିରେ ଯେତେ କୋଇଲା ପୋଡ଼ିଯାଇଛି, ସେଥିରୁ ବାହାରିଥିବା ପାଉଁଶକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କୁଆଡ଼େ ନେଇ ପକାଇବେ, ପୋଡ଼ି ଯାଇଥିବା କୋଇଲାର ମୂଲ୍ୟ କିଏ ଦେବ ତାହାକୁନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏମ୍‌ସିଏଲ୍ ଜିଏମ୍ ଏ. କେ. ପାଣ୍ଡେ ଏବଂ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗ୍ଲୋବାଲ କୋଲ୍ ୱାସେରିର ଏମ୍. ଡି. ପାତ୍ର କହିଛନ୍ତି, କୋଇଲା ସଫା କରିବା ଆମର କାମ। କୋଇଲା ପୋଡ଼ିବା ଘଟଣା ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୁଝିବେ। ଅପରପକ୍ଷେ ଏମ୍‌ସିଏଲ୍‌ର ଇନ୍‌ଚାର୍ଜ ଅଧିକାରୀ ସତ୍ୟଭୂଷଣ ବାରିକ କହିଛନ୍ତି, ୱାସେରିରେ ୨ ପ୍ରକାର କୋଇଲା ରହିଥାଏ। ସେଥିମଧ୍ୟରେ ଗୋଟିଏ ହେଲା ୱାଶ୍ କୋଇଲା ଏବଂ ଅନ୍ୟଟି ରିଜେକ୍ଟ କୋଇଲା। ୱାସେରିରେ ଥିବା ରିଜେକ୍ଟ କୋଇଲା ପୋଡ଼ିଯାଇଛି। ଏହାର କୌଣସି ମୂଲ୍ୟ ନ ଥିବାରୁ ପୋଡ଼ିବାରେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି।

# ନୂଆଦିଲ୍ଲୀରେ କାର୍ତ୍ତିକ ପୂର୍ଣ୍ଣିମା, ବୋଇତ ବନ୍ଦାଣ ଉତ୍ସବ



ଦିଲ୍ଲୀ ହଉଜ୍‌ଖାସସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

**ଭୁବନେଶ୍ୱର, ୫।୧୧ (ସୌମ୍ୟରଞ୍ଜନ ରାଉତ)**

ଶ୍ରୀ ନୀଳାଚଳ ସେବାସଂଘ ପକ୍ଷରୁ ନୂଆଦିଲ୍ଲୀର ହାଉଜ୍‌ଖାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ସହ ବୋଇତ ବନ୍ଦାଣ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀରେ ରହୁଥିବା ଶତାଧିକ ଓଡ଼ିଆ ଏବଂ ଅଣଓଡ଼ିଆ ଲୋକେ ସେମାନଙ୍କ ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହ ସାମିଲ ହୋଇଥିଲେ। ବିଶେଷକରି ବୋଇତ ବନ୍ଦାଣ ଉତ୍ସବକୁ ନେଇ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା। ବଡ଼ି ଭୋର୍‌ରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରି ଦିଅଁଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ଫୁଆରାର ପୋଖରୀ କୂଳରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜା କରାଯାଇଥିଲା। ପରେ ମହିଳାମାନେ ବୋଇତ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍ ଓ ତାଙ୍କ ସ୍ତ୍ରୀ ଅନୁ ସୁଦ୍ ଯୋଗଦେଇଥିଲେ। ମୁଖ୍ୟ ଆୟୋଜକ ତଥା ମନ୍ଦିର ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଆରାଧନା ପାଣିଗ୍ରାହୀ ଓ ଗୋପୀନାଥ ପାଣିଗ୍ରାହୀ ସୁମଧୁର ଭଜନ ପରିବେଷଣ କରିଥିଲେ। ସେବାସଙ୍ଘ ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଉପସଭାପତି ରବି ପାଣି, ଗଜେନ୍ଦ୍ର ସାମନ୍ତ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ଅଭୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣପ୍ରଭା ପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ଚାଷୀଙ୍କ ପଞ୍ଜୀକରଣ, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ତୁରନ୍ତ ଦିଆଯାଉ'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରଗଡ଼ ଏମ୍‌ପି

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ଧାନ ବିକ୍ରିକରିବା ଲାଗି ପଞ୍ଜୀକୃତ ଚାଷୀଙ୍କୁ ଧାନ ବିକ୍ରୟ ଲାଗି ଅନୁମତି ଏବଂ ଅଦିନିଆ ବର୍ଷା କାରଣରୁ ଚାଷୀମାନଙ୍କ ବ୍ୟାପକ କ୍ଷୟକ୍ଷତିକୁ ତଦନ୍ତକରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ବୁଧବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି।

ପ୍ରଦୀପ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ତାଙ୍କ ଲୋକ ସଭା କ୍ଷେତ୍ର ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଧାନ ବିକ୍ରି ପାଇଁ ପାଖାପାଖି ୫ ହଜାର ଚାଷୀଙ୍କ ଧାନ କାର୍ଡ ପଞ୍ଜୀକୃତ ହୋଇପାରିନାହିଁ। ତେଣୁ ଉତ୍ପାଦନ କରିଥିବା ଧାନକୁ ମଣ୍ଡିରେ ବିକ୍ରିକରିବା ପାଇଁ ଏହି ଚାଷୀମାନଙ୍କୁ ସରକାର ପଞ୍ଜୀକୃତ କରିବାରେ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଏହାସହ ବାତ୍ୟା ମୋନ୍ଥା ପାଇଁ ଅଦିନିଆ ବର୍ଷା ଯୋଗୁ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଅନେକ ଚାଷୀଙ୍କ ଅମଳ ହୋଇଥିବା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜିଲାପାଳମାନଙ୍କ ଜରିଆରେ ସରକାରଙ୍କଠାରେ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରାଯାଇଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଚାଷୀଙ୍କୁ କ୍ଷୟକ୍ଷତିର ଇନ୍‌ପୁଟ ସବ୍‌ସିଡି ଯୋଗାଇଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ପ୍ରଦୀପଙ୍କ ଚିଠି ସରକାରଙ୍କୁ ଆଇନା ଦେଖାଇଛି: ବିଜେଡି

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ରାଜ୍ୟର ଚାଷୀମାନେ ପଞ୍ଜୀକରଣ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହାସହ ସେ ତାଙ୍କ ଚିଠିରେ ବାତ୍ୟା ମୋନ୍ଥାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିବାକୁ ଉଲ୍ଲେଖ କରିଛନ୍ତି। ରାଜ୍ୟର ଚାଷୀଙ୍କ ପଞ୍ଜୀକରଣ ସମସ୍ୟାକୁ ନେଇ ବିଜେଡି ସରକାରଙ୍କୁ ପ୍ରଶ୍ନ କରିଆସୁଥିବା ବେଳେ ସରକାର ଏହାକୁ ଅଣଦେଖା କରିଆସୁଥିଲେ। ଏହି ପ୍ରରିପ୍ରେକ୍ଷୀରେ ପ୍ରଦୀପ ପୁରୋହିତଙ୍କ ଚିଠି ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଖରିଫ୍ ଧାନ କିଣା ପାଇଁ ଚାଷୀଙ୍କୁ ପଞ୍ଜୀକରଣ ପାଇଁ କରାଯାଇଥିବା ନିୟମଗୁଡିକ ଅତ୍ୟନ୍ତ ଜଟିଳ ଥିବାରୁ କୃଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିଦ୍ରୋହ ଦେଖାଦେଇଥିଲା। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏବେ ପ୍ରଦୀପଙ୍କ ଚିଠି ସରକାରଙ୍କୁ ଆଇନା ଦେଖାଇଛି ବୋଲି ଲେନିନ୍ କହିଛନ୍ତି।

# ୧୮ ଲକ୍ଷ ନଗଦ ଟଙ୍କା ଜବତ ସୂଚନା

## ଉତ୍କଳ ବିଲ୍ଡର୍ସରେ ଆୟକର ଚଢ଼ାଉ ଜାରି

**ଭୁବନେଶ୍ୱର, ୫।୧୧(ସତ୍ୟଜିତ ରାଉତ)**

ଟିକସ ହେରଫେର ଅଭିଯୋଗରେ ଉତ୍କଳ ବିଲ୍ଡର୍ସର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ବୁଧବାର ଚଢ଼ାଉର ଦ୍ୱିତୀୟ ଦିନରେ ସଂସ୍ଥାର ବିଭିନ୍ନ ସ୍ଥାନରେ ଆୟକର ଅଧିକାରୀମାନେ ଯାଞ୍ଚ ଜାରି ରଖିଥିବା ସୂଚନା ମିଳିଛି। ଏଯାଏ ପ୍ରାୟ ୧୮ ଲକ୍ଷ ଟଙ୍କା ଜବତ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଉତ୍କଳ ବିଲ୍ଡର୍ସର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ ଘର, କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରକଳ୍ପ ଅଫିସ୍ ଆଦି ଆୟକର ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ବିଭିନ୍ନ କାଗଜପତ୍ର, ଟେକ୍ନିକାଲ୍ ଡିଭାଇସ୍ ଆଦି ଯାଞ୍ଚ ଚାଲିଛି। ତେବେ ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱରର ୧୧ଟି ସ୍ଥାନ, କୋଲକାତାର ୪ଟି, ବଡ଼ବିଲ୍ ଓ କଟକ ରହିଥିବା ଜଣାପଡ଼ିଛି। ଗୁରୁବାର ମଧ୍ୟ ଏହି ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି। ଆୟକର ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯିବ ବୋଲି ଜଣାପଡ଼ୁଛି। ବିଭିନ୍ନ ଆର୍ଥିକ ବର୍ଷରେ ଉତ୍କଳ ବିଲ୍ଡର୍ସ ପ୍ରାୟ ୧୦୦ କୋଟି ଟଙ୍କାର ଆୟକର ହେରଫେର କରିଥିବା ଅଭିଯୋଗ ରହିଛି। ମଙ୍ଗଳବାର ସକାଳୁ ଏକକାଳୀନ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବନ୍ଧୁକଧାରୀ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ସୁରକ୍ଷା ଯୋଗାଇ ଦିଆଯାଇଛି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




The massage felt totally professional & comfortable at all times- 7978109255. D-205

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Sambalpur, No.- 1488, date- 13.05.25, I, Nihal Singh, R/o.- Bishnu Mandirpada, P.O./P.S.- Burla, Dist.- Sambalpur, Odisha, PIN- 768017 declare that I have changed my name from Premraj Nial @ Nihal Singh to Nihal Singh. Henceforth, I shall be known as Nihal Singh for all purposes.
Nihal Singh D-2488

By virtue of an affidavit sworn before Notary Public, Attabira, I, Ajit Bhoi, S/o.- Late Baishnaba Bhoi, Resident of Kujapali, P.O.-Kumelsingha, Dist.- Bargarh do hear by declared that in my Aadhar card bearing No.- xxxx xxxx 9156 my name has been mentioned as Ajit Bhoi. I am popularity known in my another name as Niranjan Bhoi which has been mentioned in my RPLI Policy No.- R-OR-EA-322830 of Kumelsingha under Godbhaga, S.O. that Ajit Bhoi and Niranjan Bhoi, S/o.- Late Baishnaba Bhoi, At- Kujapali P.O.- Kumelsingha, Dist- Bargarh is the one and same person for all purposes. D-2489

By virtue of an affidavit sworn before Executive Magistrate, Berhampur, Dated.- 23.09.2025, I, Bibek Badatya, S/o.- Abhimanyu Badatya, At- B Nuagam Sasan, P.O.- B Nuagam, P.S.- Jarada, Dist.- Ganjam, Odisha, 761006, declare that I have changed my name from Ganesh Babdatya to Bibek Badatya. Henceforth, I shall be known as Bibek Badatya for all purposes. D-2490

By virtue of an affidavit vide No.- 4805, dated- 24.10.2025 before the Executive Magistrate, Dasarathpur, I, Sushanta Kumar Behuria, S/o.- Dibakar Behuria, At-Thalkudi, P.O.-Mangalpur as per Aadhaar Card No.- xxxx xxxx 2866. But in my Driving License No.- 6176/0506, my name and my father name is wrongly mentioned as Susanta Kumar Behera, S/o.- Diabkar Behera. I declare that my real name is Sushanta Kumar Behuria, S/o.- Dibakar Behuria and is being used for all purposes. D-2491

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Kanika (Rajkanika), dated- 24.09.2025, I, Dhruba Charan Nayak, S/o.- Ananda Chandra Nayak of Vill.- Baghabuda, P.O./P.S.- Rajkanika, Dist.- Kendrapara, PIN- 754220, Odisha declare that I have changed my name as Trilochan Nayak to which has been recorded in Aadhaar card to Dhruba Charan Nayak. Henceforth, I shall be known as Dhruba Charan Nayak for all purpose.
Dhruba Charan Nayak D-2492

I, Rajlaxmi Panigrahi W/o.- Subrat Kumar Dash and D/o.- Debendra Panigrahi, Resident of E- 404, Shreekhetra Greenwood, P.S.- Bharatpur, Mouza- Shankarpur, Aiginia, Bhubaneswar, Dist.- Khurda, Odisha, PIN- 751019 declare by this affidavit No.- 793, dated- 04.11.2025 that now onwards I shall be known as Rajalaxmi Panigrahi for all future purposes. D-2493

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ହୃଷିକେଶ ଭୁଜବଳ

ନିରଞ୍ଜନପୁର, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା

ଆବିର୍ଭାବ: ୨୯.୦୭.୧୯୫୪

ତିରୋଧାନ: ୨୭.୧୦.୨୦୨୫

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।

◆ ଶୋକ ସନ୍ତପ୍ତ ◆

ରାକେଶ, ଦୀନେଶ, ମୁକେଶ, ବନ୍ଧୁ ଓ ପରିବାର ବର୍ଗ

D-2495

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସାଧବବାଳା ସାହୁ

କୁମାରୀ, ଜାରକା, ଧର୍ମଶାଳା, ଯାଜପୁର

ଆବିର୍ଭାବ: ୦୧।୦୯।୧୯୬୦

ତିରୋଧାନ: ୨୯।୧୦।୨୦୨୫

ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା ଜଣାଉଛୁ।

-:ଶୋକସନ୍ତପ୍ତ:-

ସ୍ୱାମୀ- ମହେଶ୍ୱର ସାହୁ, ଦେଢଶୁର- ଧ୍ରୁବଚରଣ, ଦିଅର- ଚୈତନ୍ୟ, ପୁଅ- ରୋହିତ, ଶଙ୍କର୍ଷଣ, ପୁତୁରା- ଜ୍ୟୋତିପ୍ରକାଶ, ଜୟପ୍ରକାଶ, ସୟଂପ୍ରକାଶ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ସାହୁ ପରିବାର ଓ ବନ୍ଧୁବର୍ଗ।

ଧ-୨୪୯୪

# ପୂରଣ ହେଲାନି ଆଶା


ବାଣୀ କପୁର

ଅଭିନୟ କ୍ଷେତ୍ରରେ ପାଦ ଦେବା ପୂର୍ବରୁ ବାଣୀ କପୁରଙ୍କର ଏକ ଇଚ୍ଛା ଥିଲା। ଭବିଷ୍ୟତରେ ସେ ଜଣେ ବାସ୍କେଟବଲ୍ ଖେଳାଳି ହେବେ ଆଉ ତାହାକୁ କ୍ୟାରିୟର ମଧ୍ୟ କରିବେ। ହେଲେ କ'ଣ ହେବ ? ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା। ଟୁରିଜମ୍ ଆଣ୍ଡ ହସ୍ପିଟାଲିଟି ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିବା ପରେ ସେ ମଡେଲିଂ ଆରମ୍ଭ କରିଥିଲେ। ଆଉ ତା'ପରେ ସତେଯେମିତି ବଲିଉଡ୍ ତାଙ୍କୁ ଅପେକ୍ଷା କରିଥିଲା। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ପ୍ରତିଦିନ କିଛି ସମୟ ଯେମିତି ହେଲେ ବ୍ୟାଡମିଣ୍ଟନ ପ୍ରାକ୍ଟିସ କରୁଥିଲେ। କେବଳ ସେତିକି ନୁହେଁ, ଜାତୀୟସ୍ତରରେ ଆୟୋଜିତ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ଏ ବିଷୟରେ ବାଣୀ କହନ୍ତି, ''ସ୍କୁଲରେ ପଢ଼ିବା ବେଳେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି। ନ୍ୟାଶନାଲ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବା ପରେ ଭବିଷ୍ୟତରେ ଜଣେ ବ୍ୟାଡମିଣ୍ଟନ ଖେଳାଳି ହେବାର ସ୍ୱପ୍ନ ମୋ ମନରେ ଜାଗ୍ରତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ସବୁକିଛି ଓଲଟ ପାଲଟ ହୋଇଗଲା। ମଡେଲିଂ ପରେ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ବାଛିନେଲି। ଏବେ ମୋତେ ସମୟ ମିଳିଲେ ମୁଁ କିଛି ସମୟ ବ୍ୟାଡମିଣ୍ଟନ ଖେଳିଥାଏ।'' ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ' (୨୦୧୮)। 'ଆହା କଲ୍ୟାନମ'ରୁ ତାଙ୍କୁ ତାମିଲ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା।

ଛୋଟ ପରଦା

# ତୁ ଖରା ମୁଁ ଛାଇ

ଗତ ମାସରୁ ଏହି ଧାରାବାହିକର କାହାଣୀରେ ଆସିଥିଲା ନୂଆ ମୋଡ। ଗତିଶୀଳ କାହାଣୀ ଅନୁସାରେ ଏଜେ ଓ ମାନିନୀଙ୍କ ମୃତ୍ୟୁ ପରେ ଅଭି ଓ ମାନି ରୂପରେ ଜନ୍ମ ନେଇଛନ୍ତି। ଆରମ୍ଭରୁ ଦୁଇ ଜଣ ପୂର୍ବ ଜନ୍ମର ଜୀବନ ସାଥୀ ବୋଲି ଜାଣି ପାରୁ ନଥିଲେ ହେଲେ ସମୟକ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ। ସିଏ ଅଭିର ବଡ ଭିଣୋଇ। କିନ୍ତୁ ନିଜ ଶଳାର ସମସ୍ତ ଧନ ସମ୍ପତ୍ତିକୁ ହାତେଇବାକୁ ସେ ଆଖେଇଛି । ସେଥିପାଇଁ ଅଭି ଓ ମାନିର ବାହାଘର ପାଇଁ ସାଜିଛି କଣ୍ଟା। ହେଲେ ଧରା ପଡିଯାଇଛି ରାଘବର ସମ୍ପତ୍ତି ପାଇଁ ସମସ୍ତ ଖେଳ। ଅଭି ଆଉ ମାନିଙ୍କ ଜୀବନ ଯାତ୍ରା ଆଗକୁ ଆହୁରି କଠିନ ହୋଇଛି। କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ। ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି। ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି? କ'ଣ ହେବ ଦିଶାର ଭବିଷ୍ୟତ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ ବର୍ତ୍ତମାନ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ 'ଜୀ ସାର୍ଥକ'ରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' (ସୋମବାର-ଶନିବାର, ସମୟ-ରାତି ୮.୩୦)ର ଆଗକୁ ଆସୁଥିବା ବିଭିନ୍ନ ଏପିସୋଡରେ। ସୂଚନାଯୋଗ୍ୟ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଏହି ଧାରାବାହିକ ପହଞ୍ଚିଛି ୯୦୦ତମ ଏପିସୋଡରେ ।


'ତୁ ଖରା ମୁଁ ଛାଇ' ଧାରାବାହିକରେ ରଞ୍ଜନ-ସ୍ମୃତି

# ଯାହା ଭାବୁଥିଲେ ବିଭୂତି...


ବିଭୂତି ଭୂଷଣ ଜେନା

ଥରେ ମନେ ପକାନ୍ତୁ ନା ସେ ସମୟର ହିଟ୍ ସିନେମା 'ଆରତି', 'କାବେରୀ' ଏବଂ 'ତୁଣ୍ଡ ବାଇଦ'କୁ। ନଗେନ ସାହୁଙ୍କ ସହ ମିଳିତ ଭାବରେ ସେ ଏଗୁଡିକର ପ୍ରଯୋଜନା କରିଥିଲେ। ଏହାବ୍ୟତୀତ ନିଜସ୍ୱ ପ୍ରଯୋଜନାରେ ସେ ୧୯୯୪ରେ ନିର୍ମାଣ କରିଥିଲେ 'ଲୁହ ସାଜେ ଲହୁ' (ଶ୍ରୀରାମ ପଣ୍ଡା, ବୈଶାଳୀ ପରିଡା)। କିନ୍ତୁ ଶୁଟିଂର ଶେଷ ପର୍ଯ୍ୟାୟରେ ଏହାର ନିର୍ଦ୍ଦେଶକ ଶ୍ୟାମଲ ମୁଖାର୍ଜୀଙ୍କ ଶୁଟିଂସେଟ୍‌ରେ ହାର୍ଟ ଆଟାକରେ ମୃତ୍ୟୁ ଯୋଗୁ ଫିଲ୍ମଟି ଅସମ୍ପୂର୍ଣ୍ଣ ହୋଇ ରହିଯାଇଥିଲା। ଆଉ ବେଶ୍ କିଛି ବର୍ଷ ପରେ ସେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇ ସାରିଛନ୍ତି। ସେ ହେଲେ ବିଭୂତି ଭୂଷଣ ଜେନା। ତାଙ୍କ ପ୍ରଯୋଜିତ ଆକ୍ସନଭିତ୍ତିକ ସିନେମା 'ଶମ୍ଭୁ' ନିକଟରେ ରିଲିଜ ହୋଇସାରିଛି। କେବଳ ସେତିକି ନୁହେଁ, ପ୍ରାରମ୍ଭିକ ସ୍ତରରେ ଫିଲ୍ମଟିକୁ ସଫଳତା ମିଳିଛି। ଏହି ଚିତ୍ର ବିଷୟରେ ବିଭୂତି କହନ୍ତି, ''ଆରମ୍ଭରୁ ମୋର ହୃଦ୍‌ବୋଧ ହୋଇଥିଲା ଯେ ମୋ ସିନେମା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଏହି ଫିଲ୍ମର ପ୍ରତିଟି ବିଷୟକୁ ମୁଁ ଭଲ ଭାବରେ ଦୃଷ୍ଟି ଦେଇଥିଲି। ଏପରି କି ଜଣେ ନବାଗତ (ଶୁଭମ)ଙ୍କୁ ଟାଇଟଲ ଭୂମିକାରେ ସାଇନ୍ କରିବା ଛୋଟିଆ ରିସ୍କ ନ ଥିଲା। ଏହାବ୍ୟତୀତ ନିର୍ଦ୍ଦେଶକ ଦିଲୀପ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଦୀପକ କୁମାରଙ୍କ ସହଯୋଗ କୌଣସି ଦୃଷ୍ଟିରୁ କମ୍ ହୋଇନାହିଁ। ଫିଲ୍ମଟିର ସଫଳତାକୁ ନେଇ ମୁଁ ଯାହା ଅନୁମାନ କରିଥିଲି ତାହା ସତରେ ପରିଣତ ହୋଇଛି। ଏବେ 'ଶମ୍ଭୁ'ର ସିକୁଏଲ ନିର୍ମାଣ କରିବାକୁ ଚିନ୍ତା କରୁଛି।''

# ସାର୍ କହିବେ ମନ କଥା

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର। ଗୁରୁ ସାକ୍ଷାତ ପରମବ୍ରହ୍ମ ତସ୍ମୈଶ୍ରୀ ଗୁରବେଃ ନମଃ। ସମସ୍ତଙ୍କ ଜୀବନରେ ଗୁରୁଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେବେ ଶିକ୍ଷାଦାନ ବ୍ୟତୀତ ଚରିତ୍ର ଗଠନରେ ସାହାଯ୍ୟ କରୁଥିବା ଗୁରୁ ବା ସାର୍‌ଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ସାର୍'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ସମରେଶ ରାଉତରାୟ। ଫିଲ୍ମଟି ଚଳିତ ମାସ ୧୪ ତାରିଖରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାହାଣୀ ଅନୁସାରେ ଅଗଣି ମହାନ୍ତି ଜଣେ ଶିକ୍ଷକ। ସ୍କୁଲକୁ ଆସୁ ନ ଥିବା ପିଲା କିମ୍ବା ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ମଣିଷ କରିବାକୁ ସେ ଲାଗିପଡନ୍ତି। ସମୟକ୍ରମେ ଦୁଇ ଜଣ-ରମେଶ ଛୋଟରାୟ ଏବଂ ମୁରଲୀ ନାୟକ ତାଙ୍କ ପାଖରୁ ପାଠ ପଢ଼ି ଭଲ ଚାକିରି କରନ୍ତି। ହେଲେ ପରବର୍ତ୍ତୀ ସମୟରେ ସାର୍‌ଙ୍କୁ ଖୋଜିବାକୁ ଯାଆନ୍ତି। ଆଉ ସେତବେଳକୁ ଅଗଣି ସାର୍ କିପରି ଅବସ୍ଥାରେ ଥାଆନ୍ତି ଏବଂ ଏହି ଦୁଇ ଜଣ ତାଙ୍କୁ କିପରି ସାହଯ୍ୟ କରନ୍ତି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଅଭିଷେକ ରଥ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଡା. କମଳ ଲୋଚନ ସାହୁ। କେବଳ ସେତିକି ନୁହେଁ, ସେ ଏହାର କାହାଣୀ ରଚନା କରିବା ସହ ସଂଳାପ ମଧ୍ୟ ଲେଖିଛନ୍ତି। ଗୀତଗୁଡିକୁ ସ୍ୱର ସଂଯୋଜନା କରିଛନ୍ତି ଆରୋହୀ ଅଜିତା। ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଦ୍ୱିପନ୍ୱିତ ଦାସମହାପାତ୍ର, ସସ୍ମିତା ମହାନ୍ତି, ମିଲି ମିଶ୍ର, ସୁଶୀଲ ମିଶ୍ର, ନୀଳମଣି ସାହୁ, ରିଷି ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି ଏବଂ ଶିଶୁ କଳାକାର ୟଶ କ୍ରିଷ୍ଣା।


'ସାର୍' ଫିଲ୍ମରେ ଅଭିଷେକ-ଆର୍ଲିନ

# କେବଳ ଆକ୍ସନ


ଶୁଟିଂ ସମୟରେ ନିର୍ଦ୍ଦେଶକ ସୁଧାଂଶୁ ସାହୁ(ବାମ)ଙ୍କ ସହ ପ୍ରେମ ପରିଜା

ଓଡ଼ିଆ ସିନେମାରେ ଆଉ ଏକ ଆକ୍ସନ ଭିତ୍ତିକ ସିନେମା ନିର୍ମିତ ହୋଇଛି। ଏହାର ପ୍ରଯୋଜନା କରିଛନ୍ତି ଅନ୍ୟତମ ଆଗଧାଡିର ପ୍ରଯୋଜକ ପ୍ରୀତମ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ଖାସ୍ କଥା ହେଲା ପ୍ରୀତମଙ୍କ ଦ୍ୱାରା ପ୍ରଯୋଜିତ ତଥା ହିଟ୍ ସାବ୍ୟସ୍ତ ହୋଇଥିବା 'କଟକ : ଶେଷରୁ ଆରମ୍ଭ' ପରି ଏଥିରେ ମଧ୍ୟ ଦର୍ଶକ ଆକ୍ସନର ଭରପୂର ମଜା ନେବେ । ତା' ସହ କାହାଣୀରେ ପାରିବାରିକ ଛିଟା ମଧ୍ୟ ରହିଛି। ଏହି ନୂଆ ସିନେମାଟିର ଟାଇଟଲ ହେଉଛି 'ରାମ ରାଜ୍ୟ'। ଏହାର ନାୟକ ଚରିତ୍ରରେ ଅଭିନୟ କରୁଛନ୍ତି ନବାଗତ ପ୍ରେମ ପରିଜା। ମୁମ୍ବାଇର ରୋହିତ ରାୟ, କନିକା ମାନ୍‌ଙ୍କ ବ୍ୟତୀତ ଅଭିଷେକ ପଣ୍ଡା, ପୁନମ ମିଶ୍ର, ଜ୍ୟୋତି ମିଶ୍ର ଏବଂ ଏକ ବିଶେଷ ଭୂମିକାରେ ପ୍ରଯୋଜକ ପ୍ରୀତମଙ୍କୁ ଦେଖିବାକୁ ମିଳିବ। ତେବେ ଆକ୍ସନ-ପ୍ୟାକ୍‌ଡ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ସୁଧାଂଶୁ।

# ସେହି ତିନି ମାସ...

ଆଲିୟା ଭଟ୍ଟ ଜଣେ ଶିଶୁ କଳାକାର ଭାବରେ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାବେଳ ଭୂମିକାରେ ଦେଖାଦେଇଥିଲେ। କିନ୍ତୁ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ହେଲେ ଏହି ସମୟରେ ତାଙ୍କର ବାଧକ ସାଜିଥିଲା ଓଜନ। ମାତ୍ର ତିନି ମାସ ମଧ୍ୟରେ ସେ ନିଜ ଓଜନ୧୬ କିଗ୍ରା କମାଇଥିଲେ। ହେଲେ ଆଉ ଏକ କଥା ଜାଣନ୍ତି ? ଯେତେବେଳେ ସେ ଏହାର ଅଡିଶନ ଦେବାକୁ ଗଲେ ସେତେବେଳେ ସେ ନିଜ ସ୍କୁଲ ୟୁନିଫର୍ମ ପିନ୍ଧିଥିଲେ। ନିଜର ଓଜନ ମିଶନ ବିଷୟରେ ଆଲିୟା କହନ୍ତି, ''ସତରେ ସେହି ତିନି ମାସ ସତେ ଯେମିତି ମୋ ପାଇଁ ଏକ ଅଗ୍ନି ପରୀକ୍ଷା ଥିଲା। କାରଣ ମୋତେ ସୀମିତ ସମୟ ଭିତରେ ୧୬ କିଗ୍ରା ଓଜନ କମାଇବାକୁ ପଡିବ। ଯାହାହେଉ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ମୋର ଏହି ମିଶନ ସଫଳ ହୋଇଥିଲା। ପିଲାଦିନେ ନିଜ ଲିପଷ୍ଟିକ୍‌କୁ ଖାଇବା ତାଙ୍କର ଏକ ଅଭ୍ୟାସ ଥିଲା।


ଆଲିୟା ଭଟ୍ଟ

# କାହିଁକି ରାଜି ହୋଇ ନ ଥିଲେ ଜାହ୍ନବୀ

ବୋନି ତନୟା ଜାହ୍ନବୀ କପୁରଙ୍କ ବଲିଉଡ୍ କ୍ୟାରିୟର 'ଧଡକ୍'ରୁ ଆରମ୍ଭ ହୋଇଥିଲା। ତାଙ୍କ ସହ ଆଉ ଜଣେ ନବାଗତ ଇଷାନ ଖଟ୍ଟର ମଧ୍ୟ ନିଜର ଆକ୍ଟିଂ କ୍ୟାରିୟର ଏଥିରୁ ଆରମ୍ଭ କରିଥିଲେ। ୨୦୧୮ରୁ ଜାହ୍ନବୀଙ୍କ ପ୍ରଥମ ସିନେମା ପରଦା ଉପରକୁ ଆସିଥିଲା। କିନ୍ତୁ ଏହାପୂର୍ବରୁ ରୋହିତ ସେଟ୍ଟୀଙ୍କ 'ଶିମ୍ବା' ଫିଲ୍ମରେ ନାୟିକା ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। ହେଲେ ଏହାକୁ ପ୍ରତ୍ୟାଖାନ କରିଥିଲେ ଏହି ଅଭିନେତ୍ରୀ। ଆଉ ତା' ପଛରେ ତ ନିଶ୍ଚୟ କିଛି କାରଣ ଥିବ। ଏ ବିଷୟରେ ଜାହ୍ନବୀ କହନ୍ତି, ''ମୁଁ ଯେତେବେଳେ 'ଧଡକ' ସିନେମାର ଶୁଟିଂରେ ବ୍ୟସ୍ତ ଥିଲି ସେତେବେଳେ ମୋତେ 'ଶିମ୍ବା'ରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା। କିନ୍ତୁ ପ୍ରାରମ୍ଭରୁ ମୁଁ ରଣବୀର ସିଂଙ୍କ ସହ ଅଭିନୟ କରିବାକୁ ଇଚ୍ଛା କରି ନ ଥିଲି। ତେଣୁ ରୋହିତ ସେଟ୍ଟୀଙ୍କ ଭଳି ନିର୍ଦ୍ଦେଶକଙ୍କ ସହ ପ୍ରଥମ ଥର ପାଇଁ କାମ କରିବା ସୁଯୋଗ ହାତରୁ ଖସି ଯାଇଥିଲା। ଅବଶ୍ୟ ସେଭଳି ନିଷ୍ପତ୍ତି ମୋତେ ଟିକେ ଦୁଃଖ ଦେଇଥିଲା, କିନ୍ତୁ ତା'ବ୍ୟତୀତ ଆଉ କିଛି କରିବାର ନ ଥିଲା।'' ଯେତେବେଳେ ଜାହ୍ନବୀ ସ୍କୁଲରେ ପଢୁଥିଲେ ସେତେବେଳେ ସେ ଯେଉଁ ୱାଟର ବଟଲ ବ୍ୟବହାର କରୁଥିଲେ ତାହାର ରଙ୍ଗ ପିଙ୍କ୍ ଥିଲା ଏବଂ ସେଥିରେ 'ଟୁସ୍କି' ଲେଖା ଯାଇଥିଲା।


ଜାହ୍ନବୀ

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୬/୨୦୨୫ Bhubaneswar, Thursday, November 6/ 2025

# ଭାରତ ପାଇଁ ସିରିଜ୍ ଅଗ୍ରଣୀ ସୁଯୋଗ


ଅଭ୍ୟାସ ଅବସରରେ ବରୁଣ ଚକ୍ରବର୍ତ୍ତୀ।

## ଚତୁର୍ଥ ଟି୨୦ ଆଜି

**କାରାରା (ଗୋଲ୍ଡକୋଷ୍ଟ), ୫।୧୧(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଚଳିତ ଟି୨୦ କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଏବେ ୧-୧ ସ୍ଥିତିରେ ଅଛି। ତୃତୀୟ ଟି୨୦ ଜିତି ଭାରତୀୟ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଅନ୍ୟପକ୍ଷରେ ତାରକା ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଅଷ୍ଟ୍ରେଲିଆ ଅପେକ୍ଷାକୃତ ଦୁର୍ବଳ ମନେହେଉଛି। ତେଣୁ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। ଗତ ମ୍ୟାଚରେ ଜୋଶ୍ ହାଜେଲଉଡ୍ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। କାରଣ ୧୮୬ ରନ୍‌କୁ ଡିଫେଣ୍ଡ କରିବାକୁ ଭାରତ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲା। ପରବର୍ତ୍ତୀ ମ୍ୟାଚରେ ମଧ୍ୟ ସେ ଖେଳିବେ ନାହିଁ। ସେହିପରି ୪ର୍ଥ ଗେମ୍‌ରେ ତାରକା ବ୍ୟାଟର ଟ୍ରାଭିସ୍ ହେଡ୍ ଖେଳିବେ ନାହିଁ। ଆଶେସ୍ ସିରିଜ୍‌ଲାଗି ପ୍ରସ୍ତୁତ ହେବା ପାଇଁ ସେ ଶେଫିଲ୍ଡ ଶିଲ୍ଡ ମ୍ୟାଚ ଖେଳିବେ। ତେଣୁ ବିପକ୍ଷ ଦଳର ଦୁଇ ତାରକା ଖେଳାଳିଙ୍କ ଅନୁପସ୍ଥିତି ନିଶ୍ଚିତ ଥିବାରୁ ଭାରତ ୨-୧ରେ ସିରିଜ୍ ଅଗ୍ରଣୀ ନେବା ସମ୍ଭାବନା ବଢ଼ିଛି।

ତୃତୀୟ ଟି୨୦ରେ ଭାରତ ଏପରି କମ୍ବିନେଶନରେ ଖେଳିଥିଲା ଯେ ୮ ନମ୍ବରରେ ମଧ୍ୟ ଭଲ ଅଲ୍‌ରାଉଣ୍ଡର ରହିଥିଲେ। କେବଳ ଶୁବମନ ଗିଲ୍‌ଙ୍କ ଫର୍ମ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚିନ୍ତାର କାରଣ ରହିଛି। ଗତ ୬ଟି ମ୍ୟାଚ୍‌ରେ ସେ ଅର୍ଦ୍ଧଶତକଟିଏ ମଧ୍ୟ ହାସଲ କରିପାରି ନାହାନ୍ତି। ଦିନିକିଆ ସିରିଜ୍‌ର ୩ଟି ମ୍ୟାଚ୍ ଏବଂ ୩ଟି ଟି୨୦ରେ ସେ ଏପର୍ଯ୍ୟନ୍ତ ଯଥାକ୍ରମେ ୧୦, ୯, ୨୪, ୩୭*, ୫ ଓ ୧୫ ରନ୍ କରିଛନ୍ତି। କେବଳ କାନ୍‌ବେରାରେ ସେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ଭାଗୀଦାରି ଅବସରରେ ଭଲ ଟଚ୍‌ରେ ଥିବାର ନଜରକୁ ଆସିଥିଲା। ଗିଲ୍ ଫୁଲ୍ ଲେଙ୍ଥ ବଲ୍‌କୁ ଖେଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିନାହାନ୍ତି। ଯୁବ ଓପନର ଅଭିଷେକ ଶର୍ମା କିନ୍ତୁ ନିଜ ନଂ.୧ ର୍‍ୟାଙ୍କ୍‌କୁ ପ୍ରମାଣିତ କରିବାରେ ସକ୍ଷମ ହୋଇଛନ୍ତି। ସେ ଗୋଟିଏ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ସହ ୨ଥର ଭାରତକୁ ଦ୍ରୁତ ଆରମ୍ଭ ଦେବାରେ ସକ୍ଷମ ହୋଇଛନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପ୍ରଥମ ଓ ତୃତୀୟ ମ୍ୟାଚ୍‌ରେ ଭଲ ଖେଳିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଲାଗି ପ୍ରସ୍ତୁତ ହେବାକୁ କୁଲଦୀପ ଯାଦବଙ୍କୁ ଦଳରୁ ରିଲିଜ୍ କରାଯାଇଥିଲେ ମଧ୍ୟ ଅର୍ଶଦୀପ ସିଂଙ୍କ ସାମିଲ ଯୋଗୁ ଭାରତୀୟ ବୋଲିଂ କମ୍ବିନେଶନ ଅଧିକ ପ୍ରଭାବୀ ମନେହେଉଛି। କୁଲଦୀପ ଓ ଅର୍ଶଦୀପଙ୍କୁ ଏକାଠି ଖେଳାଇବାରେ ଟିମ୍ ମ୍ୟାନେଜ୍‌ମେଣ୍ଟ ସବୁବେଳେ ଅସୁବିଧାର ସମ୍ମୁଖୀନ ହୋଇଆସିଛି। ଯଦି ଏପରି କଣ୍ଡିଶନରେ କୁଲଦୀପ ଖେଳିଥାନ୍ତେ ତେବେ ବ୍ୟାଟିଂ ଦକ୍ଷତା ରଖିଥିବା ହର୍ଷିତ ରାଣାଙ୍କୁ ସୁଯୋଗ ମିଳିଥାନ୍ତା। ଏବେ ଅର୍ଶଦୀପ ଖେଳୁଥିବାରୁ ୱାଶିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଛି।

ଅନ୍ୟପକ୍ଷରେ କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆ ଦଳ ଅଧିନାୟକ ମିଚେଲ ମାର୍ଶ ଓ ଟିମ୍ ଡାଭିଡ୍‌ଙ୍କ ବ୍ୟାଟିଂ ଦକ୍ଷତା ଉପରେ ଅଧିକ ନିର୍ଭର କରିବ। ହେଡ୍‌ଙ୍କ ଅନୁପସ୍ଥିତିରେ ମାର୍ଶଙ୍କ ଓପନିଂ ପାର୍ଟନର ମାଥ୍ୟୁ ଶର୍ଟ ହୋଇପାରନ୍ତି। ବୋଲିଂ ବିଭାଗରେ ଯୁବ ଖେଳାଳିଙ୍କୁ ଦକ୍ଷତା ଦେଖାଇବାକୁ ପଡ଼ିବ। ସିଅନ ଆବଟ ନ ଥିବାରୁ ବେନ୍ ଡ୍ୱାରଶୁଇସ କିମ୍ବା ମାହିଲ ବେର୍ଡମ୍ୟାନ ତାଙ୍କ ସ୍ଥାନ ନେଇପାରନ୍ତି।

**ସମୟ: ଅପରାହ୍ଣ ୧.୪୫ ମିନିଟ୍**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**


ନୂଆଦିଲ୍ଲୀରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ ବିଜୟୀ ଭାରତୀୟ ଦଳ।

# ଭାରତୀୟ ମହିଳା କ୍ରିକେଟ ଦଳକୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୫।୧୧(ପି.ଟି.):** ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ମୁଖ୍ୟ କୋଚ୍ ଅମୋଲ ମଜୁମଦାର ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ କଡ଼ା ସୁରକ୍ଷା ମଧ୍ୟରେ ସନ୍ଧ୍ୟା ପ୍ରାୟ ୫ଟାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଲା। ଦୁଇ ଦିନ ପୂର୍ବେ ଏହି ବୈଠକ ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ ବିସିସିଆଇ ଲୋଗୋ ରହିଥିବା ନେଭି ବ୍ଲୁ ବ୍ଲେଜର୍ସ ଓ କ୍ରିମ ଟାଉଜର ପିନ୍ଧିଥିଲେ। ଭାରତ ପାଇଁ ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ରନ କରିଥିବା ପ୍ରତୀକା ରାଓ୍ୱଲ ହ୍ୱିଲ-ଚେୟାରରେ ପହଞ୍ଚିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଟୁର୍ନାମେଣ୍ଟରେ କଷ୍ଟକର ଆରମ୍ଭ ସତ୍ତ୍ୱେ ଭାରତୀୟ ମହିଳା ଦଳ ପ୍ରଦର୍ଶିତ କରିଥିବା ଧୈର୍ଯ୍ୟ ଓ ଦୃଢତାକୁ ପ୍ରଶଂସା କରିଥିଲେ। ମୁଖ୍ୟତଃ ଲଗାତର ୩ ପରାଜୟ ପରେ ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂକୁ ଭାରତୀୟ ଦଳ ଯେଉଁ ଭଳି ନିୟନ୍ତ୍ରଣ କରିଥିଲା ଓ ଦଳର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ସେହିଭଳି ଭାରତୀୟ ଖେଳାଳିମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେମାନଙ୍କ ହସ୍ତାକ୍ଷର ଥିବା ଭାରତୀୟ କ୍ରିକେଟ୍ ଦଳର ଜର୍ସି ଉପହାରରେ ଦେଇଥିଲେ।

## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଗତ ରବିବାର ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟଫର ଲକ୍ସନ ଅଭିନନ୍ଦନ ଜଣାଇଛନ୍ତି। ନ୍ୟୁଜିଲାଣ୍ଡ ମହିଳା ଦଳ ଟ୍ରଫି ଉଠାଇପାରି ନ ଥିବାରୁ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ଓ ଫାଇନାଲରେ ଭାରତକୁ ସମର୍ଥନ କରୁଥିଲେ। ୫୫ ବର୍ଷୀୟ ଲକ୍ସନ ଭାରତୀୟ ମହିଳା ଦଳକୁ ବିଶ୍ୱସ୍ତରୀୟ ବୋଲି ଅଭିହିତ କରିଛନ୍ତି।

# ଭାରତୀୟ ଦଳକୁ ଫେରିଲେ ପନ୍ତ

**ନୂଆଦିଲ୍ଲୀ, ୫।୧୧(ପି.ଟି.)**

ଆସନ୍ତା ୧୪ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହେବାକୁଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ବୁଧବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଶା ଅନୁଯାୟୀ ଷ୍ଟାର ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହେଲେ ସିନିୟର ପେସର ମହମ୍ମଦ ଶାମିଙ୍କୁ ପୁଣିଥରେ ଅଣଦେଖା କରାଯାଇଛି।

ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ର ଚତୁର୍ଥ ଟେଷ୍ଟରେ ପନ୍ତଙ୍କ ପାଦ ଫ୍ରାକ୍‌ଚର ହୋଇଥିଲା। ଏଥିଯୋଗୁ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ସେ ଉପଲବ୍ଧ ନ ଥିଲେ। ରିକଭର କରିବା ପରେ ୨୬ ବର୍ଷୀୟ ପନ୍ତ ନିକଟରେ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ମ୍ୟାଚ୍‌ରେ ଭାରତ ଏ' ଦଳର ନେତୃତ୍ୱ ନେବା ସହ ଦ୍ୱିତୀୟ ଇନିଂସ୍‌ରେ ୯୦ ରନ୍‌ର ଇନିଂସ୍ ଖେଳିଥିଲେ। ସେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଦଳରେ ଏନ୍. ଜଗଦୀଶନ୍‌ଙ୍କ ସ୍ଥାନ ନେଇଛନ୍ତି। ବେଙ୍ଗଲ ପେସର ଆକାଶ ଦୀପ ମଧ୍ୟ ଦଳକୁ ଫେରିଛନ୍ତି। ସେ କାନ୍ଧଜନିତ ଆହତ ସମସ୍ୟାରୁ ରିକଭର କରିବା ପରେ ଇରାନୀ ଟ୍ରଫି ଓ ରଣଜୀ ଟ୍ରଫି ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ଗୁରୁବାରଠାରୁ ବେଙ୍ଗାଲୁରୁରେ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷରେ ହେବାକୁଥିବା ଦ୍ୱିତୀୟ ୪ ଦିନିଆ ମ୍ୟାଚ୍‌ରେ ସେ ଭାରତ ଏ' ପାଇଁ ଖେଳିବେ। ଭାରତୀୟ ପେସ୍ ଆଟାକ୍‌ରେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ରହିଥିବା ବେଳେ ଭେଟେରାନ୍ ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବିଭାଗ ସମ୍ଭାଳିବେ। ସିରିଜ୍‌ର ପ୍ରଥମ ଟେଷ୍ଟ ଆସନ୍ତା ୧୪ ତାରିଖରୁ କୋଲ୍‌କାତାରେ ଓ ଦ୍ୱିତୀୟ ଟେଷ୍ଟ ୨୨ ତାରିଖରୁ ଗୁଆହାଟୀରେ ଖେଳାଯିବ।

ଅନ୍ୟପକ୍ଷରେ ରଣ୍‌ଜୀ ଟ୍ରଫିରେ ଗତ ୩ ମ୍ୟାଚ୍‌ରେ ବେଙ୍ଗଲ ପାଇଁ ଭଲ ପ୍ରଦର୍ଶନ କରିଥିବା ଶାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ। ୩୫ ବର୍ଷୀୟ ପ୍ରିମିୟର ପେସର ଗତ ୩ ମ୍ୟାଚ୍‌ରେ ୯୩ ଓଭର ବୋଲିଂ କରି ୧୫ ଉଇକେଟ ନେଇଛନ୍ତି। ଏହାସତ୍ତ୍ୱେ ତାଙ୍କୁ ଦଳରେ ନିଆଯାଇନାହିଁ। ଏତଦ୍ ବ୍ୟତୀତ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ତିଲକ ବର୍ମାଙ୍କ ନେତୃତ୍ୱରେ ଭାରତ ଏ' ଦଳ ଘୋଷଣା କରାଯାଇଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ରାଜକୋଟରେ ଆସନ୍ତା ୧୩, ୧୬ ଓ ୧୯ ତାରିଖରେ ଖେଳାଯିବ।


ରିଷଭ ପନ୍ତ

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ୍, କୁଲଦୀପ ଯାଦବ ଓ ଆକାଶ ଦୀପ।

**ଭାରତ ଏ' ଦିନିକିଆ ଦଳ:** ତିଲକ ବର୍ମା(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପ ଅଧିନାୟକ), ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିଶାନ, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପ୍ରଜ ନିଗମ, ମାନବ ସୁଥାର, ହର୍ଷିତ ରାଣା, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ ଓ ପ୍ରଭସିମରନ୍ ସିଂ।

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଅକ୍ସନ ଆଜି

**ଭୁବନେଶ୍ୱର, ୫।୧୧(ତପନ ସ୍ୱାଇଁ)**

- ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ପଞ୍ଜୀକୃତ
- ଓଡ଼ିଶାର ୯୦ ଖେଳାଳି ସାମିଲ

ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ଅକ୍ସନ (ଖେଳାଳି ନିଲାମ) ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍ଏଫ୍)ର ଯୁଗ୍ମ ଆୟୋଜନରେ ଏହି ସମ୍ମାନଜନକ ଲିଗ୍ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫ୍ରାଞ୍ଚାଇଜ୍ ଫର୍ମାଟରେ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଚଳିତବର୍ଷ ଟାଇଟଲ ପାଇଁ ୧୨ଟି ଦଳ ମଧ୍ୟରେ ଲଢ଼େଇ ହେବ। ଅକ୍ସନ ସମୟରେ ଖେଳାଳି, ପ୍ରାୟୋଜକ ଏବଂ ଆୟୋଜକମାନେ ଉପସ୍ଥିତ ରହିବେ ବୋଲି ଇଭେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଅକ୍ସନ ଅବସରରେ ପଦ୍ମଶ୍ରୀ ଇଦା ବାଗୁସ ପୁତ୍ରା ମୁନାବା ମୁଖ୍ୟ ଅତିଥି ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ପରିଚାଳନା ମୁଖ୍ୟ ଅଜିତ୍ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଏବଂ ନିଲାମକାରୀ ଅଙ୍କିତ୍ କୁମାର ଦଲାଲ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀଙ୍କ ସମେତ ଏପର୍ଯ୍ୟନ୍ତ ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ନାମ ପଞ୍ଜୀକୃତ କରିସାରିଛନ୍ତି। ଏହା ମଧ୍ୟରେ ୯୦ ଜଣ ଓଡ଼ିଶା ଖେଳାଳି ସାମିଲ। ୧୨ଟି ଫ୍ରାଞ୍ଚାଇଜ୍ ଦଳରେ ୮ ଜଣ ଲେଖାଏ ଖେଳାଳି ରହିବେ। ପ୍ରତି ମ୍ୟାଚ୍‌ରେ ୬ ଜଣ ଖେଳିବେ ଏବଂ ଅବଶିଷ୍ଟ ୨ ଖେଳାଳି ଷ୍ଟାଣ୍ଡବାଇ ରହିବେ ବୋଲି ଦେବବ୍ରତ ସୂଚନା ଦେଇଛନ୍ତି।

# ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ଉମେଦ ଏକକ ଅଗ୍ରଣୀ

**ଭୁବନେଶ୍ୱର, ୫।୧୧(ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କୋର୍ସ (ବିସିଜି)ଠାରେ ଚାଲିଥିବା ପିଜିଟିଆଇ ନେକ୍ସଟଜେନ୍ସ 'ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ'(ଡିଟିଆଇଜିଟି)ର ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ଉମେଦ କୁମାର ଟୁ-ଅଣ୍ଡର ୭୦ ପାର୍ ସହ ୩ ଶଟ୍‌ରେ ଅଗ୍ରଣୀଲାଭ କରିଛନ୍ତି। ପ୍ରଥମ ରାଉଣ୍ଡ ଶେଷରେ ଯୁଗ୍ମ ଅଗ୍ରଣୀଥିବା ହରିୟାଣାର ଉମେଦ (୬୭-୭୦) ଦ୍ୱିତୀୟ ରାଉଣ୍ଡ ଶେଷବେଳକୁ ସେଭେନ-ଅଣ୍ଡର ୧୩୭ ପାର୍ ସ୍କୋର ସହ ଚଳିତ ସିଜନରେ ନିଜର ଦ୍ୱିତୀୟ ନେକ୍ସଟ୍‌ଜେନ ଟାଇଟଲ ହାସଲ ଆଶା ଉଜ୍ଜୀବିତ କରିଛନ୍ତି। ପୂର୍ବଦିନ ଅନ୍ୟତମ ଯୁଗ୍ମ ଅଗ୍ରଣୀଥିବା ଦିଭେଶ ରାଣା (୬୭-୭୩) ଦ୍ୱିତୀୟ ରାଉଣ୍ଡ ଶେଷସୁଦ୍ଧା ଫୋର୍-ଅଣ୍ଡର ୧୪୦ ପାର୍ ସ୍କୋର ସହ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ସଞ୍ଜୀବ କୁମାର (୭୨-୬୯) ୪ଟି ସ୍ଥାନ ଉପରକୁ ଉଠି ଏବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ମୋଟ ସ୍କୋର ଥ୍ରୀ-ଅଣ୍ଡର ୧୪୧ ପାର୍ ରହିଛି। ଏଥିରେ ଅଂଶଗ୍ରହଣ କରିଥିବା ସ୍ଥାନୀୟ ପେସାଦାର ଖେଳାଳିଙ୍କ ମଧ୍ୟରେ ଅଙ୍କିତ୍ ପାଢ଼ୀ ଓ ଅଜୟ କୁମାର ସାହୁ ଫାଇଭ୍-ଅଣ୍ଡର ୧୪୯ ପାର୍ ସହ ମିଳିତଭାବେ ୨୬ତମ ସ୍ଥାନରେ ରହିଛନ୍ତି। ୨୪ ବର୍ଷୀୟ ଉମେଦ ନେକ୍ସଟ୍‌ଜେନ୍‌ର ଅଣ୍ଡର ଅଫ୍ ମେରିଟ୍‌ରେ ଦ୍ୱିତୀୟ ସ୍ଥାନରେ ଥିବାରୁ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ପାଇଁ ପ୍ରମୁଖ ଦାବିଦାର ପାଲଟି ଯାଇଛନ୍ତି। ସଞ୍ଜୀବ କୁମାର ବର୍ତ୍ତମାନ ନେକ୍ସଟଜେନ୍ ଅଣ୍ଡର ଅଫ୍ ମେରିଟ୍‌ର ପ୍ରଥମ ସ୍ଥାନରେ ରହିଛନ୍ତି। ଗୁରୁବାର ଅନ୍ତିମ ଦିବସରେ ଶୀର୍ଷସ୍ଥାନ ପାଇଁ ଦୁହେଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରକାଶଯୋଗ୍ୟ, ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ(ପିଜିଟିଆଇ) ଅନୁମୋଦିତ ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରଥମ ପେସାଦାର ଗଲ୍ଫ ଟୁର୍ନାମେଣ୍ଟର ମାନ୍ୟତା ଲାଭ କରିଛି। ଏହି ପ୍ରତିଯୋଗିତା ଲାଗି ୨୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ରଖାଯାଇଛି।

## ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ



ଦ୍ୱିତୀୟ ରାଉଣ୍ଡରେ ଶଟ୍ ଖେଳିବା ଅବସରରେ ଉମେଦ କୁମାର।

# ଅଭିମନ୍ୟୁ-ସୂରଜ ଯୋଡ଼ି ପ୍ରଥମ

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

## ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା

ସ୍ୱଚ୍ଛ, ସୁସ୍ଥ ଓ ସବୁଜ ମହାନଦୀ ବାର୍ତ୍ତା ନେଇ ପ୍ରତିବର୍ଷ ଭଳି ଚଳିତଥର ସୋନପୁର ସହର ତେନ୍ତୁଳିଘାଟସ୍ଥିତ ଭାଗବତ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତା ବୁଧବାର ଆୟୋଜିତ ହୋଇଥିଲା। ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ଆୟୋଜିତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ, ବୌଦ୍ଧ ଓ ଅନୁଗୋଳ ଭଳି ଜିଲାରୁ ୪୦ ଯୋଡି ପ୍ରତିଯୋଗୀ ଭାଗ ନେଇଥିଲେ। ସୁବର୍ଣ୍ଣପୁର ସହରର ଅଭିମନ୍ୟୁ ବେହେରା ଓ ସୁରଜ ତରିଆ ଯୋଡି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀର ଜିଲା ଠେଲ୍‌କାମୁଣ୍ଡାର ବିକାଶ ଛତ୍ରିଆ ଓ ଆଲୋକ ତରିଆ ଯୋଡି ଦ୍ୱିତୀୟ ଏବଂ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କେଉଟିପାଲିର ଶରତ ମହାଲିଙ୍ଗ ଓ ଅନଙ୍ଗ ତରିଆଙ୍କ ଯୋଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ପୁରୁଷୋତ୍ତମ ପାଣିଗ୍ରାହୀ, ଦୀପକ କୁମାର ମହାପାତ୍ର, ଗୋବିନ୍ଦ ମହାରଣା ଓ ଚକ୍ରାୟୁଧ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ପାଠାଗାର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସମ୍ପାଦକ ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ପାଠାଗାର କର୍ମକର୍ତ୍ତା ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ସାହୁ, ମଧୁସୂଦନ ପଧାନ ଓ ଗୋବିନ୍ଦ ନାଏକ ରେଫେରି ଦାୟିତ୍ୱ ତୁଲାଇଥିଲେ।


ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଆୟୋଜିତ ନୌକା ଚାଳନା ପ୍ରତିଯୋଗିତା।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ